# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୩/୨୦୨୦ (୧୨ ପୃଷ୍ଠା) | Bhubaneswar, Thursday, September 3/2020 | ★★★★

୪୬ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ

**କ୍ୟାବିନେଟ୍ ନିଷ୍ପତ୍ତି**
- କୁଳପତିଙ୍କ କାର୍ଯ୍ୟକାଳ ହେବ ୪ ବର୍ଷ
- ଉଚ୍ଛେଦ ହେଲା ସିନେଟ୍
- ଓପିଏସ୍‌ସି କରିବ ଶିକ୍ଷକ ନିଯୁକ୍ତି

ଭୁବନେଶ୍ୱର,୨।୯(ବ୍ୟୁରୋ)

ରାଜ୍ୟରେ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ ହେବ। ପୂର୍ବରୁ ପ୍ରଚଳିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୧୯୮୯କୁ ସଂଶୋଧନ କରାଯିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ସିନେଟ୍‌କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ। ସିଣ୍ଡିକେଟ୍ କର୍ତ୍ତୃପକ୍ଷର ପୁନର୍ଗଠନ କରାଯିବ। ଏହାଦ୍ୱାରା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ କାର୍ଯ୍ୟକାରିତା ସୁଚାରୁରୂପେ ସମ୍ପାଦନ ହୋଇପାରିବ। କୁଳପତି ଚୟନ କମିଟିର ପୁନର୍ଗଠନ କରାଯିବ। ଉକ୍ତ କମିଟିରେ ସିଣ୍ଡିକେଟର ଏକ ଚୟନ ସଭ୍ୟ ପରିବର୍ତ୍ତେ ରାଜ୍ୟ ସରକାରଙ୍କର ଏକ ପ୍ରତିନିଧିଙ୍କୁ ସାମିଲ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ କୁଳପତି ଚୟନରେ ରାଜ୍ୟ ସରକାରଙ୍କର ଭୂମିକା ରହିବ। ଏଥିସହିତ କୁଳପତିଙ୍କ କାର୍ଯ୍ୟକାଳ ଅବଧିକୁ ୪ ବର୍ଷ କିମ୍ବା ସର୍ବୋଚ୍ଚ ବୟସ ସୀମା ୬୫ରୁ ୬୭ ବର୍ଷକୁ ବୃଦ୍ଧି କରାଯାଇଛି। ବିଶ୍ୱବିଦ୍ୟାଳୟର ପଞ୍ଜୀକୃତ ଶିକ୍ଷକ ଓ ସ୍ନାତକ ବ୍ୟବସ୍ଥାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଣିକି ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକମାନଙ୍କର ନିଯୁକ୍ତି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଏବଂ ସିଲେକ୍ସନ ବୋର୍ଡ ଜରିଆରେ କରାଯିବ। ଏଥିସହିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯିବ ନାହିଁ। ଉକ୍ତ ରିପୋର୍ଟକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଶ୍ୱବିଦ୍ୟାଳୟଗୁଡ଼ିକର ୱେବ୍‌ସାଇଟରେ ୩ ବର୍ଷ ପାଇଁ ଉପଲବ୍ଧ ରହିବ। ଏଥିସହିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ☞ପୃଷ୍ଠା-୪

## ବଳରାମ ଯୋଜନାରେ ଭାଗଚାଷୀଙ୍କୁ ଋଣ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଚଳିତ ବର୍ଷ ଭଲ ବର୍ଷା ହୋଇଛି। ଭଲ ଅମଳ ମଧ୍ୟ ହେବ । ଯଦିଓ କିଛି ଜାଗାରେ ବର୍ଷା ପାଣି ଯୋଗୁ ସମସ୍ୟା ହୋଇଛି ତେବେ ରାଜ୍ୟର ସମସ୍ତ ଜିଲାରେ ଭଲ ବର୍ଷା ହୋଇଥିବାରୁ ଶସ୍ୟ ଉତ୍ପାଦନ ବଢିବ ବୋଲି ରାଜ୍ୟ ସରକାର ଆଶା କରିଛନ୍ତି। କେବଳ ଧାନ ନୁହେଁ, ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେଇଛନ୍ତି। ଚାଷୀଙ୍କ ଆୟ ବଢ଼ାଇବା ପାଇଁ ତୈଳବୀଜ, ଡାଲିଜାତୀୟ ଓ ଅନ୍ୟାନ୍ୟ ଫସଲ ଚାଷକୁ ଅଧିକ ପ୍ରାଧାନ୍ୟ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କୃଷି କ୍ୟାବିନେଟର ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

କୃଷିମନ୍ତ୍ରୀଙ୍କ ଅନୁପସ୍ଥିତିରେ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଚାଷୀମାନଙ୍କ ସୁବିଧା ଅସୁବିଧା ବିଷୟ କ୍ୟାବିନେଟକୁ ଅବଗତ କରାଯାଇଛି। ଚଳିତ ବର୍ଷ ରାଜ୍ୟରେ ୬୧.୬୧ ଲକ୍ଷ ☞ପୃଷ୍ଠା-୪

## କେନ୍ଦ୍ରୀୟ କର୍ମଚାରୀଙ୍କୁ ଆଗୁଆ ଅବସର ଦିଆଯାଇପାରିବ

ନୂଆଦିଲ୍ଲୀ,୨।୯

ଜନସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଚାହିଁଲେ କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ଆଗୁଆ ଅବସର ଦେଇପାରିବେ ବୋଲି ବୁଧବାର ସ୍ପଷ୍ଟ କରିଦେଇଛନ୍ତି। କର୍ମଚାରୀଙ୍କୁ ୫୦/୫୫ ବର୍ଷ ହେଲେ କିମ୍ବା ସେ ଚାକିରିରେ ୩୦ ବର୍ଷ ପୂରଣ କରିଥିଲେ, ସେମାନଙ୍କୁ ଅବସର ଦିଆଯାଇପାରିବ। ଏଥିପାଇଁ ସେମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବ ନାହିଁ, ଯାହା କି ପେନ୍‌ସନ ନିୟମ ପାଇଁ ଜରୁରୀ। ତେବେ ଏଫ୍‌ଆର୍ ୫୬(ଜେ) ଏବଂ ସିସିଏସ୍ (ପେନ୍‌ସନ)ନିୟମାବଳୀ, ୧୯୭୨ର ରୁଲ୍ ୪୮ ଅନୁଯାୟୀ ଯେଉଁ ସରକାରୀ କର୍ମଚାରୀମାନେ ଚାକିରିରେ ରହିବାକୁ ଯୋଗ୍ୟବିବେଚିତ ହେବେ, ସେମାନଙ୍କୁ ଅବଶିଷ୍ଟ ଚାକିରିର ଯେକୌଣସି ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜୀବେ ଦୟା**

# ପବ୍‌ଜି ସହ ୧୧୮ ଚାଇନା ଆପ୍ ବ୍ୟାନ୍

ନୂଆଦିଲ୍ଲୀ,୨।୯

ଭାରତ ଏବଂ ଚାଇନା ସୀମାରେ ଉତ୍ତେଜନା ଲାଗି ରହିଛି। ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଶତାଧିକ ଚାଇନା ଆପ୍ ଉପରେ କଟକଣା ଜାରି କରିବା ପରେ ସରକାର ବୁଧବାର ପୁଣି ମୋଟ ୧୧୮ ମୋବାଇଲ




ଆପ୍‌କୁ ବ୍ୟାନ କରିଦେଇଛନ୍ତି। ଏହା ମଧ୍ୟରେ ଲୋକପ୍ରିୟ ଗେମିଂ ଆପ୍ଲିକେଶନ ପବ୍‌ଜି (ପ୍ଲେୟର ଅନ୍‌ନୋନ୍ସ ବ୍ୟାଟେଲ ଗ୍ରାଉଣ୍ଡସ) ଏବଂ ଅନ୍ୟାନ୍ୟ ଆପ୍ ସାମିଲ ରହିଥିବା ଜଣାପଡିଛି। ଦେଶର ସାର୍ବଭୌମତ୍ୱ ଏବଂ ପ୍ରତିରକ୍ଷାକୁ ନଜରରେ ରଖି ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛନ୍ତି। ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଆଇନ ଧାରା ୬୯ଏ ଅନୁସାରେ ଆପ୍ଲିକେଶନଗୁଡିକୁ ବ୍ୟାନ କରାଯାଇଥିବା ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ଏହି ପଦକ୍ଷେପକୁ ଡିଜିଟାଲ ଷ୍ଟ୍ରାଇକ୍ କୁହାଯାଉଛି।

ବ୍ୟାନ ଆପ୍‌ଗୁଡିକ ମଧ୍ୟରେ ଆପସ୍ ଲଞ୍ଚର ପ୍ରୋ- ଥିମ, ଲାଇଭ ୱାଲ ପେପର ଏବଂ ସ୍ମାର୍ଟ, ଆପସ୍ ଲଞ୍ଚର- ଥିମ୍, କଲ୍ ଶୋ, ୱାଲ୍‌ପେପର, ହାଇଡ୍ ଆପ୍, ଆପସ୍ ସିକ୍ୟୁରିଟି- ଆଣ୍ଟି ଭାଇରସ, ଫୋନ ସିକ୍ୟୁରିଟି, କ୍ଲିନର, ଆପସ୍ ଟର୍ବୋ କ୍ଲିନର ୨୦୨୦- ଜଙ୍କ କ୍ଲିନର, ଆଣ୍ଟି ଭାଇରସ, ଆପସ୍ ଫ୍ଲାସ ଲାଇଟ- ଫ୍ର ଆଣ୍ଡ ବ୍ରାଇଟ, କଟ୍ କଟ୍- କଟ୍ ଆଉଟ ଏବଂ ଫଟୋ ବ୍ୟାକ୍‌ଗ୍ରାଉଣ୍ଡ ଏଡିଟର, ବାଇଡୁ, ବାଇଡୁ ଏକ୍ସପ୍ରେସ ଏଡିଶନ, ଫେସ୍‌ୟୁ- ଇନସ୍ୱାୟାର ୟୋର ବିୟୁଟି, ଶେୟାର ସେଭ୍ ବାଏ ସାଓମି- ଲାଟେଷ୍ଟ ଗ୍ୟାଜେଟ, ଆମାଜିଙ୍ଗ ଡିଲ୍ ସାମିଲ ରହିଛି। ଦେଶର ସାଇବର କ୍ଷେତ୍ର ଏବଂ ସଂହତିକୁ କ୍ଷତି ପହଞ୍ଚାଇଲା ଭଳି କାର୍ଯ୍ୟ ଏହି ଆପ୍‌ଗୁଡିକ କରୁଥିବା ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ☞ପୃଷ୍ଠା-୪

# ପୁରୀ ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍' ମାନ୍ୟତା ସୁପାରିସ କଲା କେନ୍ଦ୍ର




ପୁରୀ ଅଫିସ,୨।୯

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ବେଳାଭୂମି ପରିବେଶ ଏବଂ ସୌନ୍ଦର୍ଯ୍ୟ ପରିଚାଳନା ସେବା (ବିମ୍‌ସ) କାର୍ଯ୍ୟକ୍ରମ ଅଧୀନରେ 'ବ୍ଲୁ ଫ୍ଲାଗ୍' ମାନ୍ୟତା ପାଇବା ଲାଗି ଅନ୍ତର୍ଜାତୀୟ ଜୁରୀ (ଡେନ୍‌ମାର୍କ)କୁ ଦେଶର ୮ଟି ବେଳାଭୂମିର ନାଁ ସୁପାରିସ କରାଯାଇଛି। ଭାରତ ସରକାରଙ୍କ ପକ୍ଷରୁ ସୁପାରିସ ହୋଇଥିବା ☞ପୃଷ୍ଠା-୪

**ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର**

### ବ୍ଲ୍ୟୁ ଫ୍ଲାଗ୍ ପ୍ରମାଣନ କ'ଣ

ପରିବେଶ ଆଧାରରେ ବେଳାଭୂମି, ବନ୍ଦର ଅଞ୍ଚଳ କିମ୍ବା ବୋଟିଂ ଟୁରିଜିମ୍ ଅପରେଟରମାନଙ୍କୁ ବ୍ଲ୍ୟୁ ଫ୍ଲାଗ୍ ସାର୍ଟିଫିକେଟ ମିଳିଥାଏ। ଏହି ପ୍ରମାଣନ ଡେନମାର୍କର ଫାଉଣ୍ଡେଶନ ଫର୍ ଏନଭାଇରନ୍‌ମେଣ୍ଟାଲ ଏଜୁକେଶନ (ଏଫ୍‌ଇଇ) ପକ୍ଷରୁ ପ୍ରଦାନ କରାଯାଉଛି। ଏଥିପାଇଁ ସଂସ୍ଥା ଆବେଦନକାରୀଙ୍କ ନିମନ୍ତେ ପରିବେଶଗତ, ଶିକ୍ଷାଗତ, ସୁରକ୍ଷା ସମ୍ପର୍କିତ ମାନଦଣ୍ଡ ରଖିଛି। ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଗୁରୁବାର, ୩ ସେପ୍ଟେମ୍ବର, ୨୦୨୦

**ଅବସର ନେଲେ ଜଷ୍ଟିସ୍ ଅରୁଣ ମିଶ୍ର**

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଅରୁଣ ମିଶ୍ର ବୁଧବାର ଅବସର ଗ୍ରହଣ କରିଛନ୍ତି। ସର୍ବୋଚ୍ଚ ଅଦାଲତରେ ୬ ବର୍ଷ କାର୍ଯ୍ୟ କରିବା ଭିତରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ମାମଲାର ଶୁଣାଣି କରିଥିଲେ। ନିକଟରେ ଆଇନଜୀବୀ ପ୍ରଶାନ୍ତଭୂଷଣଙ୍କ ମାମଲାରେ ସେ ରାୟ ପ୍ରଦାନ କରିଥିଲେ।



# କର୍ମଯୋଗୀ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୨।୯**

ସରକାରୀ କର୍ମଚାରୀମାନଙ୍କ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ମିଶନ କର୍ମଯୋଗୀକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ସେମାନଙ୍କ ପାଇଁ ଭବିଷ୍ୟତରେ ସହାୟକ ହେବ। ସରକାରଙ୍କର ଏହା ସର୍ବବୃହତ୍ ମାନବ ସମ୍ବଳ ବିକାଶ ସଂସ୍କାର ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। କର୍ମଯୋଗୀ ମିଶନର ଶୀର୍ଷରେ ଏକ ଏଚ୍ଆର୍ କାଉନସିଲ ରହିବ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କାଉନ୍ସିଲରେ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ରହିବେ। ଏହାବ୍ୟତୀତ ବିଶିଷ୍ଟ ଚିନ୍ତାନାୟକ, ସାହିତ୍ୟିକ ଏବଂ ସିଭିଲ୍ ସର୍ଭିସ ନେତୃତ୍ୱ ମଧ୍ୟ ଏଥିରେ ସଦସ୍ୟ ରହିବେ। ବର୍ତ୍ତମାନର ପ୍ରଶାସନିକ


ପ୍ରକାଶ ଜାଭଡେକର

ଅଧିକାରୀମାନେ ଯେପରି ବିଶ୍ୱ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ସ୍ୱପ୍ନଦ୍ରଷ୍ଟା, ଇନୋଭେଟିଭ୍ ହେବା ସହ କର୍ତ୍ତବ୍ୟନିଷ୍ଠ, ବିନମ୍ର, ପେସାଦାରି ଏବଂ ପ୍ରଗତିଶୀଳ, ଉଦ୍ୟମୀ, ସ୍ୱଚ୍ଛ, ବୈଷୟିକ ଦୃଷ୍ଟିରୁ ସମର୍ଥ, ଗଠନମୂଳକ ଏବଂ ସୃଜନାତ୍ମକ ହେବାକୁ ପଡିବ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି କହିଛନ୍ତି। ମନ୍ତ୍ରୀ ଜାଭଡେକରଙ୍କ ସହ ସେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। କର୍ମଚାରୀମାନଙ୍କ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସାମର୍ଥ୍ୟ ବୃଦ୍ଧି କରିବା ମିଶନ କର୍ମଯୋଗୀର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେକ୍ସନ ଅଫିସରଙ୍କଠାରୁ ସଚିବ ପର୍ଯ୍ୟନ୍ତ ସମସ୍ତେ ଏହି ଯୋଜନାରେ ସାମିଲ ହେବେ।

## କଶ୍ମୀରୀ, ଡୋଗ୍ରୀ, ହିନ୍ଦୀ ହେବ ଜମ୍ମୁ-କଶ୍ମୀର ସରକାରୀ ଭାଷା

ବର୍ତ୍ତମାନର ଉର୍ଦ୍ଦୁ ଓ ଇଂଲିଶ ବ୍ୟତୀତ କଶ୍ମୀରୀ, ଡୋଗ୍ରୀ ଓ ହିନ୍ଦୀକୁ ଜମ୍ମୁ-କଶ୍ମୀରର ସରକାରୀ ଭାଷା ଭାବେ ବ୍ୟବହାର କରାଯାଇପାରିବ। ଏ ସମ୍ପର୍କିତ ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ପାର୍ଲାମେଣ୍ଟର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀର ସରକାରୀ ଭାଷା ବିଲ୍, ୨୦୨୦ ଉପସ୍ଥାପନ କରାଯିବ ବୋଲି ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି।

## ସୀମାକୁ ଅଧିକ ସୈନ୍ୟ ପଠାଇଲା ଭାରତ

ଗୁଆହାଟୀ,୨।୯: ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ ନୂଆଦିଲ୍ଲୀ ପୂର୍ବାଞ୍ଚଳ ଷ୍ଟ୍ରେଚ୍‌କୁ ଅଧିକ ଯବାନ ପଠାଇଛି। ପିପୁଲ୍‌ସ ଲିବରେଶନ ଆର୍ମିର ଅନ୍ୟ ଏକ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଅରୁଣାଚଳପ୍ରଦେଶର ଅନଜ ଜିଲାକୁ ଅଧିକ ସୈନ୍ୟ ପଠାଯାଇଛି।



## ପୋଲିସ ଗୁଳିରେ କୃଷ୍ଣକାୟ ହତ୍ୟା ଘଟଣା
# ଲସ୍ ଏଞ୍ଜେଲସ୍‌ରେ ବିକ୍ଷୋଭ

**ଲସ୍ ଏଞ୍ଜେଲସ୍,୨।୯**

ପୋଲିସ ଗୁଳିରେ କୃଷ୍ଣକାୟଙ୍କ ମୃତ୍ୟୁ ଘଟଣାରେ ଲସ୍ ଏଞ୍ଜେଲସ୍‌ରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ମଙ୍ଗଳବାର ବିକ୍ଷୋଭକାରୀ ଦକ୍ଷିଣ ଲସ୍ ଏଞ୍ଜେଲସ୍‌ରେ ଏକତ୍ର ହୋଇ ପୋଲିସ ଗୁଳିରେ ମୃତ୍ୟୁ ଘଟଣା ଉପରେ ଉତ୍ତର ଦାବି କରିଥିଲେ। ସୋମବାର କୃଷ୍ଣକାୟ ଯୁବକ ଡିଜନ କିଜି (୨୯) ସାଇକେଲ ଚଢ଼ି ଯାଉଥିଲାବେଳେ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ତାଙ୍କୁ ଅଟକାଇଥିଲା। ଏହାକୁ ନେଇ ଶେରିଫ୍‌ର ଡେପୁଟିମାନଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। କିଜି ଖସିପଳାଇବାକୁ ଚାହୁଁଥିବାବେଳେ ପୋଲିସ ତାଙ୍କୁ ଧରିନେଇଥିଲା। ସେ ଜଣେ ପୋଲିସଙ୍କୁ ମୁଥ ମାରିଥିଲେ। ଏହି ସମୟରେ ସେ ନେଇଯାଉଥିବା ପୋଷାକର ଏକ ବଣ୍ଡଲ ଖସିପଡ଼ିଥିଲା। ଉକ୍ତ ବଣ୍ଡଲରେ ସେମି ଅଟୋମେଟିକ୍ ହ୍ୟାଣ୍ଡଗନ୍ ଥିବା ପୋଲିସ ଦେଖିବାକୁ ପାଇଥିଲା। ଫଳରେ ପୋଲିସ ତାଙ୍କ ଉପରକୁ ଗୁଳି ଚଳାଇଥିଲା ବୋଲି ଲସ୍ ଏଞ୍ଜେଲସ୍ କାଉଣ୍ଟି ଶେରିଫ୍ ବିଭାଗ ପକ୍ଷରୁ କୁହାଯାଇଛି। ତେବେ କିଜି କେଉଁ ନିୟମ ଉଲ୍ଲଂଘନ କରିଥିଲେ ତାହା ଜଣାପଡ଼ିନାହିଁ। ମଙ୍ଗଳବାର ସନ୍ଧ୍ୟାରେ ଶତାଧିକ ବିକ୍ଷୋଭକାରୀ ଗୁଳିକାଣ୍ଡ ସ୍ଥଳରେ ଏକାଠି ହୋଇ ପୋଲିସ ଠାରୁ ଜବାବ ଚାହିଁଛନ୍ତି।

# ଅଧିବେଶନରୁ ପ୍ରଶ୍ନକାଳ ବାଦ୍‌କୁ ସମାଲୋଚନା

**ନୂଆଦିଲ୍ଲୀ,୨।୯(ପି.ଟି.)**

ଆଗାମୀ ମୌସୁମୀ ଅଧିବେଶନରୁ ପ୍ରଶ୍ନୋତ୍ତର କାଳକୁ ବାଦ୍ ଦିଆଯାଇଥିବାରୁ ଏହାକୁ ଅଧିକାଂଶ ବିରୋଧୀ ଦଳ ନେତା ସମାଲୋଚନା କରିଛନ୍ତି। ତେବେ ବିତର୍କରୁ ଓହରିଯିବା ଉଦ୍ଦେଶ୍ୟ ନୁହେଁ ବୋଲି ବୁଧବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ସମସ୍ତ ଅଣତାରକା ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସୁଯୋଗ ସୃଷ୍ଟି କରିବାକୁ ଉଭୟ ଗୃହର ପ୍ରିଜାଇଡିଂ ଅଫିସରଙ୍କୁ ଅନୁରୋଧ କରାଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। କରୋନା ମହାମାରୀ ଯୋଗୁ ଏଥର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଅଭୂତପୂର୍ବ ସ୍ଥିତିରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଶ୍ନୋତ୍ତର କାଳ ହେଲେ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ପାର୍ଲାମେଣ୍ଟକୁ ଆସିବାକୁ ପଡ଼ିବ। ଫଳରେ ପାର୍ଲାମେଣ୍ଟ



ପରିସର ଗହଳି ହେବ। ଏମ୍‌ପିମାନଙ୍କ ସୁରକ୍ଷା ପାଇଁ ପ୍ରଶ୍ନୋତ୍ତର କାଳ ରଖାଯାଇ ନ ଥିବା ଯୋଶୀ କହିଛନ୍ତି। ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ସରକାର ସମସ୍ତ ବିରୋଧୀ ଦଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ଓ ଅଧିକାଂଶ ଦଳ ପ୍ରଶ୍ନୋତ୍ତର କାଳ ନ କରିବା ପାଇଁ ରାଜି ହୋଇଥିଲେ। କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ସିପିଆଇ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ସରକାର କରୋନା ନାଁରେ ଗଣତନ୍ତ୍ରର ହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି ଏବଂ ପାର୍ଲାମେଣ୍ଟକୁ ଏକ ନୋଟିସ୍ ବୋର୍ଡରେ ପରିଣତ କରିବାକୁ ଚାହାନ୍ତି ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଓ ଆନନ୍ଦ ଶର୍ମା କହିଛନ୍ତି।

# ପିଏମ୍ କେୟାର୍ସକୁ ପ୍ରଥମ ୫ ଦିନରେ ମିଳିଥିଲା ୩,୦୭୬ କୋଟି

**ନୂଆଦିଲ୍ଲୀ,୨।୯**

ପିଏମ୍ କେୟାର୍ସ ପାଣ୍ଠି ଗଠନ ହେବାର ପ୍ରଥମ ୫ ଦିନରେ ୩,୦୭୬ କୋଟି ଟଙ୍କା ଗ୍ରହଣ କରିଥିଲା ବୋଲି ସରକାରଙ୍କ ପକ୍ଷରୁ ଏକ ଅଡିଟ୍ ବିବୃତି ସର୍ବସାଧାରଣରେ ପ୍ରକାଶ ପାଇଛି। ମାର୍ଚ୍ଚ ୨୭ରେ ପିଏମ୍-କେୟାର୍ସ ଗଠନ ହୋଇଥିଲା ଏବଂ ୩୧ ତାରିଖ ମଧ୍ୟରେ ଉପରୋକ୍ତ ରାଶି ସଂଗୃହୀତ ହୋଇଥିଲା। ସେଥିରୁ ୩,୦୭୫.୮୫ କୋଟି ଟଙ୍କା ଘରୋଇ ସ୍ୱେଚ୍ଛାସେବୀମାନେ ଦାନ କରିଥିବାବେଳେ ୩୯.୬୭ ଲକ୍ଷ ଟଙ୍କା ବିଦେଶୀ ଅନୁଦାନ ଥିଲା। ପିଏମ୍ କେୟାର୍ସର ପ୍ରାରମ୍ଭିକ ରାଶି ୨.୨୫ ଲକ୍ଷ ଟଙ୍କା ଥିଲା ଓ ପାଖାପାଖି ୩୫ ଲକ୍ଷ ଟଙ୍କା


ପି. ଚିଦାମ୍ବରମ

ସୁଧ ମିଳିଛି। ଏହି ଅଡିଟ୍ ବିବୃତି ପିଏମ୍ କେୟାର୍ସ ପାଣ୍ଠି ୱେବ୍‌ସାଇଟରେ ପ୍ରକାଶ ପାଇଛି। ତେବେ କେଉଁ ଘରୋଇ ଓ ବିଦେଶୀ ଦାତା ଉକ୍ତ ପାଣ୍ଠିକୁ ଦାନ କରିଛନ୍ତି, ତାହା ଉଲ୍ଲେଖ କରାଯାଇନାହିଁ। ଏହାକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ପ୍ରଶ୍ନ କରିଛନ୍ତି। ଦାତାଙ୍କ ନାମ ଜଣାଅଛି। ଟ୍ରଷ୍ଟିମାନେ କ'ଣ ପାଇଁ ସେମାନଙ୍କ ନାଁ ପ୍ରକାଶ କରିବାକୁ ଭୟ କରୁଛନ୍ତି ବୋଲି ଚିଦାମ୍ବରମ୍ ଟୁଇଟ୍ କରିଛନ୍ତି।

କରୋନା ମହାମାରୀ ପାଇଁ ପିଏମ୍ କେୟାର୍ସ ପାଣ୍ଠିରେ ସଂଗୃହୀତ ଅର୍ଥକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନ୍‌ଡିଆର୍‌ଏଫ୍)କୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ନାହିଁ ବୋଲି ଗତମାସରେ ସୁପ୍ରିମକୋର୍ଟ କହିଥିଲେ। ପିଏମ୍ କେୟାର୍ସ ପାଣ୍ଠି ଏକ ଦାତବ୍ୟ ଟ୍ରଷ୍ଟ ହୋଇଥିବାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ତେବେ ସରକାର ଯଦି ଠିକ୍ ଅନୁଭବ କରନ୍ତି ତେବେ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ଅର୍ଥ ହସ୍ତାନ୍ତର କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।

# ଏନ୍‌ଡିଏରେ ଯୋଗଦେଲେ ମାନ୍‌ଝି

**ନୂଆଦିଲ୍ଲୀ,୨।୯(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହୋଇଛନ୍ତି। ତାଙ୍କର ଆଗମନକୁ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)କୁ ଅସନ୍ତୁଷ୍ଟ କରିଛି। ଏହି ଦଳ ଆସନ୍ତା ସପ୍ତାହରେ ଏହାର ରାଜ୍ୟ ସଂସଦୀୟ ବୋର୍ଡ ବୈଠକ ଡାକିଛି। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସହ ଏଲ୍‌ଜେପିର ସମ୍ପର୍କ ବିଗିଡିବାରେ ଲାଗିଛି। ୭ ତାରିଖରେ ବସିଥିବା ବୋର୍ଡ ସଦସ୍ୟଙ୍କ ବୈଠକରେ ଜେଡିୟୁ ବିରୋଧରେ ପ୍ରାର୍ଥୀ


ଜିତନ ରାମ ମାନ୍‌ଝି

ଦେବା ସମ୍ପର୍କରେ ଏଲ୍‌ଜେପି ନିଷ୍ପତ୍ତି ନେଇପାରେ ବୋଲି ଜଣାପଡ଼ିଛି। ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଦଳ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରୁଥିବାବେଳେ ନୀତୀଶଙ୍କ ବିରୋଧ କରିଆସୁଛି।

## Business

# ଜରିମାନା ଲଗାଇ ପାରିବେନି ବ୍ୟାଙ୍କ

**ମୋରାଟୋରିୟମ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ**

**ନୂଆଦିଲ୍ଲୀ,୨।୯**

କରୋନା ସମୟରେ ଋଣ କିସ୍ତି ପଇଠ କରିବାକୁ ଲୋକମାନେ ଅସୁବିଧା ସାମ୍ନା କରୁଛନ୍ତି। ସମସ୍ୟା ସମାଧାନ କରିବାକୁ ସରକାର ମୋରାଟୋରିୟମ ସୁବିଧା ଦେଇଛନ୍ତି। ହେଲେ ଏହା ଲୋକଙ୍କର ଠିକ୍ ଉପକାରରେ ଆସିପାରୁନାହିଁ। ଏ ସଂକ୍ରାନ୍ତ ଆବେଦନର ଶୁଣାଣି ସୁପ୍ରିମକୋର୍ଟ କରୁଛନ୍ତି। ବୁଧବାର ଏହି ମାମଲା ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଋଣ ପୁନର୍ଗଠନ କରିବା ଲାଗି ବ୍ୟାଙ୍କଗୁଡିକ ନିକଟରେ ସ୍ୱାଧୀନତା ରହିଛି। ହେଲେ କୋଭିଡ୍-୧୯ ପାଇଁ ଘୋଷଣା କରାଯାଇଥିବା ମୋରାଟୋରିୟମ ଯୋଜନାରେ ବିଳମ୍ବ କିସ୍ତି ଦେୟ କ୍ଷେତ୍ରରେ ବ୍ୟାଙ୍କଗୁଡିକ ସୁଧ ଲାଗୁ କରିପାରିବେ ନାହିଁ। ସୁଧ ଉପରେ ପୁଣି ସୁଧ ଲାଗୁ କରିବା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ହୋଇଥିବା ବିଭିନ୍ନ ଆବେଦନ ଉପରେ ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ଚୂଡ଼ାନ୍ତ ଶୁଣାଣି କରି ଏଭଳି ରାୟ ଦେଇଛନ୍ତି।

ଆବେଦନକାରୀ ଗଜେନ୍ଦ୍ର ଶର୍ମାଙ୍କ



ଆବେଦନ ପକ୍ଷ ରଖି ବରିଷ୍ଠ ଆଇନଜୀବୀ ରାଜୀବ ଦତ୍ତ ବ୍ୟାଙ୍କଗୁଡିକର ମନମୁଖୀ କାର୍ଯ୍ୟ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଯେତେବେଳେ ମୋରାଟୋରିୟମ ସୁବିଧା ଘୋଷଣା କରାଗଲା ଲୋକମାନେ ଭାବିଥିଲେ ଏହା ଦ୍ୱାରା ଫାଇଦା ହେବ। ୬ ମାସ ଯାଏ ଋଣ କିସ୍ତି ଶୁଝିବାକୁ ପଡିବ ନାହିଁ। ମାତ୍ର ବ୍ୟାଙ୍କଗୁଡିକ ଯେତେବେଳେ ଲୋକଙ୍କଠାରୁ ସୁଧ ଉପରେ ସୁଧ ନେବା ଆରମ୍ଭ କଲେ ସେତେବେଳ ଏହା ଗ୍ରାହକଙ୍କୁ ଅସହ୍ୟ ହେଲା ବୋଲି ଶର୍ମା ନ୍ୟାୟାଳୟଙ୍କୁ କହିଛନ୍ତି। ଆବେଦନକାରୀ ଋଣ କିସ୍ତି ପଇଠ କରିବାରେ କେବେ ହେଳା କରିନାହାନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ମୋରାଟୋରିୟମ ସୁବିଧା ନେଲେ ବ୍ୟାଙ୍କଗୁଡିକ କାହିଁକି ସୁଧ ଉପରେ ସୁଧ ଲାଗୁ କରିବେ ବୋଲି ସେ ଯୁକ୍ତି ବାଢିଥିଲେ। ଦତ୍ତ ପୁଣି କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଏକ ନିୟାମକ। ବ୍ୟାଙ୍କଗୁଡିକର ଏଜେଣ୍ଟ ନୁହେଁ। କୋଭିଡ୍ ସମୟରେ କାହିଁକି ଋଣ ଗ୍ରହିତାଙ୍କୁ ବ୍ୟାଙ୍କଗୁଡିକ ଜରିମାନା ଲାଗୁ କରୁଛନ୍ତି। ବର୍ତ୍ତମାନ ସରକାର କହୁଛନ୍ତି ଋଣ ପୁନର୍ଗଠନ କରାଯାଉଛି। ଋଣ ପୁନର୍ଗଠନ କରାଯାଉ ମାତ୍ର ସଙ୍କୋଟ ଋଣ ଗ୍ରହିତାଙ୍କୁ କାହିଁକି ଜରିମାନା ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

କନ୍‌ଫେଡେରେଶନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ (କ୍ରେଡାଇ)ର ପକ୍ଷ ରଖି ବରିଷ୍ଠ ଆଇନଜୀବୀ ସି.ଏ.ସୁନ୍ଦରମ ଖଣ୍ଡପୀଠଙ୍କୁ କହିଛନ୍ତି ଯେ, ମୋରାଟୋରିୟମ ଅନ୍ତତଃ ପକ୍ଷେ ୬ ମାସ ବୃଦ୍ଧି ହେବା ଆବଶ୍ୟକ। ଏହି ମାମଲାର ପକ୍ଷ ରଖି ମଙ୍ଗଳବାର ସରକାର କହିଥିଲେ ଯେ, ମୋରାଟୋରିୟମ ଅବଧିକୁ ୨ ବର୍ଷ ପର୍ଯ୍ୟନ୍ତ ବଢାଯାଇ ପାରିବ। ରିଜର୍ଭ ବ୍ୟାଙ୍କ ଋଣ ମୋରାଟୋରିମକୁ ୨ ବର୍ଷ ପର୍ଯ୍ୟନ୍ତ ବଢାଇବା ଦିଗରେ ପଦକ୍ଷେପ ନେବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ନ୍ୟାୟାଳୟଙ୍କୁ କହିଥିଲେ। ମୋରାଟୋରିୟମ ସମୟରେ ସୁଧ ନେବା ଏବଂ ସୁଧ ଉପରେ ସୁଧ ପ୍ରସଙ୍ଗକୁ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି।

# ହୋଣ୍ଡା ଟୁ-ହ୍ୱିଲର୍ସର ଅଗଷ୍ଟ ବିକ୍ରି ୪ଲକ୍ଷ ଟପିଲା

**ନୂଆଦିଲ୍ଲୀ,୨।୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୨୦୨୦ ଅଗଷ୍ଟ ମାସର ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହି ମାସରେ ମୋଟ ୪,୪୩,୯୬୯ ୟୁନିଟ ଗାଡି ବିକ୍ରି କରିଛି। ସେଥି ମଧ୍ୟରୁ ଦେଶ ଭିତରେ ୪,୨୮,୨୩୧ ୟୁନିଟ ଗାଡି ବିକ୍ରି ହୋଇଥିବା ବେଳେ ବିଦେଶକୁ ୧୫,୭୩୮ ଟି ଗାଡି ରପ୍ତାନି କରାଯାଇଛି। ପ୍ରଥମ ଥର ପାଇଁ ୨୦୨୦-୨୧ ଆର୍ଥିକ ବର୍ଷର ନିର୍ଦ୍ଦିଷ୍ଟ ସମୟରେ କମ୍ପାନୀର ବିକ୍ରି ୪ଲକ୍ଷ ୟୁନିଟରୁ ଅଧିକ ରହିଛି। କମ୍ପାନୀ ବିକ୍ରିରେ ୧% ଅଭିବୃଦ୍ଧି ହାସଲ କରୁଥିବା ସୂଚନା ମିଳିଛି। ସମସ୍ତ ଅଂଶୀଦାରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହାର ଉତ୍ପାଦନକୁ ବିଭିନ୍ନ ପାହାଚରେ ବୃଦ୍ଧି ଘଟାଇ ପାରିଛି। ସେହିଭଳି ହୋଣ୍ଡାର ବିକ୍ରି ୨୦୨୦ ଜୁଲାଇ ତୁଳନାରେ ଅଗଷ୍ଟ ମାସରେ ପ୍ରାୟ ୩୮% ବୃଦ୍ଧି ପାଇଛି। କମ୍ପାନୀ କ୍ରମାଗତ ଭାବରେ ୩ୟ ମାସ ପାଇଁ ଦେଶ ଭିତରେ ୧ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ ବିକ୍ରି କରିପାରଛି। ୨୦୨୦ ଜୁନରେ ୨.୦୨ ଲକ୍ଷ, ଜୁଲାଇରେ ୩.୦୯ ଲକ୍ଷ ଏବଂ ଅଗଷ୍ଟରେ ୪.୨୮ ଲକ୍ଷ ୟୁନିଟ ଗାଡି ବିକ୍ରି ହୋଇପାରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି-ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ଅଗଷ୍ଟରେ କମ୍ପାନୀର ୯୦% ନେଟୱର୍କ ଅଂଶୀଦାର କାରବାରକୁ ଫେରିଛନ୍ତି। ଫଳରେ ପ୍ରଥମ ଥର ପାଇଁ ହୋଣ୍ଡାର ଘରୋଇ କ୍ଷେତ୍ରର ବିକ୍ରି ୪ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ଯାହା କମ୍ପାନୀର ସବୁ ବର୍ଗ ପାଇଁ ଏହା ବେଶ ଉତ୍ସାହ ସୃଷ୍ଟି କରିବ ବୋଲି ସେ ମତ ଦେଇଛନ୍ତି।

# ରିଲାଏନ୍ସ ଡିଜିଟାଲରେ ମିଳିବ ସାମ୍‌ସଙ୍ଗ ଏସ୍୭ ଓ୍ୱାଇଫାଇ

**ମୁମ୍ବାଇ,୨।୯**

ସାମ୍‌ସଙ୍ଗର ବହୁ ପ୍ରତୀକ୍ଷିତ ସାମ୍‌ସଙ୍ଗ ଗ୍ୟାଲାକ୍ସି ଟ୍ୟାବ୍ ଏସ୍୭ ଏବଂ ଏସ୍ ୭+ ଭାରତ ବଜାର ପ୍ରବେଶ ରିଲାଏନ୍ସ ଡିଜିଟାଲ ଶୋ'ରୁମ୍‌ରେ କରାଯିବ। କମ୍ପାନୀର ଏହି ଏସ୍ ସିରିଜ ଫୋନ୍‌ଗୁଡିକ ଭାରତର ପ୍ରମୁଖ ରିଟେଲ ଷ୍ଟୋର ରିଲାଏନ୍ସ ଡିଜିଟାଲରେ ଉପଲବ୍ଧ ବୋଲି ସୂଚନା ମିଳିଛି। ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋରରେ ଏହି ଫୋନଗୁଡିକ ଆକର୍ଷଣୀୟ ଦରରେ ଗ୍ରାହକମାନଙ୍କୁ ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୂଆ ସାମ୍‌ସଙ୍ଗ ଗ୍ୟାଲାକ୍ସିର ଏସ୍ ସିରିଜ ମଡେଲରେ ବିଭିନ୍ନ ସୁବିଧା ସହ ୧୨୦ ଏଚ୍‌ଜେଡ୍ ଡିସପ୍ଲେ ସହ ପାୱାର ଫୁଲ ସ୍ନାପ୍‌ଡ୍ରାଗନ ୮୬୫ ପ୍ରୋସେସର, ଡଲବୀ ଆଟମ୍ସ, କ୍ୱାଡ ସ୍ପିକର, ଅଲ୍‌ଟ୍ରା ଲୋ ଲାଟେନ୍ସି ପେନ୍ ସହ ଅନେକ କିଛି ସୁବିଧା ରହିଛି। ସେହିଭଳି ଏହି ଏସ୍ ସିରିଜର ବିଭିନ୍ନ ମଡେଲ ମୂଲ୍ୟ ୫୫,୯୯୯ ଟଙ୍କାରୁ ୭୯,୯୯୯ ଟଙ୍କା ପର୍ଯ୍ୟନ୍ତ ରହିଛି।

# ସୋନି ବ୍ରାଭିଆ ଏକ୍ସ ୯୦୦୦ ଏଚ୍ ସିରିଜ

**ନୂଆଦିଲ୍ଲୀ,୨।୯**

ସୋନି ଇଣ୍ଡିଆ ପକ୍ଷରୁ ୪କେ ଏଚ୍‌ଡିଆର ଫୁଲ୍ ଆରେ ଏଲ୍‌ଇଡି ଡିସପ୍ଲେ ସହିତ ନୂତନ ବ୍ରାଭିଆ ଏକ୍ସ ୯୦୦୦ ଏଚ୍ ଟେଲିଭିଜନ ସିରିଜର ଶୁଭାରମ୍ଭ କରାଯାଇଛି। ସୋନିର ନୂତନ ୪କେ ଏଚ୍‌ଡିଆର ୯୦୦୦ ଏଚ୍ ଟିଭି ସିରିଜର ୧୬୫ ସିଏମ୍ (୬୫) ଏବଂ ୧୪୦ ସିଏମ୍ (୫୫) ରେ ଉପଲବ୍ଧ ହେଉଛି। ଏଥିରେ ପ୍ରତ୍ୟେକ ଦୃଶ୍ୟରେ ଅଧିକ ନିଖୁଣତା ଦେଖିବା ପାଇଁ ଏକ୍ସ୧ଟିଏମ୍ ୪କେ ଏଚ୍‌ଡିଆର୍ ପିକ୍‌ଚର ପ୍ରୋସେସର ରହିଛି। ଏକ୍ସ-ଟେଣ୍ଡେଡ ଡାଇନାମିକ ରେଞ୍ଜ ଦ୍ୱାରା ଚାଳିତ ନୂତନ ଏକ୍ସ ୯୦୦୦ଏଚ୍ ଅଧିକ ବାସ୍ତବ ଫରକ ଦେଇଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏକ୍ସ ୯୦୦୦ଏଚ୍ ଅତି ନିମ୍ନ ୭.୨ଏମ୍‌ଏସ୍ ଇନ୍‌ପୁଟ ଲାଗ୍‌ରେ ୧୨୦ ଏଫ୍‌ପିଏସରେ ୪କେ ରିଜୋଲ୍ୟୁସନ ପର୍ଯ୍ୟନ୍ତ ଗେମ୍ ପ୍ଲେ ଇମେଜ୍ ଡିସପ୍ଲେ କରି ଏକ ଅତ୍ୟନ୍ତ ସୁଗମ ଗେମିଂ ଅଭିଜ୍ଞତା ପ୍ରଦାନ କରିଛି। ଏହି ରେଡି ଫର୍ ପ୍ଲେ ଷ୍ଟେସନ ଟିଭି ମଡେଲରେ ମଧ୍ୟ ବ୍ରାଭିଆ ଗେମ୍ ମୋଡ୍‌ର ସୁବିଧା ଦେଇଛି। ଯାହାକି ଉପଭୋକ୍ତାଙ୍କୁ ନିମ୍ନ ଲାଟେନ୍ସିରେ ପିଏସ୍୫ କନ୍‌ସୋଲରେ ସ୍ୱୟଂଚାଳିତ ଭାବରେ ଗେମ୍ ଖେଳିବାକୁ ଅନୁମତି ଦେଇଥାଏ।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବ ଫୋନ୍‌ପେ

**ନୂଆଦିଲ୍ଲୀ,୨।୯**

ପ୍ରମୁଖ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଫୋନ୍‌ପେ ପକ୍ଷରୁ ଆସନ୍ତା ୧ବର୍ଷ ମଧ୍ୟରେ ଦେଶର ପ୍ରାୟ ୨୫ନିୟୁତରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସଶକ୍ତ କରାଇବା ଲାଗି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। କମ୍ପାନୀ ଏହି ସବୁ କିରାନା ଦୋକାନଗୁଡିକୁ ନିଜର ଫୋନ୍‌ପେ ଫର ବିଜ୍‌ନେସ ଆପ୍‌ରେ ଅର୍ନ୍ତଭୁକ୍ତ କରିବାକୁ ଯୋଜନା କରିଛି। ବ୍ୟବସାୟୀଙ୍କୁ ତତ୍କ୍ଷଣାତ ପେମେଣ୍ଟ ସୁନିଶ୍ଚିତତା ସହ ରସିଦ ଏବଂ ସମନ୍ୱୟ ପ୍ରଦାନ କରାଯିବ।

# ସହରାଞ୍ଚଳ ପାଇଁ ଆସିପାରେ କର୍ମନିଯୁକ୍ତି ଯୋଜନା

**ନୂଆଦିଲ୍ଲୀ,୨।୯**

ସରକାର ସହରାଞ୍ଚଳଗୁଡିକ ପାଇଁ ନୂଆ କର୍ମନିଯୁକ୍ତି ଯୋଜନା ହାତକୁ ନେଇ ପାରନ୍ତି। ମହାମାରୀ ଯୋଗୁ ନିଯୁକ୍ତି ହରାଇଥିବା ସହରାଞ୍ଚଳର ଶ୍ରମିକଙ୍କ ଲାଗି ଗ୍ରାମାଞ୍ଚଳରେ ଲାଗୁ ହେଉଥିବା ପ୍ରମୁଖ ନିଯୁକ୍ତି ଯୋଜନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ସରକାର ବିଚାର କରୁଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଛୋଟ ଛୋଟ ସହରଗୁଡିକ ଲାଗି ଏହି ଯୋଜନା ଆସିବ। ପ୍ରସ୍ତାବକୁ ଚୂଡ଼ାନ୍ତ ମଞ୍ଜୁରୀ ମିଳିଲେ ଏଥି ଲାଗି ପ୍ରାୟ ୩୫ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ବାସଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

ଗତ ବର୍ଷ ଠାରୁ ଏହି ଯୋଜନା ସମ୍ପର୍କରେ ସରକାର ବିଚାର ବିମର୍ଶ କରୁଛନ୍ତି। ମହାମାରୀ ଯୋଗୁ ସ୍ଥିତି ବିଗିଡିଥିବାରୁ ସରକାର ଏ ନେଇ ବେଶି ଯତ୍ନଶୀଳ ହୋଇ ପଡିଛନ୍ତି। ସରକାର ବର୍ତ୍ତମାନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ଦ୍ୱାରା ଲୋକଙ୍କୁ ୧୦୦ ଦିନର କାମ ମିଳୁଛି। ଏଥି ଲାଗି ୨୦୨ ଟଙ୍କାର ଦୈନିକ



ମଜୁରୀ ଧାର୍ଯ୍ୟ ହୋଇଛି। ସହରାଞ୍ଚଳ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେଲେ କିଛି ଲୋକ ଲାଭବାନ ହେବେ ବୋଲି ସରକାର ବିଚାର କରୁଛନ୍ତି। ଗ୍ରାମାଞ୍ଚଳରେ ଲାଗୁ ହେଉଥିବା ଯୋଜନାର ଲାଭ ପ୍ରାୟ ୨୭୦ ନିଯୁତ ଲୋକ ଉଠାଉଛନ୍ତି। ସହରରୁ ଫେରିଥିବା ଶ୍ରମିକମାନେ ଏହି ଯୋଜନା ଦ୍ୱାରା କାମ ପାଉଛନ୍ତି।

## ମିଶନ କର୍ମଯୋଗୀ ଶୁଭାରମ୍ଭକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବୁଧବାର ବସିଥିବା କ୍ୟାବିନେଟ୍ ବୈଠକରେ 'ମିଶନ କର୍ମଯୋଗୀ' ଶୁଭାରମ୍ଭ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏହି ନିଷ୍ପତ୍ତି ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ସହ 'ମିଶନ କର୍ମଯୋଗୀ'ର ଶୁଭାରମ୍ଭ ତଥା ପ୍ରଶାସନିକ ସେବାରେ ସଂସ୍କାର ଭବିଷ୍ୟତରେ ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ଗଠନମୂଳକ, ଅଭିନବ ଓ ପ୍ରଗତିଶୀଳ ହୋଇ ଜନସେବା କରିବା ପାଇଁ ଉତ୍ସାହ ଦେବ ଏବଂ ସହଯୋଗ କରିବ। ତୃଣମୂଳ ସ୍ତରରେ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବ, ସରକାରୀ ଅନୁଷ୍ଠାନକୁ ମଜବୁତ୍ କରିବ।




## ୭ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୩୨୦୫.୬୭ କୋଟି

**ଭୁବନେଶ୍ୱର,୨।୯(ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଷ୍ଟେଟ ଲେଭେଲ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସଡବ୍ଲୁସିଏ)ବୈଠକରେ ୭ ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଗୁଡ଼ିକର ମୋଟ ମୂଲ୍ୟ ୩୨୦୫.୬୭ କୋଟି ଟଙ୍କା। ଏହାଦ୍ୱାରା ୨୪୯୪ଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଡିଜିଟାଲ୍ ପ୍ଲାଟଫର୍ମରେ ଅନୁଷ୍ଠିତ

**ଏସ୍‌ଏଲ୍‌ଏସଡବ୍ଲୁସିଏ ବୈଠକ**

ବୈଠକରେ ଶିଳ୍ପ ବିଭାଗ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଢେଙ୍କାନାଳ ଜିଲା ନିମଧାସ୍ଥିତ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ସମ୍ପ୍ରସାରଣ ସମ୍ପର୍କିତ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ପାଇଁ ମୋଟ ୮୦୧.୮୯ କୋଟି ଟଙ୍କା ଖର୍ଚ୍ଚ ହେବାସହ ୧୨୧୫ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଢେଙ୍କାନାଳ ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍‌ର ସମ୍ପ୍ରସାରଣକୁ ଅନୁମୋଦନ ମିଳିଛି।

## କରୋନା ସଂକ୍ରମଣ ସ୍ଥିତି
(ବୁଧବାର ରାତି ୯ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୦୦୬,୦୦୦ | ୮,୬୩,୦୭୯ | ୧୮,୨୭୭,୦୫୬ |
| ଭାରତ | ୩,୮୨୩,୪୪୯ | ୬୭,୧୫୫ | ୨୯,୪୬,୯୨୦ |
| ଓଡ଼ିଶା | ୧,୦୯,୭୮୦ | ୫୧୫(+୫୩) | ୮୪,୦୭୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଖୋର୍ଦ୍ଧା ସ୍ଥିତି ଗମ୍ଭୀର

- ସଂକ୍ରମଣରେ ଗଞ୍ଜାମକୁ ଟପିଯିବ
- ରାଜ୍ୟରେ ଆଉ ୩,୨୧୯ ଚିହ୍ନଟ, ୧୧ ମୃତ, ୩୩୦୩ ସୁସ୍ଥ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ରାଜ୍ୟରେ ଏବେ କିଛିଦିନ ହେବ ସଂକ୍ରମଣ ୩ହଜାର ଉପରେ ରହୁଛି। ଗଞ୍ଜାମ ନିୟନ୍ତ୍ରଣକୁ ଆସିବାବେଳକୁ ଖୋର୍ଦ୍ଧା ଜିଲା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ରାଜ୍ୟର ଅନ୍ୟ ଜିଲା ଓ ସହରରେ ସଂକ୍ରମଣ ବଢ଼ୁଥିଲା ସେତେବେଳେ ଭୁବନେଶ୍ୱର ସମେତ ସାରା ଜିଲାରେ କମ୍ ସଂଖ୍ୟାରେ ଆକ୍ରାନ୍ତ ବାହାରୁଥିଲେ। ହେଲେ କଟକଣା କୋହଳ ହେବାପରଠାରୁ ସବୁଯେମିତି କୋହଳ ହୋଇଗଲା, ଯାହା କରୋନା ସଂକ୍ରମଣ ପାଇଁ ସୁଯୋଗ ପାଲଟିଲା। ଏବେ ସ୍ଥିତି ଏପରି ହେଲା ସଂକ୍ରମଣରେ ଖୋର୍ଦ୍ଧା ଶୀର୍ଷକୁ ଚାଲି ଆସିଥିବାବେଳେ କେବଳ ଗତ ୫ଦିନରେ ଏହି ଜିଲାରୁ ୩,୪୫୯ ଆକ୍ରାନ୍ତ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୩,୨୧୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୭୩୧ଜଣ ରହିଛନ୍ତି। ସେହିପରି କଟକରୁ ୪୦୦, ପୁରୀ ୨୧୭, ବାଲେଶ୍ୱର ୧୯୪, ବରଗଡ଼ ୧୮୫, ଗଞ୍ଜାମ ୧୬୯, ମୟୂରଭଞ୍ଜ ୧୩୭, ଯାଜପୁର ୧୧୭, କେନ୍ଦୁଝର ୧୦୨, କୋରାପୁଟ ୯୦, ଭଦ୍ରକ ୮୭, ସମ୍ବଲପୁର ୭୮, ଅନୁଗୋଳ ୬୬, ନୟାଗଡ଼ ୬୨, ଜଗତ୍‌ସିଂହପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରୁ ୬୦ଜଣ ଲେଖାଏ, କେନ୍ଦ୍ରାପଡ଼ା ୫୭, ନବରଙ୍ଗପୁର ୫୫, ନୂଆପଡ଼ା ୪୯, ଢେଙ୍କାନାଳ ଓ କଳାହାଣ୍ଡିରୁ ୩୭ଜଣ ଲେଖାଏ, ବୌଦ୍ଧ ୩୬, କନ୍ଧମାଳ ୩୨, ଗଜପତି ୨୭, ସୋନପୁର ୨୬, ରାୟଗଡ଼ା ୨୫, ମାଲକାନଗିରି ୧୩ ଓ ବଲାଙ୍ଗୀରରୁ ୧୦ଜଣ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୧,୦୯,୭୮୦ରେ ପହଞ୍ଚିବାବେଳେ ଗଞ୍ଜାମରେ ୧୮,୨୩୮, ଖୋର୍ଦ୍ଧାରେ ୧୮,୧୫୫ ଓ ତୃତୀୟ ସ୍ଥାନରେ ଥିବା କଟକରେ ସଂକ୍ରମଣ ୮,୯୯୪ ଛୁଇଁଛି। ତେବେ ଖୋର୍ଦ୍ଧାରେ ଏପରି ସ୍ଥିତି ଜାରି ରହିଲେ ଆକ୍ରାନ୍ତଙ୍କ ସଂଖ୍ୟାରେ ଗଞ୍ଜାମକୁ ଟପିଯିବାକୁ ଆଉ ବେଶି ଡେରି ହେବନି।

# 'ଆୟକର ପ୍ରଶାସନକୁ ପାରଦର୍ଶୀ କରିବ ନୂଆ ବ୍ୟବସ୍ଥା'

**ଭୁବନେଶ୍ୱର,୨।୯**

**ପିଆଇବି ପକ୍ଷରୁ 'ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ' ଶୀର୍ଷକ ୱେବିନାର**

ଲୋକ ଚରିତ୍ର ମହାନ୍ ହେଲେ ପ୍ରଶାସନିକ କଟକଣା ଓ ଆଇନର ଛାଟ ଅନାବଶ୍ୟକ। ଟିକସ ପଇଠ କରିବାକୁ ସକ୍ଷମ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାର ଆବଶ୍ୟକତା ରହିଛି। ନୂଆ ବ୍ୟବସ୍ଥା ଆୟକର ପ୍ରଶାସନକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ସହ କରଦାତାଙ୍କ ସଂଖ୍ୟା ବୃଦ୍ଧି ଦିଗରେ ସହାୟକ ହେବ। ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ଭୁବନେଶ୍ୱର ପକ୍ଷରୁ 'ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ' ଶୀର୍ଷକ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏହା କହିଛନ୍ତି।

ଷଡ଼ଙ୍ଗୀ କହିଛନ୍ତି ଯେ, ବିଜ୍ଞାନସମ୍ମତ ଡିଜିଟାଲ ବ୍ୟବସ୍ଥା କୌଣସି ବ୍ୟକ୍ତିଙ୍କୁ ସଙ୍କୋଚ କରିପାରିବ ନାହିଁ। ସ୍ୱେଚ୍ଛାକୃତ ଭାବେ ଟିକସ ପଇଠ କରି ଜଣେ ନିଜକୁ ଦାୟିତ୍ୱବାନ୍ ନାଗରିକ ଭାବେ ଗଢ଼ି ତୋଳିବା ସହ ଦେଶର ଅଭିବୃଦ୍ଧିରେ ନିଜର ଯୋଗଦାନ ରଖିପାରିବ। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ କହିଛନ୍ତି, କଳାଧନକୁ ରୋକିବାରେ ଆୟକର ବିଭାଗ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଉଛି। ଡିଜିଟାଲ କର ନିର୍ଦ୍ଧାରଣ ସିଷ୍ଟମ ଯୋଗୁ ସମସ୍ତ ବ୍ୟବସ୍ଥା ସ୍ୱୟଂକ୍ରିୟ ହୋଇପାରିବ। ଏଭଳି ପଦକ୍ଷେପ ଟିକସ ପ୍ରଶାସନ ଏବଂ ଟିକସଦାତାଙ୍କ ମଧ୍ୟରେ ସହଯୋଗକୁ ଅଧିକ ଦୃଢ଼ କରିବାରେ ସହାୟକ ହେବ।

ଏଭଳି ପରିସ୍ଥିତିରେ ନୂତନ ଟିକସ ବ୍ୟବସ୍ଥା କରଦାତାଙ୍କୁ ବିଶେଷ ସହାୟକ ହେବ ବୋଲି ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ କହିଛନ୍ତି। ଆୟ ନ ଲୁଚାଇ ସଚ୍ଚୋଟ ନାଗରିକ ଭାବେ କର୍ତ୍ତବ୍ୟ ପାଳନ ପୂର୍ବକ ଆବଶ୍ୟକ ଟିକସ ପଇଠ କରିବାକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ଏଥିରେ ମତ ରଖିଛନ୍ତି। ନୂଆ ଟିକସ ବ୍ୟବସ୍ଥା ଇଜ୍ ଅଫ୍ ଡୁଇଁ ବିଜ୍‌ନେସ କ୍ଷେତ୍ରରେ ଯୋଗଦାନ ରଖିବ ବୋଲି ଉତ୍କଳ ଶିଳ୍ପ ବାଣିଜ୍ୟ ମହାସଂଘର ଉପାଧ୍ୟକ୍ଷ ଅଶୋକ କୁମାର ଶାରଦା ମତ ରଖିଥିଲେ। ଭୁବନେଶ୍ୱର ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ।



ୱେବିନାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ONLINE ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 15.09.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720


## ଚଳିତ ଆର୍ଥିକବର୍ଷ ଶେଷ ପର୍ଯ୍ୟନ୍ତ ବଢ଼ିବନି ଜମିଜମାର ବଜାର ମୂଲ୍ୟ

**ଭୁବନେଶ୍ୱର,୨।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଜମିର ବଜାର ମୂଲ୍ୟ ନ ବଢ଼ାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଏ ସମ୍ପର୍କିତ ଏକ ଚିଠି ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ସୁଷମାରାଣୀ ଦେବୀ ସବୁ ଜିଲାର ଜିଲାପାଳ ଏବଂ ଜିଲା ମୂଲ୍ୟାୟନ କମିଟି ଅଧ୍ୟକ୍ଷଙ୍କୁ ସୂଚନା ଦେଇଛନ୍ତି ଯେ, ସ୍ଥାନାନ୍ତରିତ ହୋଇପାରି ନ ଥିବା ଜମିଗୁଡ଼ିକର ମୂଲ୍ୟରେ ଏବେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ। ଜମିଗୁଡ଼ିକର ମୂଲ୍ୟ ଏବେ ଯାହା ରହିଛି ସେମିତି ଚାଲିବ। ଚଳିତ ଆର୍ଥିକ ବର୍ଷର ଶେଷ ପର୍ଯ୍ୟନ୍ତ ଏହା ଲାଗୁ ରହିବ। ବର୍ତ୍ତମାନ ସମୟର କରୋନା ଯୋଗୁ ଦେଖାଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଲୋକମାନଙ୍କୁ ଜମି ପଞ୍ଜୀକରଣ ପ୍ରକ୍ରିୟାରେ ରିଲିଫ ଦେବା ଲାଗି ଏହି ନିଷ୍ପତ୍ତି ହୋଇଛି।

## କୋଭିଡ୍‌ରେ ଆକ୍ରାନ୍ତ ଏଏସ୍‌ଓଙ୍କ ଚିକିତ୍ସା ଲାଗି ସଚିବାଳୟ ସେବା ସଂଘର ଦାବି

**ଭୁବନେଶ୍ୱର,୨।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୃହ ଏବଂ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଆଧାରରେ ପ୍ରାୟ ୫୦ରୁ ଅଧିକ ଏଏସଓଙ୍କୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମସି)ର କୋଭିଡ କାର୍ଯ୍ୟରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ନିୟୋଜିତ କରାଯାଇଛି। ହେଲେ ଏମାନଙ୍କ ମଧ୍ୟରେ ଷ୍ଟିଲ ଓ ମାଇନ୍ସ ବିଭାଗର ଜଣେ ଅଧିକାରୀଙ୍କ ଗତ ୩୧ ତାରିଖରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କର ପ୍ରବଳ ଜ୍ୱର ସହ ମାଂସପେଶୀରେ ଯନ୍ତ୍ରଣା, କଫ ଓ ମୁଣ୍ଡବିନ୍ଧା ହେଉଛି। ସମୟ ସମୟରେ ତାଙ୍କ ପାଟିରୁ ରକ୍ତ ମଧ୍ୟ ବାହାରୁଛି। ହେଲେ ଏ ପର୍ଯ୍ୟନ୍ତ ବିଏମ୍‌ସି କର୍ତ୍ତୃପକ୍ଷ ତାଙ୍କୁ କୋଭିଡ ହସ୍ପିଟାଲକୁ ନେଇ ନାହାନ୍ତି। ଓଡିଶା ସଚିବାଳୟ ସେବାସଂଘ ପକ୍ଷରୁ କରୋନାରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିବା ଅଧିକାରୀଙ୍କୁ ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ କୋଭିଡ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରନ୍ତୁ ବୋଲି ଦାବି କରାଯାଇଛି।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ସୁପାରିସ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

**ଐତିହ୍ୟ କ୍ୟାବିନେଟ ବୈଠକ ନିଷ୍ପତ୍ତି**
- ପ୍ରତ୍ନତତ୍ତ୍ୱ ପାଇଁ ହେବ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ
- ରାଜ୍ୟ ସଂଗ୍ରହାଳୟ, ଆନନ୍ଦ ଭବନ ସଂଗ୍ରହାଳୟ ହେବ ଭର୍ଚୁଆଲ
- ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପାଇଁ ଖର୍ଚ୍ଚ ହେବ ୧୧.୫ କୋଟି

ଓଡ଼ିଶୀ ନୃତ୍ୟଭଳି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ସୁପାରିସ କରିବେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ୧୯୬୪ରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଏବଂ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି।

ଓଡ଼ିଶାର ଐତିହ୍ୟ, କୀର୍ତ୍ତିରାଜି, ପ୍ରାଚୀନ ମନ୍ଦିର ରକ୍ଷଣାବେକ୍ଷଣ ଏବଂ ବିଭାଗର ସମସ୍ତ କାର୍ଯ୍ୟ ନିର୍ଦ୍ଦେଶାଳୟର ଜଣେ ନିର୍ଦ୍ଦେଶକଙ୍କ ଅଧୀନରେ ପରିଚାଳିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ହେବ। ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଓଡ଼ିଆ ଭାଷା, ସାହିତ୍ୟ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି ଯେ, ରାଜ୍ୟ ସଂଗ୍ରହାଳୟ ଅଧୀନରେ ୧୫ଟି ଉପବିଭାଗ ସହିତ ସମସ୍ତ ଜିଲା ସଂଗ୍ରହାଳୟ ପରିଚାଳିତ ହେଉଛି। ପ୍ରାଚୀନ ପୋଥିଗୁଡ଼ିକର ଡିଜିଟାଇଜେଶନ, ପଞ୍ଜୀକରଣ, ସଂରକ୍ଷଣ ଏବଂ ପ୍ରକାଶନ କାର୍ଯ୍ୟ ଚାଲୁରହିଛି। ଏହାଛଡ଼ା ରାଜ୍ୟ ସଂଗ୍ରହାଳୟ ଅଧୀନରେ କଟକ ସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ, କେନ୍ଦୁବିଲ୍ୱସ୍ଥିତ ଜୟଦେବ ସଂଗ୍ରହାଳୟ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁରହିଛି। ଏସବୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସଂଗ୍ରହାଳୟ ଏବଂ ବିଜୁ ବାବୁଙ୍କ ଆନନ୍ଦ ଭବନ ସଂଗ୍ରହାଳୟକୁ ଭର୍ଚୁଆଲ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଏଥିସହିତ ଯୋଗ୍ୟ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ , ସଂସ୍କୃତି ଓ ଐତିହ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଏକାଡେମୀ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଧର୍ମପଦ ସମ୍ମାନ ଓ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପୁରସ୍କାର ଅର୍ଥରାଶି ୧ ଲକ୍ଷ ଟଙ୍କାରୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏକାଡେମୀ ପୁରସ୍କାର ଅର୍ଥରାଶି ୫୦ ହଜାରରୁ ୨ ଲକ୍ଷ ଏବଂ ଏକାଡେମୀ ସମ୍ବର୍ଦ୍ଧନା ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ବିଭାଗ ଅଧୀନ ବିଭିନ୍ନ ଏକାଡେମୀ, ଅନ୍ୟାନ୍ୟ ପ୍ରତିଷ୍ଠାନ ଓ କେନ୍ଦ୍ରଗୁଡ଼ିକରେ ଖାଲିପଡ଼ିଥିବା କର୍ମକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଏକ ମୁକ୍ତ ବିଜ୍ଞାପନ ମାଧ୍ୟମରେ ଓ ଆବଶ୍ୟକ ସ୍ଥଳେ ମନୋନୟନ ମାଧ୍ୟମରେ ଚୟନ କରିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର ମିଳିଛି। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋର ସାମଗ୍ରିକ ବିକାଶ ଓ ଉନ୍ନତୀକରଣ ପାଇଁ ସରକାର ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୧୧.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସରକାରଙ୍କ ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ଡା.ବିଦ୍ୟୁତ୍ ଦାସ ଟେଲିମେଡିସିନ ବିଭାଗ ନୋଡାଲ ଅଫିସର

**କଟକ ଅଫିସ, ୨।୯**

କରୋନା ମହାମାରୀ ସମୟରେ ହସ୍ପିଟାଲରେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଲିମେଡିସିନକୁ ପ୍ରାଧାନ୍ୟ ଦିଆଯାଉଛି। ଜରୁରୀ ନ ଥିଲେ ହସ୍ପିଟାଲ ଆସିବା ପାଇଁ ବାରଣ କରାଯିବା ସହ ଘରେ ରହି ଟେଲିମେଡିସିନ ଜରିଆରେ ମନ ପସନ୍ଦର ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏସ୍‌ସିବିରେ ପ୍ରଚଳନ ଥିବା ଟେଲିମିଡିସିନ ବିଭାଗର ନୋଡାଲ ଅଫିସର ଭାବେ ର୍‍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ବିଦ୍ୟୁତ୍ ଦାସଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଅତୀତରେ ଏହି ଦାୟିତ୍ୱରେ ପଲମୋନାରି ମେଡିସିନ ବିଭାଗର ମୁଖ୍ୟ ଡା.ଏମ୍. ଆର୍. ପଟ୍ଟନାୟକଙ୍କୁ ଦିଆଯାଇଥିଲା।

ପ୍ରକାଶଥାଉକି ଡା. ବିଦ୍ୟୁତ ଦାସ ୨୦୧୫ ମସିହାରୁ ରାଜ୍ୟରେ ପ୍ରଥମ କରି ଟେଲିମେଡିସିନ ସେବା ଆରମ୍ଭ କରିଥିଲେ। ଏବେ ସେ ହ୍ୱାଟସ୍‌ଆପ୍ ଓ ଭିଡିଓ କଲ୍ ଯୋଗେ ରୋଗୀ ଚିକିତ୍ସା କରୁଛନ୍ତି। ଯାହା ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ଆଦୃତ ହୋଇପାରିଛି।


ଭାଇରାଲ ସଂକ୍ରମଣ ଓ ଋତୁକାଳୀନ ରୋଗ ଭଳି ଅନେକ ରୋଗରୁ ସୁରକ୍ଷାରେ ଲାଭଦାୟକ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ନୁହେଁ, ବାଛନ୍ତୁ କେବଳ ଲାବ୍ ପ୍ରମାଣିତ ଏବଂ ବର୍ଷ ବର୍ଷ ଧରି ପରୀକ୍ଷିତ




କେବଳ Jolly Tulsi 51 Drops ହିଁ କାହିଁକି
- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ
ଶ୍ୱାସ ରୋଗ, କାଶ, ସ୍ନାୟୁରୋଗ, ବଦହଜମି, ପେଟ ଗ୍ୟାସ୍, ପେଟରେ ଜ୍ୱାଳା, କୋଷ୍ଠକାଠିନ୍ୟ, କ୍ଳାନ୍ତିରେ ପ୍ରଭାବୀ
ଧ୍ୟାନ ଦିଅନ୍ତୁ: ବିଗତ କିଛି ମାସ ଧରି ବଜାରକୁ ଏକା ସଦୃଶ ନାମ ଥିବା ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି ଯାହାର ପରିଣାମର କୌଣସି ପ୍ରାମାଣିକତା ନାହିଁ । ଯେବେ ପ୍ରଶ୍ନ ପରିବାରର ସ୍ୱାସ୍ଥ୍ୟର ହୋଇଥାଏ ତେବେ ନୂଆ ନୂଆ ପ୍ରୟୋଗ କରନ୍ତୁ ନାହିଁ ଏବଂ ବାଛନ୍ତୁ ବର୍ଷ ବର୍ଷର ପୁରୁଣା, କୋଟି କୋଟି ଲୋକଙ୍କ ଦ୍ୱାରା ପରୀକ୍ଷିତ ଏବଂ Clinical Study ରେ ପ୍ରମାଣିତ "ଜୋଲି ତୁଳସୀ 51 ଡ୍ରପ୍‌ସ"
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

## ମାନସ ମଙ୍ଗରାଜ, ପଟ୍ଟାଙ୍ଗୀ ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୨।୮(ବ୍ୟୁରୋ): ରାଜ୍ୟ ଗଣମାଧମ ଉପଦେଷ୍ଟା ମାନସ ମଙ୍ଗରାଜ ଓ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟ୍‌ରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ପଟ୍ଟାଙ୍ଗୀ ବିଧାୟକ ଏବଂ ମାନସ ମଙ୍ଗରାଜ କୋଭିଡ ସଂକ୍ରମିତ ଜାଣିବା ପରେ ଉଭୟଙ୍କ ସହ ସେ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"କରୋନା ମହାମାରୀରେ ଯେତିକି ଲୋକ ମରିଥିବା ଚାଇନା ଦର୍ଶାଉଛି, ତା'ଠାରୁ ଯଥେଷ୍ଟ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। **-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲାକୁ ନାତୁଣୀ ଜୋଇଁ ଘଇତା**
**ଟେକା ଟେକି କରି ଦିନ ନଉଥା।**

ସ୍ୱାମୀ ମରିଗଲେ ବା ନ ଥିଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ନାତୁଣୀ ଜୋଇଁ ପରି ଆପଣାର ଚିହ୍ନାଜଣା ବ୍ୟକ୍ତିକୁ ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ ହୋଇ କରିବା ଅର୍ଥରେ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଅତଡା ଚାଷ,**
**ଅନ୍ତୁଡ଼ି ପୁଅକୁ ଆଶ;**
**ସଖୀ ଗୋ ମନ୍ଦ ଏ।**

ନଈ ପଠାରେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢି ଆସିଲେ ଅତଡା ଧସି ଫସଲ ପାଣିରେ ବୁଡି ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହେଉ ନ ଥିବା ସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରି ବସିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ହୋଟେଲ ରୁମ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

- ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ
- ସାଙ୍ଗରେ ରହିଥିବା ଧରମ ଭଉଣୀ କଲେଜ ଛାତ୍ରୀ ଅଟକ

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ ରୋଡ୍‌ରେ ଥିବା ଏକ ହୋଟେଲ ରୁମ୍ ନଂ. ୨୦୨ରୁ ବୁଧବାର ସକାଳେ ଗହଣା ବ୍ୟବସାୟୀ ବିଜୁ ମାଇତି(୩୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଜୁଙ୍କ ସହ ଉକ୍ତ ରୁମ୍‌ରେ ରାତିରେ ରହିଥିବା ତାଙ୍କ ଧରମ ଭଉଣୀ କଲେଜ ଛାତ୍ରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୁନା ଓ ଟଙ୍କା ପାଇଁ ବିଜୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ଭାଇ ରାଜକୁମାର ମାଇତି ଅଭିଯୋଗ ଆଣିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଭୁବନ ଅଞ୍ଚଳର ସୁନାଗହଣା ବ୍ୟବସାୟୀ ବିଜୁ ଏକ ଭଡାଘରେ ରହୁଥିବା ବେଳେ ତାଙ୍କ ଉପର ମହଲାରେ ଜଣେ କଲେଜ ଛାତ୍ରୀ ପରିବାର ସହ ରହୁଥିଲେ। ବିଜୁ ବିବାହିତ ଓ ତାଙ୍କର ଏକ ସନ୍ତାନ ରହିଛି। ଦୁଇ ପରିବାର ମଧ୍ୟରେ ସମ୍ପର୍କ ଭଲ ଥିବାରୁ ବିଜୁ ସମ୍ପୃକ୍ତ କଲେଜ ଛାତ୍ରୀଙ୍କୁ ଧରମ ଭଉଣୀ କରିଥିଲେ। ମଙ୍ଗଳବାର ବିଜୁ ଓ ତାଙ୍କ ଧରମ ଭଉଣୀ ହୋଇଥିବା ଛାତ୍ରୀ ଜଣକ ଗହଣା କିଣିବା ପାଇଁ ୧ ଲକ୍ଷରୁ ଅଧିକ ଟଙ୍କା ଧରି ବାଇକ୍‌ରେ କଟକ ଯାଇଥିଲେ। ହେଲେ ସକାଳେ ବିଜୁଙ୍କ ମୃତ୍ୟୁ ସମ୍ପର୍କରେ ଖବର ମିଳିଥିଲା। ମୃତ ବିଜୁଙ୍କ ବଡଭାଇ ରାଜକୁମାର ମାଇତି କହିଛନ୍ତି, ଅନୁଗୋଳରେ ନୂଆ ଦୋକାନ ଖୋଲିବାର ଥିଲା। ଏହି କାର୍ଯ୍ୟରେ ବିଜୁ କଟକ ଯାଇଥିଲେ। ସେଠାରୁ କିଛି ସୁନା ଓ ପ୍ରାୟ ୧ ଲକ୍ଷ ଟଙ୍କା ନେଇ ଫେରୁଥିଲେ। ଉକ୍ତ ସୁନା ଓ ଟଙ୍କା ନେବାକୁ ବିଜୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସନ୍ଦେହ କରୁଛୁ। ଟାଉନଥାନା ଅଧିକାରୀ ନମିତା ନାୟକ କହିଛନ୍ତି, ବିଜୁଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁର ଜିଲାରେ ହୋଇଥିବା ବେଳେ ସେ ପ୍ରାୟ ୧୦ ବର୍ଷ ହେବ ଭୁବନ ଅଞ୍ଚଳରେ ଗହଣା ବ୍ୟବସାୟ କରୁଥିଲେ। ମୃତକଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି। ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ନଂ. ୩୯।୨୦ ରୁଜୁ ସହ ଛାତ୍ରୀଙ୍କୁ ଅଟକରଖି ପଚରାଉଚରା କରାଯାଉଛି। ଅଟକ ଛାତ୍ରୀ କହିଛନ୍ତି, କଟକରୁ ରାତିରେ ଫେରିବା ବେଳେ ଚୌଦ୍ୱାର ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଧମକଚମକ ଦେଇ ଗହଣା ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ରାତିରେ ଦୁହେଁ ହୋଟେଲରେ ରହିଥିଲେ। ବିଜୁ ପ୍ରଚୁର ମଦ୍ୟପାନ କରି ଶୋଇଥିଲେ। ରାତି ୩ଟାରେ ବିଜୁ ଏକ ଓଢଣିରେ ଫ୍ୟାନରେ ଝୁଲୁଥିବା ଦେଖି ସେ ଗହଣା ଦୋକାନର ଜଣେ ଯୁବକଙ୍କୁ ଫୋନ କରିଥିଲେ। ଏହାପରେ ବିଜୁଙ୍କ ବଡଭାଇ ଓ ତାଙ୍କ ମାତାପିତା ଆସି ପହଞ୍ଚିଥିଲେ ବୋଲି ଛାତ୍ରୀ ଜଣକ ପୋଲିସ ଓ ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି।

## ପୁରୀ ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍' ...

ଏହି ବେଳାଭୂମିଗୁଡ଼ିକ ମଧ୍ୟରେ ପୁରୀ ସ୍ଥାନ ପାଇଛି। 'ବ୍ଲୁ ଫ୍ଲାଗ୍' ମାନ୍ୟତା ପାଇବା ପାଇଁ ପୁରୀର ସ୍ୱର୍ଣ୍ଣିମ ବେଳାଭୂମିକୁ ମନୋନୀତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ଼ କୋଷ୍ଟାଲ ମ୍ୟାନେଜମେଣ୍ଟ (ସିକମ୍) ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପାଇଲଟ୍ ବ୍ଲୁ ଫ୍ଲାଗ ବିଚ୍ ଭାବେ ଚିହ୍ନଟ କରାଯାଇଛି। ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣର ଆବଶ୍ୟକତା ଭିତ୍ତିରେ ବିମ୍‌ସ ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସ୍ୱର୍ଣ୍ଣିମ ବେଳାଭୂମି ପୁରୀରେ ପର୍ଯ୍ୟଟକମାନଙ୍କୁ ସମସ୍ତ ସୁବିଧା ଦେବା ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବା ନେଇ ବିମ୍‌ସ ଅଧୀନରେ ସିକମ୍ ଅଢେଇ ବର୍ଷରେ ୮.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛି।

ପୁରୀ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥିଂ ଜୋନ, ଅତ୍ୟାଧୁନିକ ଶୌଚାଳୟ ସୁବିଧା, ପାନୀୟଜଳ, ପାର୍କିଂ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସେହିପରି ପର୍ଯ୍ୟଟନ ମନୋରଞ୍ଜନ ସୁବିଧା ଗୁଡ଼ିକରେ ବାଉଁଶର ବ୍ୟାପକ ବ୍ୟବହାର, ବିଶୁଦ୍ଧ ପାନୀୟଜଳ, ୱାଚ୍ ଟାୱାର ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସିଟିଭି, ଲାଇଫ୍‌ଗାର୍ଡ ଓ ସୁରକ୍ଷା କର୍ମୀଙ୍କୁ ମଧ୍ୟ ମୁତୟନ କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସୌରଶକ୍ତିର ଉପଯୋଗ କରାଯିବା ସହ ଜୈବ ଆବର୍ଜନାର ବ୍ୟବହାର କରାଯାଉଛି। ଏହି ବିଶ୍ୱସ୍ତରୀୟ ସୁବିଧା ହେବା ଦ୍ୱାରା ପୁରୀରେ

**ପ୍ରଥମ ପୃଷ୍ଠାରୁ...**

ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ପରିଲକ୍ଷିତ ହେବ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବ ବୋଲି ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି।

ସୂଚନାଥାଉ କି, ପୁରୀ ଗାନ୍ଧୀଘାଟଠାରୁ ହୋଟେଲ ମେ ଫେୟାର ପର୍ଯ୍ୟନ୍ତ ୮୭୦ ମିଟର ବେଳାଭୂମିକୁ 'ବ୍ଲୁ ଫ୍ଲାଗ ବିଚ୍' ପାଇଁ ଚିହ୍ନଟ କରାଯାଇ ଏହାର ବିକାଶ କରାଯାଇଛି। ଏଠାରେ ସୁରକ୍ଷିତ ସ୍ନାନ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟ ସୁବିଧା ପ୍ରଦାନ ଲକ୍ଷ୍ୟ ନେଇ ପରିବେଶ ଅନୁକୂଳଭିତ୍ତିକ ନିର୍ମାଣ ହୋଇଛି। କାମ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଏହାର ଲୋକାର୍ପଣ ଯୋଜନା କରୁଛି ପ୍ରଶାସନ। ଏହାକୁ କିପରି ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯିବ ସେ ନେଇ ଗତ ଅଗଷ୍ଟ ୨୮ ତାରିଖରେ ବିଚ୍ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ଗୋଲ୍‌ଡେନ ବିଚ୍‌ର ନୋଡାଲ ଅଫିସର ଡ. ଅନନ୍ତ କୁମାର ସାହୁ କହିଛନ୍ତି। ଏକ ବିଶେଷଜ୍ଞ ଟିମ୍ ଏହି ବେଳାଭୂମି ପରିଦର୍ଶନ ତଥା ପରୀକ୍ଷା କରି ରିପୋର୍ଟ ଦେବା ପରେ 'ବ୍ଲୁ ଫ୍ଲାଗ୍ ମାନ୍ୟତା' ମିଳିବ ବୋଲି ଜଣାପଡ଼ିଛି। ଉକ୍ତ ପାଇଲଟ ପ୍ରକଳ୍ପର ବିକାଶ ପାଇଁ ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଆଇସିଜେଡ୍‌ଏମ୍‌ପି)କୁ ପୁରୀ ଜିଲା ପ୍ରଶାସନ ଜାଗା ହସ୍ତାନ୍ତର କରିଥିଲା। ଏହି ପ୍ରକଳ୍ପ ପାଇଁ ପ୍ରଥମେ ୧୨କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। କେନ୍ଦ୍ର ସରକାର ୧୦ କୋଟି ଏବଂ ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ କୋଷ୍ଟାଲ ମ୍ୟାନେଜମେଣ୍ଟ (ସିକମ୍) ୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ୨୦୧୮ରେ 'ବ୍ଲୁ ଫ୍ଲାଗ୍ ମାନ୍ୟତା' ଦୌଡ଼ରେ ରହିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ଏହା ବାଦ୍ ପଡ଼ିଥିଲା।

## ବିଶ୍ୱବିଦ୍ୟାଳୟ ପାଇଁ ...

**ପ୍ରଥମ ପୃଷ୍ଠାରୁ...**

ଆଇନ-୨୦୦୫କୁ ମଧ୍ୟ ଉଚ୍ଛେଦ କରାଯାଇଛି। କରୋନା ମହାମାରୀ ଯୋଗୁ ଆଇନଜୀବୀମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି ଆଇନ-୧୯୮୭କୁ ସଂଶୋଧନ କରାଯିବ। ରାଜ୍ୟ ସରକାର ଏଥିପାଇଁ ଅଧ୍ୟାଦେଶ ଆଣିବେ। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅଧିବକ୍ତା କଲ୍ୟାଣ ପାଣ୍ଠିରୁ ବାର୍ କାଉନସିଲ ପକ୍ଷରୁ ଆଇନଜୀବୀମାନଙ୍କୁ ମୃତ୍ୟୁ ଓ ଅବସର ପରେ ସହାୟତା ଯୋଗାଇ ଦିଆଯାଇଥାଏ। ଏହାକୁ ସଂଶୋଧନ କରିବା ପରେ କରୋନା ସମୟରେ ଆଇନଜୀବୀଙ୍କୁ ସହାୟତା କରାଯାଇ ପାରିବ।

## ବଳରାମ ଯୋଜନାରେ ...

ହେକ୍ଟର ଜମିରେ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏପର୍ଯ୍ୟନ୍ତ ୫୫.୫୨ ଲକ୍ଷ ହେକ୍ଟରରେ ଚାଷ ହୋଇଛି। ୨୦୧୮ରେ ଏହି ସମୟରେ ୫୦ ଲକ୍ଷ ହେକ୍ଟରରେ ଚାଷ କାର୍ଯ୍ୟ ହୋଇଥିବା ବେଳେ ୨୦୧୯ରେ ୪୭ ଲକ୍ଷ ହେକ୍ଟରରେ କୃଷି ହୋଇଥିଲା।

ରାଜ୍ୟ ସରକାର କେବଳ ଧାନ ନୁହେଁ ଚାଷୀମାନଙ୍କର ଆୟ ବୃଦ୍ଧି କରିବାକୁ ଅଣଧାନ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇ ଚାଷୀଙ୍କ ଠାରୁ କପା ଓ ରାଶି କ୍ରୟ କରାଯାଇଛି। କପା ୧୯ ଲକ୍ଷ ବେଲ କ୍ରୟ କରାଯାଇଥିବା ବେଳେ ରାଶି ୧ ଲକ୍ଷ କୁଇଣ୍ଟାଲରୁ ଅଧିକ କ୍ରୟ ହୋଇଛି। ସେହିପରି କେନ୍ଦ୍ର ସରକାର ଚାଷୀଙ୍କ ଠାରୁ ଝୋଟ କିଣୁଛନ୍ତି। ଡାଲି, ତୈଳବୀଜ, ଚିନାବାଦାମ, ସୂର୍ଯ୍ୟମୁଖୀ, ହରଡ଼, ବିରି ଓ ମୁଗ ପ୍ରଭୃତି କ୍ରୟ କରାଯାଉଛି। ଏହାଦ୍ୱାରା ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଚାଷୀମାନଙ୍କୁ ପର୍ଯ୍ୟାପ୍ତ କୃଷିଋଣ ଖରିଫ ଚାଷ ପାଇଁ ଦିଆଯାଉଛି। ଚଳିତବର୍ଷ ଖରିଫ ଋତୁ ପାଇଁ ୧୦ ହଜାର କୋଟି ଟଙ୍କାର କୃଷି ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୧୮ ଓ ୨୦୧୯ରେ ୮ ହଜାର କୋଟି ଟଙ୍କାର କୃଷିଋଣ ଯୋଗାଇ ଦିଆଯାଇଥିଲା। ଚଳିତବର୍ଷ ୨ ହଜାର କୋଟିରୁ ଅଧିକ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଏହି ଋଣ ଚାଷୀମାନଙ୍କୁ ସମବାୟ ସମିତି, ସମବାୟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ବ୍ୟାଙ୍କ ଜରିଆରେ ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ୨୧ ଲକ୍ଷ ଚାଷୀଙ୍କୁ ୯,୯୬୪.୪୭ କୋଟି ଟଙ୍କାର କୃଷିଋଣ ଦିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଖରିଫ ଋଣ ଯୋଗାଇ ଦିଆଯିବ ବୋଲି ସଚିବ କହିଛନ୍ତି।

କାଳିଆ ଯୋଜନାରେ ୫୫ ଲକ୍ଷ ୨୯ ହଜାର ୮୬୦ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଜମି ନ ଥିବା ଓ ଭାଗଚାଷୀଙ୍କ ପାଇଁ ରାଜ୍ୟ ସରକାର ବଳରାମ ଯୋଜନା କରିଛନ୍ତି। ଏହି ଯୋଜନାରେ ଭାଗଚାଷୀମାନଙ୍କୁ ନେଇ ଗୋଷ୍ଠୀ କରାଯାଇଛି। ପ୍ରତ୍ୟେକ ଗୋଷ୍ଠୀକୁ ୧.୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ହୋଇଛି। କୃଷି ସାଥୀମାନେ ଏହି ଋଣ ପ୍ରଦାନରେ ସହାୟତା କରିବେ। ଏହାଛଡ଼ା ଜଳସେଚନ ପାଇଁ ଚାଷୀମାନଙ୍କୁ ସହାୟତା ଦେବା ଲାଗି ରାଜ୍ୟ ସରକାର ଫାର୍ମପଣ୍ଡ ଯୋଜନା କରିଛନ୍ତି। ୨୦୨୦-୨୦୨୪ ମଧ୍ୟରେ ଏହି ଯୋଜନାରେ ରାଜ୍ୟରେ ୫ ଲକ୍ଷ କ୍ଷେତ ପୋଖରୀ ଖୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ନିଜ ଜମିରେ ପୋଖରୀ ଖୋଳିପାରିବେ। ଚଳିତବର୍ଷ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୯,୯୦୦ ପୋଖରୀ ଖୋଳାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ୧୦୭ କୋଟି ଟଙ୍କା ବ୍ୟୟରେ ୩୬ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି। ଚଳିତ ବର୍ଷ ୧ ଲକ୍ଷ ଚାଷୀଙ୍କୁ ଫାର୍ମପଣ୍ଡ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ୧୦୩୮ କୋଟି ଟଙ୍କା ବ୍ୟୟରେ ୪.୫୧ କୋଟି ଶ୍ରମଦିବସ ସୃଷ୍ଟି କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି। ଏହି ଯୋଜନାରେ ୬୫ ହଜାର ଚାଷୀ ପଞ୍ଜୀକୃତ ହୋଇଛନ୍ତି।

ଗର୍ଗ କହିଛନ୍ତି ଯେ, ଚଳିତବର୍ଷ ୬.୬୬ ଲକ୍ଷ ମେଟ୍ରିକ ଟନ୍ ସାର ଉଠାଯାଇଛି। ତେଣୁ ସାର ପାଇବାରେ ଚାଷୀଙ୍କୁ କୌଣସି ଅସୁବିଧା ହେବ ନାହିଁ। ରାଜ୍ୟ କୃଷି ଭବନ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛି। ଚାଷୀମାନଙ୍କୁ ଏଠାରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ଆମ କୃଷି ଯୋଜନାରେ ୯ ଲକ୍ଷ ଚାଷୀ ପଞ୍ଜୀକୃତ କରିଛନ୍ତି। ଚାଷୀମାନଙ୍କର ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ହେଲ୍‌ପଲାଇନ ନଂ-୧୫୫୩୩୩ ଜାରି କରିଛନ୍ତି। ଚାଷୀମାନେ ଉକ୍ତ ନମ୍ବରରେ ଯୋଗାଯୋଗ କରି ସେମାନଙ୍କ ସମସ୍ୟାର ସମାଧାନ କରିପାରିବେ । ଫୋନକଲ୍ ପାଇବା ମାତ୍ରେ ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଗର୍ଗ ସୂଚନା ଦେଇଛନ୍ତି। ଭିଏଲ୍‌ଡବ୍ଲ୍ୟୁ ଓ ଅନ୍ୟାନ୍ୟ କୃଷି ଅଧିକାରୀମାନଙ୍କୁ ନେଇ ଆମ କୃଷି ନାମରେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯାଇଛି। ୧୦୦ ଚାଷୀଙ୍କୁ ନେଇ ଗୋଟିଏ ଗୋଟିଏ ହ୍ୱାଟ୍‌ସଆପ ଗ୍ରୁପ କରାଯାଇଥିବାବେଳେ ଏଥିରେ ଚାଷୀଙ୍କୁ ବିଭିନ୍ନ ସୂଚନା ଦିଆଯାଉଛି। କୋଭିଡ୍ ମହାମାରୀ ଯୋଗୁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କୁ ସହାୟତା କରିବାକୁ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ୧.୭୫ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଥିଲେ। ଏଥିରେ ୨୫ ଲକ୍ଷ ଚାଷୀ ଉପକୃତ ହେବେ। ଏ ପର୍ଯ୍ୟନ୍ତ ୧୮ ଲକ୍ଷ ଚାଷୀଙ୍କୁ ଚିହ୍ନଟ କରାଯାଇଛି।

ଚାଷୀମାନେ ନିକଟସ୍ଥ କୃଷି ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିବାକୁ ଗର୍ଗ ପରାମର୍ଶ ଦେଇଛନ୍ତି। କୃଷିର ଉନ୍ନତି ପାଇଁ ୫-ଟି ଅଧୀନରେ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ଦକ୍ଷତା ନିର୍ଦ୍ଧାରଣ କରିବା ଦିଗରେ ୫ଟି ମାନଦଣ୍ଡ ଯୋଜନାର କାର୍ଯ୍ୟକାରିତା, ୫-ଟିର ଅନୁପାଳନ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରିବା, ରିସ୍କ ପରିଚାଳନା, ମୋ ସରକାରର ଅନୁପାଳନକୁ ବିଚାରକୁ ନିଆଯିବ। କୃଷି ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭଲ କାମ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି ବୋଲି ଗର୍ଗ କହିଛନ୍ତି।

## ପବ୍‌ଜି ସହ ୧୧୮ ଚାଇନା ...

ଅଭିଯୋଗ ଆଧାରରେ ସରକାର ଦ୍ରୁତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଜୁନ ୧୯ରେ କେନ୍ଦ୍ର ସରକାର ପ୍ରାଥମିକ ପର୍ଯ୍ୟାୟରେ ୫୯ ଚାଇନା ଆପ୍ ବିରୋଧରେ କଟକଣା ଲଗାଇଥିଲେ। ଏହା ମଧ୍ୟରେ ବାଇଟ ଡାନ୍ସ କମ୍ପାନୀର ଭିଡିଓ ଶେୟାରିଂ ଆପ୍ଲିକେଶନ ଟିକ୍‌ଟକ, ଆଲିବାବାର ୟୁସି ବ୍ରାଉଜର ଏବଂ ସାଓମିର ଏମ୍‌ଆଇ କମ୍ୟୁନିଟି ଆପ୍ଲିକେଶନ ରହିଥିଲା। ସେହିଭଳି ପୁଣି ଥରେ ଅଗଷ୍ଟରେ ଆଉ ୪୭ ଆପ୍ଲିକେଶନକୁ ବ୍ୟାନ କରିଦିଆଯାଇଥିଲା। ଆପ୍‌ଗୁଡିକ ପ୍ରଚଳିତ ଆପ୍‌ଗୁଡିକର କ୍ଲୋନ କିମ୍ବା ଭିନ୍ନ ଭର୍ସନ ଭାବେ କାର୍ଯ୍ୟ କରୁଥିଲା।

## କେନ୍ଦ୍ରୀୟ କର୍ମଚାରୀଙ୍କୁ ...

ଅଧିକ ସମୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପୂର୍ବର ମୌଳିକ ନିୟମ ୫୬(ଜେ)/୧ ଏବଂ ସିସିଏସ୍(ପେନସନ) ନିୟମାବଳୀ, ୧୯୭୨ର ରୁଲ୍ ୪୮ରେ ନିର୍ଦ୍ଦେଶନାମାର ବ୍ୟାଖ୍ୟାରେ ରହିଥିବା ଅସ୍ପଷ୍ଟତା ଦୂର କରିବା ନୂଆ ନିୟମର ଉଦ୍ଦେଶ୍ୟ ବୋଲି ଏକ ସରକାରୀ ସୂତ୍ରରୁ ସୂଚନା ମିଳିଛି।

ପୁରୁଣା ନିୟମରେ ଜଣେ କର୍ମଚାରୀଙ୍କୁ ୫୦ କିମ୍ବା ୫୫ ବର୍ଷ ହୋଇଥିଲେ କିମ୍ବା ଚାକିରିରେ ୩୦ ବର୍ଷ ସମ୍ପୂର୍ଣ୍ଣ କଲାପରେ ସେ ସେବାରେ ରହିବେ ଅଥବା ଜନସ୍ୱାର୍ଥ ଦୃଷ୍ଟିରୁ ଅବସର ନେବେ ସେନେଇ ତାଙ୍କ ପ୍ରଦର୍ଶନର ସମୀକ୍ଷା କରାଯାଇଥାଏ। ପ୍ରକାଶ ଯେ, ଏହା ପୂର୍ବରୁ ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଆଗୁଆ ଅବସର ପ୍ରଦାନ ନିମନ୍ତେ ସେମାନଙ୍କ ପ୍ରଦର୍ଶନକୁ ନେଇ ତାଲିକା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ମନ୍ତ୍ରଣାଳୟର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି।

## ବ୍ଲ୍ୟୁ ଫ୍ଲାଗ୍ ପ୍ରମାଣନ ...

ପ୍ରତିବର୍ଷ ଏଫ୍‌ଇଇ ସଦସ୍ୟ ଦେଶଗୁଡ଼ିକର ବେଳାଭୂମି ଓ ବନ୍ଦରାଞ୍ଚଳକୁ ଏହି ପୁରସ୍କାର ମିଳିଥାଏ। ଏହି ସାର୍ଟିଫିକେଟ ଉଚ୍ଚମାନର ପରିବେଶ ଓ ମାନକର ସୂଚକ। ନିକଟରେ ୪୭ ଦେଶ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ୪,୫୭୩ ବେଳାଭୂମି, ମେରିନା ଓ ବୋଟକୁ ଏହି ସାର୍ଟିଫିକେଟ ମିଳିଛି। ୨୦୧୯ ଜୁଲାଇ ବିଜ୍ଞପ୍ତିରେ ପରିବେଶ ମନ୍ତ୍ରଣାଳୟ ବ୍ଲ୍ୟୁ ଫ୍ଲାଗ ସାର୍ଟିଫିକେଶନ ପାଇଁ ଗୁଜରାଟର ଶିବରାଜପୁର, ମହାରାଷ୍ଟ୍ରର ଭୋଗାଭେ, ଡାମନ୍ ଓ ଡିଉର ଘୋଘଲା, ଗୋଆର ମିରାମାର, କର୍ଣ୍ଣାଟକର କସରକୋଡ ଓ ପଦୁବିଦ୍ରି, କେରଳର କପ୍ପଡ, ପୁଡୁଚେରୀର ଇଡେନ, ତାମିଲନାଡୁର ମହାବଳିପୁରମ୍, ଆନ୍ଧ୍ରପ୍ରଦେଶର ରୁଷିକୋଣ୍ଡା, ଓଡ଼ିଶାର ପୁରୀ ସୁବର୍ଣ୍ଣ ବେଳାଭୂମି ଏବଂ ଆଣ୍ଡାମାନ ନିକୋବରର ରାଧାନଗର ବେଳାଭୂମିକୁ ଚିହ୍ନଟ କରିଥିଲେ।


# classifieds

**Everyday**
0674-2580101, 2549302

real estate

**SALE**

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456. D-69153

2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746. D-69152

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903. D-69144

**GENERAL SALE**

Office ପୁରୁଣା Asset ବିକ୍ରି- Two Wheeler, Jeep Bolero, Computer & Other Office Equipment. Address: 280, Bhoi Nagar, BBSR-22, (BUADP), Contact No.: 8895124899, Last date of apply: 08.09.2020. D-18101

**PURCHASE**

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157

TO LET
to-let

Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045

healthcare

Herbal full body massage smart Lady Therapist. 9437453813. D-69908

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Monika massage centre: Get body massage with smart lady therapist, room service provide here 8235379277. D-18094

Newly open SPA centre smart therapist body massage, Bamikhal. 7205187702. D-59957

Newly open full body massage SPA in Bhubaneswar. Contact: 7205058838. D-69731

Newly open SPA centre smart therapist body massage, Rasulgarh. 7846814019. D-59958

Herbal full body massage by smart / expert therapist. Contact: 8338067247. D-69729

**ହଜିଛି**

ଭଟଲିରେ ମୋର ରେଜେଷ୍ଟ୍ରି ବିକ୍ରିନାମା ଦଲିଲ ନଂ. ୨୩୬୨, ତା୨୦।୦୬।୧୯୮୬ ହଜିଯାଇଛି। ଭଟଲି ଥାନାରେ ରିପୋର୍ଟ ନଂ. ୧୭, ତା୩୧।୦୮।୨୦୨୦ ଦାଏର ହୋଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି, ତେବେ କୃଷ୍ଣ ମୋହନ ସାହୁଙ୍କୁ ୯୬୫୮୧୫୫୭୬୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। D-18104

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବନ୍ଧୁମାନଙ୍କ ସହ ନୂତନ ପ୍ରକଳ୍ପ ସକାଶେ ଅର୍ଥ ସମ୍ବନ୍ଧୀୟ ଆଲୋଚନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଦୂରଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତାର ସାମନା କରିବା ଆଦି ବିଷୟରେ ଯୋଜନା କରିବେ। ରୋଗୀର ଆରୋଗ୍ୟ ସକାଶେ, ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ।

**ବୃଷ** ଆକସ୍ମିକ ପରିବାରର ଖର୍ଚ୍ଚଭାର ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ, ଜମିଜମା, ଆଲୋଚନା,ବନ୍ଧୁ ସମ୍ପର୍କରେ କିଛିଟା ଝଟକା ଲାଗିପାରେ।

**ମିଥୁନ** ଆପଣ ଯାହା ଭାବୁଛନ୍ତି ତାହାହିଁ ହେବ ଓ ପାଇବା ଜିନିଷ ମଧ୍ୟ ପାଇବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଜୁହୁଳୁଥିବା ନିଆଁ ପ୍ରତି ସାବଧାନ ରହିବା ବିଧେୟ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଅନାମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ହିତୈଷୀମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**ସିଂହ** ଆପଣଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅବଶ୍ୟ ରାଜନୈତିକ ସ୍ତରରେ, ପ୍ରଶାସନିକ କ୍ଷେତ୍ର ପାଇଁ, ସଂଗଠନ ସକାଶେ ଦିନଟି ବହୁତ ଭଲ। ବିବାଦୀୟ ଘଟଣାରେ ବିଜୟ ଲାଭ କାରଣରୁ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆପଣ ଆଦୌ ତରବରିଆ ହୋଇ କୌଣସି କାମ କରନ୍ତୁ ନାହିଁ। ତଥାପି ହିତୈଷୀମାନଙ୍କ ସାହାଯ୍ୟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ପାରିପାର୍ଶ୍ୱିକ କେତେକ ବ୍ୟତିକ୍ରମଜନିତ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ତୁଳା** ଗତକାଲି ଠାରୁ ମନରେ ଭାବୁଥିବା କଥାଟି ଆଜି ହିଁ ବାସ୍ତବରେ ପରିଣତ ହେବ। ଖଳ ଲୋକମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହେବେ।

**ବିଛା** ଅବସାଦଗ୍ରସ୍ତ ମନରେ ବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ। ଆଜିର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରର ଆବଶ୍ୟକତା ଅନୁଯାୟୀ କୌଣସି ମୂଲ୍ୟବାନ ଜିନିଷ ଘରକୁ ଆଣିପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ମଧ୍ୟଦେଇ ଗତିକରିବେ।

**ଧନୁ** ଆଜି ଆପଣଙ୍କୁ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। କିନ୍ତୁ ସ୍ୱକୀୟ ଉଦ୍ୟମ ଓ ଆପୋସ ଆଲୋଚନା ସାଙ୍ଗକୁ ପାରସ୍ପରିକ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପ୍ରତ୍ୟେକ ପରିସ୍ଥିତିରେ ପରିବାର ସଦସ୍ୟଙ୍କ ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ହଇରାଣ ହୋଇପାରନ୍ତି। ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ତରଫରୁ ସମସ୍ୟା ଆସିପାରେ। ଆଜିର ଭ୍ରମଣ ବେଶ୍ ଆନନ୍ଦ ଦାୟକ ହେବ।

**ମୀନ** ମନରେ ଶାନ୍ତି ନ ଥିଲେ ମଧ୍ୟ କାମଗୁଡ଼ିକ ସାଧନ କରିବା କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବିବାଦୀୟ ପରିସ୍ଥିତିରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବା ଭଲ ହେବ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର, ଜହ୍ନିଓଷା ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର ୩ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ୍ କୁମ୍ଭ, ଦିବା ଘ.୦୨।୧୪ମି.ଗତେ ମୀନଚନ୍ଦ୍ର, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫।୩୫ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୩୨ମି.ଗତେ ଘ.୦୧।୦୦ମି. ମଧ୍ୟେ ଅମୃତବେଳା, ରାତ୍ରି ଘ. ୦୨।୨୯ମି. ଗତେ ଘ.୦୩।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୧।୧୮ମି. ଗତେ ଘ.୦୨।୫୧ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବନ୍ୟାଜଳରେ ବୁଡ଼ି ବୃଦ୍ଧ ମୃତ

**ଚଣ୍ଡିଖୋଲ, ୨।୯ (ଡି.ଏନ୍.ଏ.):** ବନ୍ୟାଜଳରେ ବୁଡ଼ିଯାଇ ବଡ଼ଚଣା ବ୍ଲକ ଅଧୀନ ଅଣକା ପଞ୍ଚାୟତ ରାହାଲ ଗ୍ରାମର ଶ୍ୟାମସୁନ୍ଦର ବେହେରା(୬୨)ଙ୍କର ବୁଧବାର ମୃତ୍ୟୁ ଘଟିଛି। ସକାଳୁ ସେ ନିଜ ଚାଷ ଜମିକୁ ଦଳ ଛଡାଇବାକୁ ଯାଇଥିବା ବେଳେ ଅଧିକ ପାଣିରେ ପଶିଯିବାରୁ ବୁଡିଯାଇଥିଲେ। ଶ୍ୟାମସୁନ୍ଦର ପହଁରି ବିଲକୁ ଯିବା ସମୟରେ ତାଙ୍କ ଗୋଡ଼ରେ ଲୁଗା ଛନ୍ଦି ହୋଇଯିବାରୁ ସେ ପାଣିରେ ବୁଡି ଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

### ବନ୍ୟା ପରେ ରୋଗ ସଂକ୍ରମଣ ଭୟ

**ନୟାଗଡ଼ ଅଫିସ,୨।୯:** ବନ୍ୟା ପରେ ଗଣିଆ, ଭାପୁର ଓ ଖଣ୍ଡପଡା ବ୍ଲକରେ ରୋଗ ସଂକ୍ରମଣ ଭୟ ବଢ଼ିଛି। ଏବେ ବନ୍ୟାଜଳ ଛାଡିଥିଲେ ମଧ ଜ୍ୱର, ଝାଡା ଆଦି ରୋଗ ବ୍ୟାପିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ନୟାଗଡ଼ ଜିଲାପାଳ ପୋମା ଟୁଡୁ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ୩ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କରୋନା ସଂକମଣ, ଜ୍ୱର, ଝାଡା ଆଦିକୁ କିଭଳି ପ୍ରତିହତ କରାଯାଇପାରିବ ସେ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀରେ ବନ୍ୟା ଓ ଲଘୁଚାପ ବର୍ଷା ପରେ ଜ୍ୱର ପ୍ରାଦୁର୍ଭାବ ଆରମ୍ଭ ହୋଇଛି। ଗୋଡିପଡା, ଶରଣକୁଳ, ଓଡଗାଁ ଓ ନୟାଗଡ଼ ଅଞ୍ଚଳରେ ଅଧିକାଂଶ ଲୋକ ଜ୍ୱରରେ ଆକ୍ରାନ୍ତ ଅଛନ୍ତି।

### ନୟାଗଡ଼ରେ ୬୨ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨।୯:** ବୁଧବାର ନୟାଗଡ ଜିଲାରୁ ୬୨ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୦୯ରେ ପହଞ୍ଚିଛି। ଗଣିଆ ବ୍ଲକରୁ ୩, ଖଣ୍ଡପଡ଼ା ବ୍ଲକରୁ ୪ ଓ ଏନ୍ଏସିରୁ ୧, ନୟାଗଡ଼ ବ୍ଲକରୁ ୬ ଓ ପୌରାଞ୍ଚଳରୁ ୪, ନୂଆଗାଁ ବ୍ଲକରୁ ୬, ଓଡଗାଁ ବ୍ଲକରୁ ୭ ଓ ଏନ୍ଏସିରୁ ୩, ରଣପୁର ବ୍ଲକରୁ ୮ ଓ ଏନ୍ଏସି ୧, ଭାପୁରରୁ ୧, ଦଶପଲ୍ଲା ବ୍ଲକରୁ ୭ ଓ ଏନ୍ଏସିରୁ ୧୧ ଚିହ୍ନଟ ହୋଇଛନ୍ତି।

### ରାଶନ କାର୍ଡ ପାଇଁ ନିଆଯାଉଛି ଲାଞ୍ଚ

**ନୟାଗଡ଼ ଅଫିସ, ୨।୯:** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ହରିପୁର ପଞ୍ଚାୟତରେ ରାଶନ କାର୍ଡ ପାଇଁ ୩୦ ଟଙ୍କା ଲାଞ୍ଚ ନିଆଯାଉଛି। ଟଙ୍କା ନ ଦେଲେ କାର୍ଡ ଦିଆଯାଉନି ରସିଦ୍ ମାଗିଲେ ମିଳୁନି। ଏ ନେଇ କେତେଜଣ ହିତାଧିକାରୀ ପଚାରିବା ପରେ ଜିଆର୍ଏସ୍ କହୁଛନ୍ତି ଇଚ୍ଛା ହେଲେ ନିଅ, ନ ହେଲେ ନାହିଁ ବିଡିଓ, ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିଲେ ବି କିଛି ଅସୁବିଧା ନାହିଁ। ଜିଆର୍ଏସ୍ ଓ ଲୋକଙ୍କ ଯୁକ୍ତିତର୍କର ଭିଜୁଆଲ ସୋସିଆଲ ମିଡିଆରେ ନାରାୟଣ ପ୍ରସାଦ ନାମକ ବ୍ୟକ୍ତି ଭାଇରାଲ କରିଛନ୍ତି। ଏ ନେଇ ସମ୍ପୃକ୍ତ ଜିଆର୍ଏସ୍ କହିଛନ୍ତି, ମୁଁ କିଛି କହିପାରିବିନି। ମୋତେ କୁହାଯାଇଥିବାରୁ ମୁ ୩୦ ଟଙ୍କା ଲେଖାଏ ଆଦାୟ କରୁଛି।

# ୧୫ ବର୍ଷରେ ୫ ବଡ଼ ବନ୍ୟା

**ଯାଜପୁର ଜିଲା**

■ଏକବିଂଶ ଶତାବ୍ଦୀର ଚଳିତ ବନ୍ୟା ଅଧିକ ପୀଡାଦାୟକ

■ବନ୍ୟା ପରବର୍ତ୍ତୀ ଦୁଃଖ ଦୁର୍ବିସହ ହୋଇଛି

**ଯାଜପୁର ଅଫିସ/ବରୀ(ଡି.ଏନ୍.ଏ.), ୨।୯**

ଯାଜପୁର ଜିଲାର ବୈତରଣୀ ଓ ବ୍ରାହ୍ମଣୀରେ ହୋଇଥିବା ଚଳିତ ବନ୍ୟା ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ବନ୍ୟା ବୋଲି କୁହାଯାଉଛି। ଏଥିରେ ଜିଲାର ୧୮୬ ପଞ୍ଚାୟତର ୮୩୬ ଗ୍ରାମର ୯ ଲକ୍ଷ ୯୫ ହଜାର ୯୪୭ ଲୋକ ପ୍ରଭାବିତ ହୋଇଛନ୍ତି। ଏଯାଏ ୫ ଜଣ ଲୋକଙ୍କ ଜୀବନ ଯାଇଛି। ୧୪ ହଜାର ୮୯୮ ପ୍ରାଣୀ ସମ୍ପଦ ମୃତାହତ ହୋଇଥିବା ସରକାରୀ ସୂଚନା ମିଳିଛି। ୨୦୦୫ରେ ମଧ ବଡ଼ ବନ୍ୟା ଦେଖା ଦେଇଥିଲା। ଯେଉଁଥିରେ ଯାଜପୁର ଓ ଭଦ୍ରକ ଜିଲାର ୨୨୦ ଗ୍ରାମର ୧ ଲକ୍ଷ ୪୦ ହଜାର ଲୋକ ପ୍ରଭାବିତ ହୋଇଥିଲେ। ୨୦୧୧ ବନ୍ୟାରେ ଯାଜପୁର ଜିଲାର ୪୯୯ ଗ୍ରାମର ୪ ଲକ୍ଷ ୯୧ ହଜାର ୧୧୪ ଲୋକ ଏବଂ ୨ଲକ୍ଷ ୬୧ ହଜାର ୫୪୦ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଥିଲେ। ୨୭,୬୧୫ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ୮୨୨୧ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୫ ଜୁଲାଇ ବନ୍ୟାରେ ୨୧୯ ଗ୍ରାମର ୧,୦୭,୩୧୭ ଜଣ ଲୋକ ପ୍ରଭାବିତ ହୋଇଥିଲେ। ୨୦୧୭ ବନ୍ୟାରେ ଜିଲାର ୧୩୨ ଗ୍ରାମର ୧,୨୪,୦୭୬ ଲୋକ ପ୍ରଭାବିତ ହୋଇଥିଲେ। ପାଣିରେ ବୁଡି ୩ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଗତ ୧୫ ବର୍ଷ ମଧ୍ୟରେ ଜିଲାବାସୀ ୫ଟି ବଡ଼ ବନ୍ୟାର ସମ୍ମୁଖୀନ ହୋଇଥିବାବେଳେ ବିପୁଳ ପରିମାଣର ଧନଜୀବନ ନଷ୍ଟ ହୋଇଛି। ନେତା ଓ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ନଦୀବନ୍ଧ ନିର୍ମାଣରେ ତ୍ରୁଟି ଓ ନିମ୍ନମାନର କାମ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ୨୦୧୧ ମସିହାର ବନ୍ୟା ପରେ ଏଥର ବନ୍ୟା ଅଧିକ ପ୍ରୀଡ଼ାଦାୟକ ହୋଇଛି ବୋଲି ବନ୍ୟା ବିପନ୍ନମାନେ ପ୍ରକାଶ କରୁଛନ୍ତି।

ଯାଜପୁର ଜିଲାରେ ବନ୍ୟା ବିପ୍ରାତ ନୂଆ କଥା ନୁହେଁ। ବର୍ଷା ମାସ ଆସିଲେ ନଦୀକୂଳିଆବାସୀ ଭୟରେ କାଳାତିପାତ କରିଥାନ୍ତି। ଘାଇ ଦ୍ୱାରା କ୍ଷତିଗ୍ରସ୍ତ ନଦୀବନ୍ଧର ମରାମତି ଓ କ୍ଷୟକ୍ଷତିର ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ୨୦୧୭ ଅଗଷ୍ଟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ ନଦୀବନ୍ଧ ମରାମତି ଓ ସୁଦୃଢୀକରଣ ଉପରେ ମଧ ଅନେକ ନେତା ଓ ମନ୍ତ୍ରୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ କୋଟି କୋଟି ଟଙ୍କା ଅନୁଦାନ ମଞ୍ଜୁର ମଧ ହୋଇଛି। କିନ୍ତୁ ଜିଲାର ପ୍ରାୟ ୭୦୦ କିମି ନଦୀବନ୍ଧକୁ ସୁଦୃଢ଼ୀକରଣ ନାମରେ କେବଳ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଫଳରେ ନଦୀକୂଳିଆବାସୀ ବନ୍ୟା ବିପ୍ରାତର ଶିକାର ହୋଇ ତାଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଉଛି ବୋଲି ମତପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟରେ ଜିଲାର ସ୍ୱାଭାବିକ ବର୍ଷା ହେଉଛି ୩୪୧.୨ ମିମି। କିନ୍ତୁ ଚଳିତବର୍ଷ ଅଗଷ୍ଟରେ ୬୯୫.୮୨ ମିମି ବର୍ଷା ହୋଇଛି। କେବଳ ୨୬ ତାରିଖରେ ହାରାହାରି ୧୧୫.୦୪ ମିମି, ୨୦ ତାରିଖରେ ୩୪୧.୨ ମିମି ଓ ୧୫ ତାରିଖରେ ୨୪୫.୧୬ ମିମି ବର୍ଷା ରେକର୍ଡ କରାଯାଇଛି। ଏହାବାଦ ବୈତରଣୀ ଓ ବ୍ରାହ୍ମଣୀ ନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଜିଲାରେ ବନ୍ୟା ସୃଷ୍ଟି କରିଛି। ଏପରିକି ଠିକାଦାରୀ ରାଜନୀତି କରିବାକୁ ଲୋକଙ୍କ ଜୀବନକୁ ବାଜି ପକାଇ କେତେକ ସ୍ଥାନରେ ମନୁଷ୍ୟକୃତ ଘାଇ ସୃଷ୍ଟି କରାଯାଉଥିବା ଅଭିଯୋଗ ହେଉଛି। ରବିବାରଠାରୁ ବ୍ରାହ୍ମଣୀର ବନ୍ୟାଜଳ ଦ୍ରୁତଗତିରେ ହ୍ରାସ ପାଇଛି। କିନ୍ତୁ ବନ୍ୟା ଦ୍ୱାରା ବାସଗୃହରେ ପାଣି ପଶିଯିବା ସହ କଚ୍ଚା ଘରଗୁଡିକ ଭାଙ୍ଗିଯିବା ଓ ମାଟିକାନ୍ଥଗୁଡିକ ପଡ଼ିଯାଇଥିବା ଦେଖିବାକୁ ମିଳିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକ୍ରମକୁ ବରୀ ବ୍ଲକରେ ତ୍ୱରାନ୍ୱିତ ପାଇଁ ୧୭ ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ବି ପ୍ରଶାସନ ଉପଯୁକ୍ତ ଭାବେ ବିପନ୍ନମାନଙ୍କ ନିକଟରେ ପହଞ୍ଚିପାରି ନ ଥିବା ଅଭିଯୋଗ ହୋଇଛି। ପ୍ରାଣୀସମ୍ପଦ ଭୋକ ବିକଳରେ ଅତ୍ୟନ୍ତ ଦହନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ବନ୍ୟା ଆରମ୍ଭ ଦିନରୁ ବରୀ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଆବଶ୍ୟକ ମୁତାବକ କିରୋସିନ ପହଞ୍ଚି ନ ଥିବାରୁ ବନ୍ୟା ବିପନ୍ନ ଅନ୍ଧାରରେ କାଳାତିପାତ କରୁଛନ୍ତି। ବରୀ ବ୍ଲକର ୨୬ ଟି ପଞ୍ଚାୟତରେ ଚୂଡା ଓ ଗୁଡ ବଣ୍ଟନ କରାଯାଇଥିବା ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି।

## ରାସ୍ତା ଦୁର୍ଘଟଣାରେ ଯୁବନେତା ମୃତ

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା (ଡି.ଏନ୍.ଏ.), ୨।୯**

ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ରାଜ୍ୟ ବିଜେଡି ମୋ ପରିବାରର ସହ ସଂଯୋଜକ ଦୀପ୍ତିକାନ୍ତ ପରିଜା ଓରଫ ନଣ୍ଡାଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକଟ କରିଛନ୍ତି। ଦୀପ୍ତିକାନ୍ତ ନିଜ କାରରେ କେନ୍ଦ୍ରାପଡ଼ାରୁ ଘରକୁ ଫେରୁଥିଲେ । ଗରଦପୁର ବ୍ଲକ ପାଟକୁରା ଥାନା ଟିକନପୁରଠାରେ ବନ୍ୟାଜଳରେ ଭରପୂର ଥିବା ଏକ ବିଲକୁ ତାଙ୍କ କାର ପଶିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଯୁବନେତା ରାଜେଶ ଦାସ, ସଞ୍ଜୟ ଲେଙ୍କା, ରାଜେଶ ପଣ୍ଡା, ହିରଣ୍ୟ କୁମାର ପଣ୍ଡା, ଅଜୟ କୁମାର ରାଉତ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ବସ୍ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

**ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ**


ବସ୍‌ରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ କର୍ମଚାରୀ ଏହାକୁ ଲିଭାଉଛନ୍ତି।

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ (ଡି.ଏନ୍.ଏ.), ୨।୯**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ବଡପାଳର ୫ନଂ. (କ) ଜାତୀୟ ରାଜପଥରେ ବୁଧବାର ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ହୋଣ୍ଡା ଆକ୍ଟିଭା ଚାଳକ ହଳଦିଆ ଗ୍ରାମର ବିକାଶ ନାୟକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବସ୍ (ଡବ୍ଲ୍ୟୁବି୪୧ଇ-୬୦୧୨)କୁ ଜାଳି ଦେଇଛନ୍ତି। ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତହସିଲଦାର ନିରଞ୍ଜନ ସାହୁ ଓ ଥାନା ଅଧିକାରୀ କାଳନ୍ଦୀ ବେହେରା ପ୍ରମୁଖ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା। ଏଥିସହ ମୃତ ବିକାଶଙ୍କ ପରିବାରକୁ ଜିଲା ରେଡ୍‌କ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ବିକାଶ ହଳଦିଆରୁ ହୋଣ୍ଡା ଆକ୍ଟିଭା (ଓଡି୦୫-୫୧୨୧)ରେ ବଡପାଳ ଆସୁଥିଲେ। ଏହି ସମୟରେ କୋଲକାତାରୁ ପାରାଦୀପ ଯାଉଥିବା ଠାକୁର ଅଭିନ୍ନ ସୁନ୍ଦର ବସ୍ ଡାହାଣ ପଟ ରାସ୍ତାରେ ଯାଇ ହୋଣ୍ଡା ଆକ୍ଟିଭାକୁ ଧକ୍କା ଦେଇଥିଲା। ଫଳରେ ବିକାଶ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ଆଖପାଖ ଲୋକେ ପହଞ୍ଚି ହୋହଲ୍ଲା କରିବା ସହ ବସ୍‌ରେ ନିଆଁ ଲଗାଇ ଦେଇଥିଲେ। ଏଥିଯୋଗୁ ପ୍ରାୟ ୩ଘଣ୍ଟା ଧରି ଉକ୍ତ ରାସ୍ତା ବନ୍ଦ ରହିଥିଲା। ବସ୍‌ରେ କୋଲକାତାରୁ ଆସିଥିବା ବହୁ ବ୍ୟବସାୟ ସାମଗ୍ରୀ ପୋଡିଯାଇଛି।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**କୁଜଙ୍ଗ,୨।୯(ଡି.ଏନ.ଏ.)**

କୁଜଙ୍ଗ ଥାନା କୋଠିଆସାହି ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ବ୍ୟକ୍ତି ହେଲେ ଗ୍ରାମର ବିଷ୍ଣୁ ଘଡ଼ାଇ। ଅଭିଯୋଗ ଅନୁସାରେ, ଦେଢ ମାସତଳେ ବିଷ୍ଣୁ କେନ୍ଦ୍ରାପଡା ଜିଲା ଡେରାବିଶ ଥାନା ଫକିରାବାଦ ଗ୍ରାମର ତାପସ ପାତ୍ରଙ୍କ ଝିଅ ବେବିନାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ବିଷ୍ଣୁ ଓ ତାଙ୍କ ପରିବାର ଅଧିକ ଯୌତୁକ ଦାବି କରି ବେବିନାଙ୍କୁ ନିର୍ଯାତନା ଦେଉଥିଲେ। ତେବେ ଯୌତୁକ ଦେବାରେ ବିଳମ୍ବ ହେବାରୁ ମଙ୍ଗଳବାର ଶାଶୁଘର ଲୋକେ ବେବିନାଙ୍କୁ ହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। କୁଜଙ୍ଗ ପୋଲିସ ମାମଲା (ନଂ-୨୧୭/୨୦)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବିଷ୍ଣୁଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସୁକାନ୍ତି କଣ୍ଡନ କେଲ ପ୍ରକାଶ କରିଛନ୍ତି।

# ଶ୍ରମିକ ସଂଘର ଧାରଣା ବଳବତ୍ତର ନିଷ୍ପତ୍ତି


ଇମ୍ଫା ଖଣି ଗେଟ୍ ଆଗରେ ଶ୍ରମିକଙ୍କ ଧାରଣା।

**ତ୍ରିପାକ୍ଷିକ ବୈଠକରେ ବାହାରିଲାନି ନିଷ୍କର୍ଷ**

**କାଳିଆପାଣି, ୨।୯ (ଡି.ଏନ୍.ଏ.)**

କାଳିଆପାଣି ଇମ୍ଫା ଖଣି ଭିତରକୁ ଲୋଡିଂ ଶ୍ରମିକଙ୍କୁ ନ ଛାଡ଼ିବାକୁ ନେଇ ଶ୍ରମିକମାନେ ମଙ୍ଗଳବାରଠାରୁ ଧାରଣାରେ ବସିଥିବା ବେଳେ ବୁଧବାର ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଧାରଣାରେ ସାମିଲ ହୋଇଛି। ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଓ ସହ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ଇମ୍ଫା ଗେଟ୍ ସମ୍ମୁଖରେ ଶ୍ରମିକଙ୍କ ସହ ଧାରଣାରେ ବସିଥିଲେ। ପୂର୍ବାହ୍ନରେ କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ଅଧକ୍ଷତାରେ ଖଣି କାର୍ଯ୍ୟାଳୟଠାରେ ତ୍ରିପାକ୍ଷିକ ସମାଧାନ ବୈଠକ ବସିଥିଲା। ଏଠାରେ ଶ୍ରମିକ ସଂଘ ପକ୍ଷରୁ ୯ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ବୈଠକରେ ସେମାନଙ୍କ ସମସ୍ୟା ସମାଧାନ ନେଇ କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ଶ୍ରମିକ ସଂଘ ପ୍ରତିନିଧିମାନେ ବୈଠକରୁ ଉଠି ପୁଣି ଧାରଣାରେ ସାମିଲ ହୋଇଥିଲେ। ବୈଠକରେ ମହାଗିରି ଖଣିର ଭାଇସ ପ୍ରେସିଡେଣ୍ଟ ସୁଧାଂଶୁ ପାଟନୀ କମ୍ପାନୀ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଶ୍ରମିକଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ଶ୍ରମିକ ସଂଘ ସମ୍ପାଦକ ଧୀର କହିଛନ୍ତି। ଏ ନେଇ କମ୍ପାନୀର ଲୋକ ସମ୍ପର୍କ ପରିଚାଳକ ଜଗନମୋହନ ମଲ୍ଲିକଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ବି ସେ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

# ଏସ୍‌ଡିଆର୍‌ଏଫ୍ ସହାୟତା ପାଉନାହାନ୍ତି ପ୍ରବାସୀ

**କୁଜଙ୍ଗ,୨।୯(ଡି.ଏନ.ଏ.)**

କରୋନା ମହାମାରୀ ଯୋଗୁ ବିଭିନ୍ନ ରାଜ୍ୟରୁ ଫେରିଥିବା ପ୍ରବାସୀଙ୍କୁ ରାଜ୍ୟ ସରକାର ନାମ ପଞ୍ଜୀକରଣ କରି ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନେ ସଙ୍ଗରୋଧରେ ରହିବେ ସେମାନଙ୍କୁ ୨୦୦୦ଟଙ୍କା ଲେଖାଏ ସହାୟତା ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନସ ଫଣ୍ଡ(ଏସ୍‌ଡିଆରଏଫ)ରୁ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ମାତ୍ର କୁଜଙ୍ଗ ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି।

ଜୁଲାଇ ୨୦ ସୁଦ୍ଧା କୁଜଙ୍ଗ ବ୍ଲକ ଅଞ୍ଚଳକୁ ୧୭୫୭ ପ୍ରବାସୀ ଫେରିଛନ୍ତି। ଜୁଲାଇ ୨୦ରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଆଉ କେତେ ପ୍ରବାସୀ ଫେରିଛନ୍ତି ତାର ହିସାବ ମିଳିପାରିନାହିଁ ବୋଲି ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସହଦେବ ଗୁରୁ କହିଛନ୍ତି। ଯାହାକି ପ୍ରବାସୀଙ୍କ ସଂଖ୍ୟା ୧୭୫୭ ବାଦ ଢେର ଅଧିକ ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୫୭୬ ପ୍ରବାସୀଙ୍କୁ ୧୧ ଲକ୍ଷ ୫୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ ୧୧୮୧ ପ୍ରବାସୀ ପାଇବାକୁଥିବା ୨୩ଲକ୍ଷ ୬୨ହଜାର ଟଙ୍କା ମିଳି ପାରିନାହିଁ। ସରକାର ଆବଶ୍ୟକତା ଅନୁଯାୟୀ ଟଙ୍କା ପଇଠ କରି ନ ଥିବାରୁ ବ୍ଲକ ପ୍ରଶାସନ ଅବଶିଷ୍ଟ ପ୍ରବାସୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିପାରି ନ ଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୁରୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରବାସୀମାନେ ଏହି ପ୍ରୋତ୍ସାହନ ରାଶି ପାଇବାରେ ବିଳମ୍ବ ହେବାରୁ ସ୍ଥାନୀୟ ସରପଞ୍ଚଙ୍କୁ ସନ୍ଦେହଘେରରେ ରଖି ଦୋଷାରୋପ କରୁଛନ୍ତି। ଏହାକୁ ନେଇ ସରପଞ୍ଚମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ସରକାର ଏହି ପ୍ରୋତ୍ସାହନରାଶି ପ୍ରଦାନ କରିବାକୁ ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

# ବୁଡ଼ିଛି ୧୩୯୯ ହେକ୍ଟର ଫସଲ

**ନୟାଗଡ଼ ଅଫିସ/ଗଣିଆ,୨।୯(ଡି.ଏନ୍.ଏ.)**

ମହାନଦୀର ବନ୍ୟା ନୟାଗଡ଼ ଜିଲା ଗଣିଆ ବ୍ଲକର ଧାନ ଓ ଅଣଧାନ ଫସଲ ନଷ୍ଟ କରିଛି। ବ୍ଲକର ୧୨୬୦ ହେକ୍ଟର ଧାନ ଓ ୧୩୯ ହେକ୍ଟର ଅଣଧାନ ଏପରି ମୋଟରେ ୧୩୯୯ ହେକ୍ଟର ଜମିରେ ବନ୍ୟାପାଣି ଜମି ରହିଥିବା କୃଷି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଗଣିଆ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ମେହେରଙ୍କ ସୂଚନା ଅନୁସାରେ ଛାମୁଣ୍ଡିଆ ପଞ୍ଚାୟତର ୪୯୦ ହେକ୍ଟର, ରାସଙ୍ଗ ପଞ୍ଚାୟତ ୨୭୫ ହେକ୍ଟର, କିଶୋରପ୍ରସାଦ ପଞ୍ଚାୟତର ୪୨୫ ହେକ୍ଟର, ବେଲପଡାପାଟଣା ପଞ୍ଚାୟତର ୨୭୦ ହେକ୍ଟର ଧାନଜମି ବନ୍ୟାଜଳରେ ବୁଡି ରହିଛି। ସେହିପରି ଛାମୁଣ୍ଡିଆ ପଞ୍ଚାୟତର ୭୪ ହେକ୍ଟର, ରାସଙ୍ଗ ପଞ୍ଚାୟତର ୨୫ ହେକ୍ଟର, କିଶୋରପ୍ରସାଦ ପଞ୍ଚାୟତର ୩୨ ହେକ୍ଟର, ବେଲପଡାପାଟଣା ପଞ୍ଚାୟତର ୮ ହେକ୍ଟର ଜମିରେ ଅଣଧାନ ଫସଲରେ ପାଣି ଜମିରହିଛି। ଏ ନେଇ ଗୋପୀନାଥପୁରର ଚାଷୀ ଲକ୍ଷ୍ମୀଧର ସାମଲ କୁହନ୍ତି, ଯେଉଁ ଜମିରୁ ବନ୍ୟାଜଳ ଅପସାରଣ ହୋଇଛି ସେହି ଜମିର ଧାନ ପଚିଯାଇଛି। ମୁଁ ଆଜି ଜମିକୁ ଯାଇଥିବାବେଳେ ଧାନଗଛ ପଚି ଯାଇଥିବା ଦେଖିଲି।


ପଚିଯାଇଥିବା ଧାନଗଛ ଦେଖାଉଛନ୍ତି ଚାଷୀ।

# କମୁଛି ବନ୍ୟାଜଳ, କମିନି ଦୁର୍ଦ୍ଦଶା

■ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ୧୭ କିଲୋମିଟରର ଦୁଃଖ

■ପାଣି ଭିତରେ ଚାଲିଛି ପାଣି ଖୋଜା

■ଅନ୍ଧାର ଓ ରୋଗକୁ ନେଇ ବଢୁଛି ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା (ଡି.ଏନ୍.ଏ.), ୨।୯**

କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ୭ ନଦୀର ବନ୍ୟା ଜଳସ୍ତର କମିଛି। ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମରୁ ବନ୍ୟାଜଳ ନିଷ୍କାସିତ ହୋଇଛି। ତେବେ ବନ୍ୟା ଘେରରେ ଥିବା ଜିଲାବାସୀଙ୍କ ଦୁର୍ଦ୍ଦଶା କମିନି। ବନ୍ୟା ସମୟରେ ଘର ମଧ୍ୟରେ ରହିଥିବା ପରସ୍ତ ପରସ୍ତ ପଟୁ ମାଟିକୁ ଧୋଇ ନୂଆ ଜୀବନ ପାଇଁ କେତେକ ଗ୍ରାମବାସୀ ପ୍ରସ୍ତୁତ ହେଉଛନ୍ତି।

ମହାନଦୀ ସିଷ୍ଟମରେ ଥିବା ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ବି ବନ୍ୟାଘେରରେ ଅଛି। ସଠିଲୋଠାରୁ ବଳରାମପୁର ପର୍ଯ୍ୟନ୍ତ ୧୭ କିଲୋମିଟରର ନଦୀବନ୍ଧ ସେମାନଙ୍କ ପାଇଁ ଦୁଃଖ ସାଜିଥିବା ଗ୍ରାମବାସୀ କହିଛନ୍ତି । ସେହିପରି ରାଜକନିକା ତହସିଲ ଦଶଭାଗରିଆ ଗ୍ରାମର କୁଳମଣୀ ବେହେରାଙ୍କ ଦେଢ଼ବର୍ଷର ଶିଶୁକନ୍ୟା ଶ୍ରୁତି ବନ୍ୟା ଜଳରେ ଭାସିଯାଇଥିବା ଅଭିଯୋଗ ହୋଇଛି। ଆଳିର ଡାଳିକାଏନ୍ଦା ଗ୍ରାମ ବନ୍ୟା ଘେରରେ ଅଛି। ବନ୍ୟାଜଳ ଗ୍ରାମବାସୀଙ୍କ ପାନୀୟ ଜଳ ପାଇଁ ବାଧକ ହୋଇଛି। ଶୁଦ୍ଧ ପାନୀୟ ଜଳ ଅଦ୍ୟାବଧି ସେମାନଙ୍କୁ ମିଳିପାରି ନାହିଁ। ବିଦ୍ୟୁତ୍ ସରବରାହ ଦୀର୍ଘଦିନ ହେବ ବନ୍ଦରହିଛି। ତାଳସଙ୍ଗା ଗ୍ରାମର ପ୍ରତାପ କୁମାର ମହାନ୍ତି କୁହନ୍ତି, ମାର୍ଶାଘାଇ ବ୍ଲକ ଇନ୍ଦାଳୋ, ବଙ୍ଗାଳପୁର, ଜଳପୋକ, ଆଇତପୁର ଓ ବସୁପୁର ପଞ୍ଚାୟତକୁ ଲୁଣା ଓ କରାଣ୍ଡିଆ ନଦୀ ଘେରି ରହିଛି। ପ୍ରତି ବନ୍ୟାରେ ଏହି ଦୁଇ ନଦୀର ଜଳ ବନ୍ଧ ଡେଇଁ କ୍ଷତି କରୁଛି । ୧୭ କିଲୋମିଟର ବନ୍ଧକୁ ସୁଦୃଢ଼ୀକରଣ ପାଇଁ ବହୁବାର ଆନ୍ଦୋଳନ ହୋଇଛି। ଏହି ବନ୍ଧର ମାତ୍ର ୬ କିଲୋମିଟର ନିର୍ମାଣ ହୋଇଥିବା ବେଳେ ଅବଶିଷ୍ଟ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଉନି। ଜଳପୋକର ବସନ୍ତ କୁମାର ସେନାପତି କୁହନ୍ତି, ଚଳିତ ବନ୍ୟାରେ ୧୩ ଗ୍ରାମ ପ୍ରଭାବିତ ହୋଇଛି। ଅଦ୍ୟାବଧି ବଳରାମପୁର, ବାଲିସିଂହ, ନାନକାର, ଦୁତିପୁର, କଣିବାଙ୍କ, ପକ୍ଷୀବଟ, ଡିହଜଳପୋକ, ସଲାର, ସିସୁଆ, ସଠିଲୋ ଓ ପୁରୁଷୋତ୍ତମପୁର ଗ୍ରାମକୁ ସରକାରୀ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ । ଲୋକମାନେ ଛାତ ଉପରେ ରହିଥିବା ବେଳେ ସଞ୍ଚିତ ଖାଦ୍ୟ ସାମଗ୍ରୀ ସରିବାକୁ ବସିଛି। ଗତ ସୋମବାରରୁ ପ୍ରାୟ ୩୫ ହଜାର ଲୋକ ଆତଙ୍କିତ ଥିବା ସେ ପ୍ରକାଶ କରିଛନ୍ତି। ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳ ବିକାଶ କମିଟି ସମ୍ପାଦକ ଡ. ଅମିୟ ଜେନା କହିଛନ୍ତି, ଗତ ସାଧାରଣ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କେନ୍ଦ୍ରାପଡା ଜିଲା ଗସ୍ତ ସମୟରେ ଏ ସମ୍ପର୍କରେ ଅବଗତ କରାଇଥିଲୁ। ନଦୀବନ୍ଧର ସୁଦୃଢୀକରଣକୁ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। ତେବେ ଅଦ୍ୟାବଧି ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ସେହିପରି ଡାଳିକାଏନ୍ଦାର ସୁଶାନ୍ତ କୁମାର ନାୟକ କହିଛନ୍ତି, ଖରସ୍ରୋତା, ବ୍ରାହ୍ମଣୀ ଓ ବିରୂପା ନଦୀର ବନ୍ୟା ଜଳ ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା ବ୍ଲକ ଅଞ୍ଚଳରେ ଏକ ବିଭୀଷିକା ପରିସ୍ଥିତି ସୃଷ୍ଟି କରିଛି । କେତେକ ଗ୍ରାମରେ ବନ୍ୟା ଜଳ ନିଷ୍କାସିତ ହୋଇଥିଲେ ମଧ୍ୟ ଶତାଧିକ ଗ୍ରାମ ଏବେବି ପାଣି ଘେରରେ ଅଛି । ଏହି ଅଞ୍ଚଳରେ ପାନୀୟ ଜଳ ଏକ ସମସ୍ୟା ହୋଇଛି। ପମ୍ପ୍ ହାଉସ ଓ ନଳକୂପ ପାଣି ଘେରରେ ଥିବାରୁ ଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ସବୁ ଗ୍ରାମରେ ପ୍ରଶାସନ ପକ୍ଷରୁ ଦିଆଯାଉଥିବା ହାଲୋଜିନ ଟାବଲେଟ ଓ ପାଣି ପାଉଚ ପହଞ୍ଚି ପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ମହାକାଳପଡା ଯୁଥ କ୍ଲବ ସଭାପତି କହିଛନ୍ତି, ବନ୍ୟା ଯୋଗୁ ବିଦ୍ୟୁତ ସରବରାହରେ ବାଧା ସୃଷ୍ଟି ହୋଇଛି । ବନ୍ୟା ଜଳକୁ ଲୋକମାନେ ବ୍ୟବହାର କରୁଥିବାରୁ ଜଳବାହିତ ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି କୁମ୍ଭୀର ଓ ସରୀସୃପଙ୍କ ଭୟ ଥିବା ସେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସସ୍ମିତ କୁମାର ଶତପଥୀ କହିଛନ୍ତି, ବନ୍ୟାଞ୍ଚଳର ସମସ୍ତ ଗ୍ରାମରେ ପ୍ରଶାସନିକ ସେବା ପହଞ୍ଚିଛି । ପାନୀୟ ଜଳ, ଶୁଖିଲା ଓ ରନ୍ଧା ଖାଦ୍ୟ, ଗୋଖାଦ୍ୟ, ଔଷଧ ବିତରଣ ହେଉଛି । ଖରିଫ ଚାଷ ଓ ପନିପରିବା ନଷ୍ଟର ସମ୍ପୂର୍ଣ୍ଣ ବିବରଣୀ ମିଳି ନ ଥିବା ସେ ପ୍ରକାଶ କରିଛନ୍ତି ।


ଆଳି ବ୍ଲକରେ ବନ୍ୟାଜଳରେ ବୁଡିରହିଥିବା ନଳକୂପ।

ଭାରତ ହେଉଛି ବିଶ୍ୱର ବିଭିନ୍ନ ରାଷ୍ଟ୍ର-ଜାତିର ଗୁରୁ। ଭାରତ ମଧ୍ୟ ସେମାନଙ୍କର ଆତ୍ମାର ଚିକିତ୍ସକ- ଏବଂ ସେମାନଙ୍କର ଗଭୀର ନୈତିକ ବ୍ୟାଧିଗୁଡିକର ଆରୋଗ୍ୟ କର୍ତ୍ତା। ଏହି ବିଶ୍ୱକୁ ଏକ ନୂତନ ଜୀବନ ପଥରେ ଚାଳିତ କରିବା ପାଇଁ ସେ ବିଧାତାଙ୍କ ଦ୍ୱାରା ଆଦିଷ୍ଟ ହୋଇଛି। ଏଇ ଭାରତ ହିଁ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। -**ଶ୍ରୀଅରବିନ୍ଦ**



# ଜୀବେ ଦୟା



ମାନେକା ଗାନ୍ଧୀ

ଜୀବେ ଦୟା ବା ଦୟାପ୍ରଦର୍ଶନ କରିବା କୌଣସି ଅଭିରୁଚି ନୁହେଁ କି ମଣିଷ ଭଲ ମନଃସ୍ଥିତିରେ ଥିଲେ, ପେଟରେ ଭୋକ ନ ଥିଲେ କିମ୍ବା ବନ୍ଧୁମାନଙ୍କ ଗହଣରେ କିଛି ଭଲ କାମ କରିବାକୁ ବି ଦୟା କୁହାଯାଏ ନାହିଁ। ଏହା ଏପରି ଏକ ମାନସିକତା ତଥା ଦୁଃସ୍ଥ ମଣିଷଙ୍କ ପ୍ରତି ନିଜର ଉନ୍ମୁଖୀକରଣ ,ଯାହା ଚାରୋଟି ପରିସ୍ଥିତି ଉପରେ ନିର୍ଭରଶୀଳ- ଦୁଃସ୍ଥ ମଣିଷଙ୍କୁ ଠାବ କରିବା, ନିଜର ମାନସିକତାକୁ ସେମାନଙ୍କ ସ୍ଥିତି ସହ ସଂଯୁକ୍ତ କରିବା, ସେମାନଙ୍କର ଆବଶ୍ୟକ ସହାୟତା ସମ୍ପର୍କରେ ଜାଣିବା ଏବଂ ସେହି ବ୍ୟକ୍ତିଙ୍କୁ ଦୁଃସ୍ଥିତିରୁ ମୁକାବିଲା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା।

ମଣିଷର ହୃଦୟ କେତୋଟି ମାଂସପେଶୀର ସମାହାର। ଏହାର କାର୍ଯ୍ୟଶୈଳୀ ସୁଚାରୁରୂପେ ପରିଚାଳିତ ନ ହେଲେ ହୃଦୟର ଅବକ୍ଷୟ ଘଟିବା ନିଶ୍ଚିତ। ଶିଶୁଟିଏ ଜନ୍ମରୁ ମଣିଷ ଏବଂ ଅନ୍ୟପ୍ରାଣୀଙ୍କ ପ୍ରତି ସ୍ନେହଭାବ ସମ୍ପନ୍ନ ହୋଇଥାଏ। ତେବେ ତିନିବର୍ଷର ହେବାବେଳକୁ ପିତାମାତା ସେମାନଙ୍କ ମନରେ ଦୟାର୍ଦ୍ରଭାବ ପ୍ରତି ଏକପ୍ରକାର ଭୟ ସୃଷ୍ଟି କରାଇ ସାରିଥାନ୍ତି। ଫଳରେ ଶିଶୁ ମନରୁ କରୁଣା ଉଭେଇ ଯାଏ। ତେବେ ସେ ପୁଣି ନିଜକୁ ସେହି ଭାବ ସହ ପୁନଃସ୍ଥାପିତ କରିପାରିବ।

ଅବଶ୍ୟ ମଣିଷ ମନରେ ଏପରି ଭାବନା ଉଦ୍ରେକ ପାଇଁ ଏକ ପାଠ୍ୟକ୍ରମର ବି ବ୍ୟବସ୍ଥା କରାଯାଇଛି। ବୈଜ୍ଞାନିକ ଗବେଷଣା ଭିତ୍ତିରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର କମ୍ପାସନ୍ ଆଣ୍ଡ୍ ଅଲଟ୍ରୁଇଜମ୍ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ୍‌ରେ ଗବେଷକ ଡ. ଥୁପ୍‌ତେନ ଜିନ୍‌ପା ଏବଂ ତାଙ୍କ ସହଯୋଗୀମାନେ ଦୟା ବା କରୁଣା ଭାବ ଉଦ୍ରେକ କରାଇବା ଲାଗି ଏକ ଦୁଇମାସିଆ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି । ଯଦି ମୁଁ ଶିକ୍ଷା ବିଭାଗର ମନ୍ତ୍ରୀ ହୋଇଥାନ୍ତି, ତେବେ ନିଶ୍ଚୟ ଏହି ପାଠ୍ୟକ୍ରମ ବାଧ୍ୟତାମୂଳକ କରିଥାନ୍ତି। ଆହୁରି ମଧ୍ୟ ଏକ ପାଠ୍ୟକ୍ରମ ରହିଛି- ଗ୍ରେଟ୍ ଗୁଡ ଇନ୍ ଆକ୍ସନ (ଜିଜିଆଇଏ)। ଏହା ମଣିଷର ମାନସିକତାର ବ୍ୟାୟାମ କରାଇଥାଏ। ଏହି ବ୍ୟାୟାମ ଯେତେ ଅଧିକ କରାଯିବ, ସେତେ ଦ୍ୱରିତ ବେଗରେ ମଣିଷର ହୃଦୟ ଏବଂ ମନ ବିସ୍ତାର ଲାଭ କରିପାରିବ। ଏ କ୍ଷେତ୍ରରେ ଛୋଟଛୋଟ ପଦକ୍ଷେପ ମଧ୍ୟ ବେଶ୍ ସହାୟକ ହୋଇଥାଏ। ଯଦି ଶାରୀରିକ ବ୍ୟାୟାମ ସାରଣୀରେ ଦିନକୁ ୧୦ ହଜାର ପାଦ ଚାଲିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ତୁମେ କେବଳ ୩ ହଜାର ପାଦ ଚାଲିପାରିଛ, ତେବେ ମଧ୍ୟ ଏହା କିଛି ନ କରିବାଠାରୁ ଶ୍ରେୟସ୍କର ହୋଇଥାଏ।

ନିଜ କାମଗୁଡିକୁ ଦୃଷ୍ଟିଦେବା ଆରମ୍ଭ କର: କେତେବେଳେ ତୁମେ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟମାନଙ୍କ ପ୍ରତି ସହୃଦୟ ହେଉଛ ? ଯେତେବେଳେ କୌଣସି ଦୁର୍ଘଟଣା ସମ୍ପର୍କିତ ଖବର ଦେଖୁଛ, ସେତେବେଳେ ଦେଖିବା ଛଡା ତୁମେ ତା'ଉପରେ ଅଧିକ କ'ଣ କରୁଛ ? ଯେତେବେଳେ ତୁମେ କୌଣସି ପ୍ରକାର ଦୁଃଖ ଓ ଯନ୍ତ୍ରଣାକୁ ସାରାଦିନ ଏଡାଇ ଯାଉଛ ? ଥରେ ତୁମେ ନିଜର ଚିନ୍ତନ ପ୍ରତି ସଚେତନ ହେବା ଆରମ୍ଭ କଲେ, ଧୀରେ ଧୀରେ ପରିବର୍ତ୍ତନ ଆସିଯିବ। ଏଣିକି ଶପିଂ ମଲରେ କ୍ୟାଶିୟରଙ୍କ କାର୍ଯ୍ୟଚାପକୁ ଥରୁଟିଏ ଉପଲବ୍ଧି କର କିମ୍ବା ଜିନିଷଗୁଡିକୁ ଥାକରେ ସଜାଇ ରଖୁଥିବା କର୍ମଚାରୀଙ୍କ ପରିଶ୍ରମକୁ ଅନୁଭବ କର। ଅନ୍ତତଃ ପ୍ରଶଂସାର କଥା ପଦେ କୁହ। ଥରେ ଅଧେ ମୋର ବି ମନେଅଛି, ମୁଁ ବି ଗର୍ବର ସହ କହିବି ଯେ ଏହା ମୋ ଭିତରେ ସ୍ୱାଭାବିକ ଭାବେ ଆସିଥିଲା ,ଯେତେବେଳେ ମୋ କାର୍ ଟ୍ରାଫିକ ସିଗନାଲରେ ଛିଡା ହୋଇଥିଲା ଆଉ ମୁଁ ପିଇବା ପାଣି ବୋତଲ ଖୋଲୁଥିଲି। ସେତେବେଳେ ମୁଁ ଲକ୍ଷ୍ୟ କଲି ରୋଡ୍ ଡିଭାଇଡରେ ଲଗାଯାଇଥବା ଗୋଟିଏ ଗଛ ଖରା ଧାସରେ ମୃତ ପ୍ରାୟ ଅବସ୍ଥାରେ ଥିଲା। ମୁଁ କାର ବାହାରକୁ ଆସିଲି ଆଉ ତା' ମୂଳରେ ପାଣି ମୁନ୍ଦେ ଦେଇ ତା'କୁ ସତେଜ ହେବା ଯାଏ ଅପେକ୍ଷାରେ ରହିଲି। ସେ ସମୟରେ କେବଳ ତାକୁ ଚାହିଁ ରହିଥିଲି ଓ ତାହା ହିଁ ମୋତେ ଆନନ୍ଦ ଦେଉଥିଲା।

ତୁମେ ଯେତେବେଳେ ନିଜ ପାଇଁ କିଛି କରିବା ବଦଳରେ ଅନ୍ୟ ପ୍ରାଣୀମାନଙ୍କ ଲାଗି ସ୍ୱତଃସ୍ଫୂର୍ତ୍ତ ଭାବେ କିଛି କରିଥାଅ ସେତେବେଳେ ଅଧିକ ଆନନ୍ଦ ପାଇଥାଅ ଓ ଜଣା ପଡେ ତୁମେ ଠିକ୍ ମାର୍ଗରେ ଅଛ। ତୁମେ ସହୃଦୟତା ବା ଦୟା ଭଳି ଦିବ୍ୟ ଗୁଣର ଅଭ୍ୟାସ କର। ତୁମେ ବିଶ୍ୱ ପାଇଁ କ'ଣ ଚାହୁଁଛ ? ଜୀବନ ପାଇଁ କ'ଣ ଅଭୀପ୍ସା ରଖିଛ ? ତୁମ ପାଖରେ ଏ ବିଶ୍ୱକୁ ଦେବା ପାଇଁ କ'ଣ ଅଛି ? ଏ ବାବଦରେ ମୁଁ କିଛି ପରାମର୍ଶ ଦେବାକୁ ଯାଉଛି, ଯାହା ଅଡୁଆ ଲାଗିଲେ ବି ତାହା ନିଶ୍ଚିତ ଭାବେ କାମ ଦେବ। ଅନ୍ୟମାନଙ୍କୁ ପ୍ରଶଂସା କରି ଉତ୍ସାହିତ କର, ଅନ୍ୟର ଗୋପନୀୟତାକୁ ସମ୍ମାନ ଦିଅ, ଅନ୍ୟ ପାଇଁ ନିଜ ଭାବନାର ଦ୍ୱାର ସବୁବେଳେ ଉନ୍ମୁକ୍ତ ରଖ, ସଚେତନ ରହି ଭଲ କାମ କରିବା ପାଇଁ ସମୟ ନିର୍ଦ୍ଧାରଣ କର, କିପରି ଥ୍ୟାଙ୍କ୍ୟୁ କହିବ ତାହା ଶିଖ, ସମବେଦନା ବା ସମଦର୍ଶୀ ଭାବର ଅଭ୍ୟାସ କର ଓ ସତର୍କତାର ସହ ଆଗକୁ ବଢ।

ତୁମର ପରିବର୍ତ୍ତନ ହେଉଛି କି? ତୁମେ ଦୂରେଇ ଯିବାର ବାହାନା କରିବା ବନ୍ଦ କରି ଦେଇଛ ତ? ପୃଥିବୀକୁ ଏକ ଯନ୍ତ୍ରଣାର ସ୍ଥାନ ଭାବେ ଦେଖି ତାହାକୁ ଏକ ଭଲ ସ୍ଥାନ କରିପାରିବା ଭଳି ଦୃଷ୍ଟିକୋଣ ତୁମଠାରେ ବିକାଶ ହୋଇଛି ? ତୁମର ବ୍ୟବହାର ମଣିଷ ଓ ପ୍ରାଣୀମାନଙ୍କ ପ୍ରତି ଉତ୍ତମ ରହିଛି? ତୁମ ଜୀବନର ମୂଲ୍ୟବୋଧ ବୃଦ୍ଧି ହୋଇଛି? ଏହି ସବୁ ପ୍ରଶ୍ନଗୁଡିକୁ ଯଦି ତୁମେ ପସନ୍ଦ କରୁଛ ଓ କାର୍ଯ୍ୟରେ ସାକାର କରିବା ଲାଗି ଭାବୁଛ ତେବେ ଏ ସମ୍ପର୍କରେ ଏକ ଡାଏରୀ ମେଣ୍ଟେନ କର।

ଅନ୍ୟର ଦୁଃଖ ଦୂର କରିବା ହିଁ ଦୟା। ଜୀବନରେ କେବଳ ଏହାର ହିଁ ଗୁରୁତ୍ୱ ରହିଛି। ତୁମେ ତୁମ ପଡୋଶୀଙ୍କ ସହ ଝଗଡା କରିବା ସହଜ ଏବଂ ଲକଡାଉନ ସମୟରେ ହଜାର ହଜାର ଲୋକ ମଧ୍ୟ ତାହା ହିଁ କଲେ। ବର୍ଷାରୁ ରକ୍ଷାପାଇବା ଲାଗି ପାହାଚରେ ଆଶ୍ରୟ ନେଇଥିବା କୁକୁରଟିକୁ ଗୋଇଠା ମାରି ବାହାର କରିଦେବା ,ଗୋଟିଏ ଆଘାତପ୍ରାପ୍ତ ବାଘୁଣୀକୁ ମଣିଷଖିଆ ବୋଲି ଘୋଷଣା କରି ତାକୁ ଶିକାର କରିବା ,ଖାଦ୍ୟରେ ବମ୍ ପୂରାଇ ଗାଈର ମୁହଁକୁ ଶରୀରଠାରୁ ଅଲଗା କରିଦେବା ଓ ଗଛ କାଟିବା ବି ସହଜ ଥିଲା। ଏହାଦ୍ୱାରା ପୃଥିବୀ ଆଗକୁ ନା ପଛକୁ ଗଲା ? ଭଲ ଅର୍ଥବ୍ୟବସ୍ଥା ପାଇଁ ହିଂସା ସବୁଠୁ ବଡ଼ ଝଟକା ଏବଂ ଏହା ମଧ୍ୟ ଦୟାର ସମ୍ପୂର୍ଣ୍ଣ ବିପରୀତ।

ଜଣେ ଏଡ୍‌ସ ରୋଗୀଙ୍କ ସହ ରାଜକୁମାରୀ ଡାଏନା ଲଗାତର ହ୍ୟାଣ୍ଡଶେକ୍ ଦୃଶ୍ୟ ସାରା ବିଶ୍ୱରେ ଏଡ୍‌ସ ରୋଗୀଙ୍କ ପ୍ରତି ଥିବା ମନୋଭାବକୁ ବଦଳାଇ ଦେଇଛି। ମଦର ଟେରେସା ସମ୍ପୂର୍ଣ୍ଣ ରୁଗ୍‌ଣ,କୁଷ୍ଠରୋଗୀ ତଥା ଗୃହହୀନ ମାନଙ୍କୁ ଆଲିଙ୍ଗନ କରିବା ବହୁ ଲୋକଙ୍କ ମନରେ ଦୟା ଭାବ ଉଦ୍ରେକ କରିଛି। ମାଂସାଶୀ ମାନଙ୍କ ପାଇଁ ଯେଉଁମାନେ କୃତ୍ରିମ ମାଂସ ପ୍ରସ୍ତୁତ କରିବା ଲାଗି କମ୍ପାନୀମାନ ଖୋଲିଛନ୍ତି ସେମାନଙ୍କ ମଧ୍ୟରେ ଥିବା ଦୟା ଭାବ ଯୋଗୁ ଏହା ହୋଇଛି। ଅର୍ଥାଭାବ ସତ୍ତ୍ୱେ ଯେଉଁମାନେ ଦୁର୍ଘଟଣାଗ୍ରସ୍ତ କିମ୍ବା ରୋଗଗ୍ରସ୍ତ ପ୍ରାଣୀମାନଙ୍କ ପାଇଁ ଆଶ୍ରୟସ୍ଥଳୀ ଖୋଲିଛନ୍ତି. ରକ୍ତଦାନ କରୁଛନ୍ତି, ବୋନମ୍ୟାରୋ ସମସ୍ୟାରେ ପୀଡିତଙ୍କ ପାଇଁ ବୋନମ୍ୟାରୋ ପ୍ରତିରୋପଣ ନିମନ୍ତେ ପ୍ରତିଷ୍ଠାନ ଖୋଲିଛନ୍ତି, ଅସହାୟଙ୍କୁ କିଛି ଟଙ୍କା ଦାନ କରୁଛନ୍ତି ଓ ଯେଉଁ ଏନ୍‌ଜିଓଗୁଡିକ ଦୁର୍ଗମ ଗାଁଗୁଡିକରେ ଲୋକମାନଙ୍କୁ ଚିକିତ୍ସା ସେବା ଚିକିତ୍ସା ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ଏ ବିଶ୍ୱ ସବୁଠୁ ଭଲ, ସବୁଠୁ ସୁନ୍ଦର। କୌଣସି ଫଳ କାମନା ନ ରଖି ଏସବୁ ମଧ୍ୟରୁ ଅନ୍ତତଃ ତିନୋଟି ଭଲ କାମ କର ଏବଂ କେବଳ କୁହ ଯେ, ପ୍ରାପ୍ତକର୍ତ୍ତା ହିଁ ତିନୋଟି ଭଲ କାମ କରିଥାନ୍ତି। ବହୁ ବର୍ଷ ତଳେ ମୁଁ ଓ ମୋ ମା' ଲ୍ୟାରି କିଙ୍ଗ୍‌ଙ୍କ ଟିଭି ଶୋ ଦେଖୁଥିଲୁ। ସେଦିନ ଶୋରେ ଅତିଥି ଥିଲେ ବିଶ୍ୱ ପ୍ରସିଦ୍ଧ ସନ୍ଥ ତଥା ଭବିଷ୍ୟକାର ଜିନେ ଡିକ୍ସନ। ସେ କହିଲେ ଯେ, ପୃଥିବୀକୁ ବିଶ୍ୱର ନର୍କ ଭାବେ ନାମିତ କରାଯାଇଥିଲା। ଅନ୍ୟ କୌଣସି ଗ୍ରହରେ କୌଣସି ପ୍ରକାର ହିଂସା କିମ୍ବା ଅପରାଧ କରୁଥିବା ପ୍ରତ୍ୟେକ ଜୀବଙ୍କୁ ଏଠାକୁ ପଠାଇ ଦିଆଯାଉଥିଲା ଏବଂ ସେଥିପାଇଁ ପୃଥିବୀର ପ୍ରତ୍ୟେକ ଜୀବ ଲଗାତର ଯନ୍ତ୍ରଣା ଭୋଗ କରୁଥିଲେ। ଏବଂ ଆମେ ନିଜକୁ ପରିବର୍ତ୍ତନ ନ କରିବା ଯାଏ ଏମିତି ଜୀବନ ଚକ୍ରରେ ବାରମ୍ବାର ଫେରୁଥିବା ଓ ଯନ୍ତ୍ରଣା ଭୋଗ କରୁଥିବା। ଏଥିରୁ ମୁକୁଳିବାର ଏକମାତ୍ର ବାଟ ହେଉଛି ଦୟା, ସବୁ କିଛି ଉପରକୁ ଉଠି ଆମକୁ ଦୟାଳୁ ହେବାକୁ ପଡିବ। ଏଠାର ଯନ୍ତ୍ରଣାର ପରିଧିରୁ ମୁକ୍ତ ହେବାକୁ ତୁମେ ଚାହଁ କି? ମୁଁ କିନ୍ତୁ ଚାହେଁ।

Email: gandhim@nic.in

## ମାନପତ୍ରର ମାନ



ହିମାଂଶୁ ଶେଖର ଆଚାର୍ଯ୍ୟ

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତା'ର ଉନ୍ମେଷ ଘଟିବ। ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରି କି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ -ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି । ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ। ଯେମିତି ହେଉ ପଛେ, ମାନପତ୍ରଟିଏ ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟିହେବା ବିଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ । ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରି କି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ । ଏହାଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି ।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତା'ହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ । ତା' ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ । ଇଏ ତ ଗଲା ଗୋଟିଏ ଦିଗ । ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି ଯାହାଦ୍ୱାରା ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତିଭା ନ ଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି । ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ । ସେହିପରି ସଂଗଠନଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର । ଅନୁଷ୍ଠାନଗୁଡିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାନ୍ତି । ଗାଁ କନିଆଁ ସିଙ୍ଘାଣି ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି । ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତା'ର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର । ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ ।

ଆହୁରି ଆଶ୍ଚର୍ଯ୍ୟର କଥା ଜଣେ ଭଲ ଶିକ୍ଷକ ଏଠି ରାଜ୍ୟ ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାନ୍ତି । ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ । ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଃଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତି ଶିକ୍ଷକର ସମ୍ମାନ ପାଇବା ପାଇଁ। ଏବେ ପୁଣି ଜିଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି । ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ । ସେଇ ଏକା ବ୍ୟବସ୍ଥା । ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ। ବିଚରା ଶିକ୍ଷକଟିଏ ବୋଲି ସିନା। ସେ ପୁଣି ମଣିଷ ତିଆରି କରନ୍ତି, ଦେଶର ଭବିଷ୍ୟତମାନଙ୍କୁ ଗଢନ୍ତି । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକଙ୍କ ପଦମର୍ଯ୍ୟାଦା ରକ୍ଷା ପାଇଁ କ'ଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା । ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର । କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ, ଯାହା କି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

ଜଗତ୍‌ସିଂହପୁର, ମୋ-୯୯୩୭୧୫୧୦୫୨

## ଏଇ ଭାରତରେ

ଶକ୍ତି ସଂରକ୍ଷଣ କ୍ଷେତ୍ରରେ ତେଲଙ୍ଗାନା ଓ୍ୱାରାଙ୍ଗଲ ଜିଲା ଗୋପାଳପୁରମ୍ ଗାଁର ରାଜୁ ମୁପ୍ପାରପୁଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ। ରାଜୁଙ୍କ ବୟସ ୩୦ । ସେ ଏକ ଡିଭାଇସ ବିକାଶ କରିଛନ୍ତି ଯାହାଦ୍ୱାରା ବିଦ୍ୟୁତ ଶକ୍ତି ଅପଚୟ ରୋକାଯାଇପାରୁଛି । ଇଲେକ୍ଟ୍ରି ବିଲ ମଧ୍ୟ ୩୦ ପ୍ରତିଶତ କମ୍ ରହୁଛି। ସେ ଲାଇଟ୍ ଡିପେଣ୍ଡେଣ୍ଟ୍ ରେଜିଷ୍ଟାର୍(ଏଲଡିଆର) ସେନ୍‌ସରକୁ ୧୨୦ଟି ପଞ୍ଚାୟତ ଓ ଓ୍ୱାରାଙ୍ଗଲ ମ୍ୟୁନିସିପାଲିଟିରେ ଲଗାଇଛନ୍ତି। ଏହି ଯନ୍ତ୍ର ରାସ୍ତାରେ ଲାଇଟ ଜଳୁଛି କି ନାହିଁ ତାହା ଜଣାଇଦେଉଛି ଓ ଆବଶ୍ୟକସ୍ଥଳେ ମେନ୍ ସୁଇଚ୍ ସିଷ୍ଟମ୍‌କୁ ବନ୍ଦ କରାଯାଉଛି। ଏହି ଡିଭାଇସ୍‌ର ନାମ ନ୍ୟାଚୁରାଲ ଷ୍ଟ୍ରିଟ୍ ଲାଇଟ ସୁଇଚ୍ ରଖାଯାଇଛି ଓ ଏଥିରେ ଏକ ଫଟୋ ସେନସର ଲାଗିଛି। ରାଜୁ ବିଏସସି ପାସ୍ କରିବା ପରେ ଏହି କାର୍ଯ୍ୟରେ ଲାଗି ଯାଇଥିଲେ ଓ ସଫଳତା ମଧ୍ୟ ପାଇଥିଲେ। ୨୦୧୬ରେ ଏକ ଆଞ୍ଚଳିକ ଖବରକାଗଜରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଓ୍ୱାରଙ୍ଗଲ ଜିଲାପାଳ ପ୍ରଶାନ୍ତ ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ସେ ୧୦ ଟି ପଞ୍ଚାୟତରେ ଦୁଇଟି ଲେଖାଁଏ ଯନ୍ତ୍ର ଲଗାଇଥିଲେ। ଏହି ଯନ୍ତ୍ରକୁ ସାରା ଭାରତରେ ଲଗାଯାଇ ବିଦ୍ୟୁତ ଅପଚୟକୁ ରୋକି ହେବ ବୋଲି କହନ୍ତି ରାଜୁ।

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୫

- ସନ୍ତ୍ରାସବାଦ ବିରୋଧରେ ସଂଗ୍ରାମ କରିବା ଏବଂ ସନ୍ତାସବାଦକୁ ଅନ୍ତର୍ଜାତୀୟ ସ୍ତରରେ ବିରୋଧ କରିବାରେ ସହଯୋଗ କରିବା ନେଇ ଅନ୍ତର୍ଜାତୀୟ ସମୁଦାୟର ଇଚ୍ଛା ସଂକ୍ରାନ୍ତ ବେଜିଂ ବାର୍ତ୍ତା 'ନାମ' ବୈଠକରେ ସର୍ବସମ୍ମତ ଭାବେ ଅନୁମୋଦିତ ହୋଇଛି।
- ଗୁଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗୋଙ୍କୁ ପତ୍ନୀ ଶଶୀରେଖାଙ୍କ ହତ୍ୟା ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।
- କଟକର ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ କାନୁନ୍‌ଗୋଙ୍କ ୬୯ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | 3 | 4 | | | | 6 | | 9 | |
| | | 9 | A | | 5 | | | | | 4 | | 3 | | |
| 0 | | | | | | 8 | | | | A | | B | | 7 |
| | D | 7 | | 9 | C | | | | 8 | 0 | | | 1 | |
| | | | | | | 6 | | | 5 | | | | | A |
| | | | | | 9 | | | | | | | 5 | | 8 |
| 7 | 0 | | D | | | 9 | | | | | 5 | E | | |
| | 6 | 4 | 0 | 5 | | 1 | | E | | 3 | | | 2 | |
| | | C | 4 | | | A | | | | 7 | | | | |
| A | 3 | 1 | | | | 5 | | | C | | 4 | D | | 9 |
| 3 | | | | A | 7 | E | | | | | | | | 2 |
| 4 | | E | | B | | D | | | | 6 | | | 0 | 1 |
| 1 | C | D | E | | 4 | | | | | | | 8 | | |
| | | | 6 | 0 | | | | | | | | | C | |
| | 8 | | 1 | | D | | | | | | A | 7 | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | B | 9 | 6 | 7 | 1 | 8 | 4 | C | 3 | 2 | 0 | D | E |
| D | 1 | 0 | E | A | 4 | 2 | 3 | 7 | 6 | 9 | 8 | B | C | 5 |
| 8 | E | 6 | 2 | 3 | C | D | 5 | 0 | 4 | B | 1 | 7 | 9 | A |
| 2 | 3 | C | 0 | D | 1 | B | A | 9 | 5 | 7 | E | 4 | 8 | 6 |
| 9 | 4 | 7 | B | 5 | 8 | 6 | C | E | D | A | 0 | 3 | 1 | 2 |
| C | D | 5 | 4 | 1 | 3 | 0 | 2 | A | 7 | 8 | 6 | 9 | E | B |
| 3 | 0 | 8 | 5 | B | 9 | C | D | 6 | E | 2 | 4 | 1 | A | 7 |
| B | 6 | 1 | 7 | 8 | A | 4 | E | 5 | 9 | C | 3 | 2 | 0 | D |
| E | 7 | 9 | 6 | 0 | 2 | 8 | 1 | B | A | D | 5 | C | 3 | 4 |
| 4 | A | 2 | C | E | D | 9 | 7 | 3 | 0 | 1 | B | 6 | 5 | 8 |
| 7 | 8 | 3 | A | 4 | B | E | 0 | 1 | 2 | 5 | C | D | 6 | 9 |
| 0 | B | 4 | 8 | C | E | 5 | 9 | D | 1 | 6 | 7 | A | 2 | 3 |
| 1 | C | D | 3 | 2 | 6 | A | 4 | 8 | B | E | 9 | 5 | 7 | 0 |
| 5 | 2 | E | D | 9 | 0 | 7 | 6 | C | 3 | 4 | A | 8 | B | 1 |
| 6 | 9 | A | 1 | 7 | 5 | 3 | B | 2 | 8 | 0 | D | E | 4 | C |

ଗତକାଲିର ଉତ୍ତର

# ନିଯୁକ୍ତିରେ ସୁଧାର ଓ ଜାତୀୟ ନିଯୋଜନ ସଂସ୍ଥା



ନଗେନ୍ଦ୍ର ନାଥ ପଟ୍ଟନାୟକ

ବିଗତ ବର୍ଷଗୁଡ଼ିକରେ ଦେଶ ଯେତେସବୁ ସମସ୍ୟାର ସମ୍ମୁଖୀନ ହୋଇଛି ତନ୍ମଧ୍ୟରୁ ବେରୋଜଗାରୀ ଏକ ପ୍ରମୁଖ ସମସ୍ୟା । ସରକାରୀ ହେଉ କି ଘରୋଇ କ୍ଷେତ୍ର, ସବୁଠାରେ ଚାହିଦା ମୁତାବକ ଚାକିରି ଯେ ଖୁବ୍ କମ୍ । କେନ୍ଦ୍ର ସରକାର ଅଧୀନରେ ହେଉ କି ରାଜ୍ୟ ସରକାର ସରକାରୀ ଚାକିରିଟିଏ ହାତେଇବା ପ୍ରତ୍ୟେକ ଚାକିରି ଅନ୍ୱେଷଣକାରୀଙ୍କ ପାଇଁ ପ୍ରଥମ ପସନ୍ଦ ହୋଇ ରହିଥାଏ। ତେବେ ସରକାରୀ ଚାକିରି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି, ଲଗାମହୀନ ଭ୍ରଷ୍ଟାଚାର, ଘୋର ଅନିୟମିତତା ଇତ୍ୟାଦି ଗୁରୁତର ସମସ୍ୟା ବ୍ୟାଘାତ ସୃଷ୍ଟି କରିଥାଏ। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଚାକିରି ଓ କର୍ମସଂସ୍ଥାନର ସ୍ୱରୂପ କ୍ରମଶଃ ବଦଳିବାରେ ଲାଗିଛି। 'ବି' ଆଉ 'ସି' ବର୍ଗର ବେସରକାରୀ ପେସାଦାର ପଦଲାଗି କେନ୍ଦ୍ରୀୟ ସେବାରେ ରୋଜଗାର ଯୋଗାଇ ଦେବା ଦିଗରେ ଜାତୀୟ ନିଯୋଜନ ସଂସ୍ଥା ( ଏନଆରଏ)କୁ ମଞ୍ଜୁରୀ ପ୍ରଦାନ କରି କେନ୍ଦ୍ର ସରକାର ଏକ ବଡ ଧରଣର ପଦକ୍ଷେପ ଗ୍ରହଣ କରିଛନ୍ତି। ସୁତରାଂ ନିଯୁକ୍ତି ପ୍ରକ୍ରିୟାରେ ଏ ପ୍ରକାରର ସଂସ୍କାରରୁ ନିଶ୍ଚିତ ରୂପେ ଆଶାନୁରୂପ ଫାଇଦା ମିଳିବ ବୋଲି ଆଶା କରାଯାଉଛି । ବାସ୍ତବରେ ଜାତୀୟ ସ୍ତରୀୟ ନିଯୁକ୍ତିରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ ଲାଗି ଉଦ୍ଦିଷ୍ଟ ପରୀକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ତଥା ମଜଭୁତ କରିବା ଦିଗରେ ସରକାରଙ୍କର ଏଭଳି ଠୋସ ପଦକ୍ଷେପ ବେଶ୍ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ।

ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଆମ ଦେଶରେ ପାଖାପାଖି କୋଡିଏଟି ପ୍ରମୁଖ ନିଯୁକ୍ତି ସଂସ୍ଥା ସାଧାରଣତଃ ଏଭଳି ପ୍ରତିଯୋଗିତା ପରୀକ୍ଷାର ଆୟୋଜନ କରିଥାନ୍ତି। ଏମାନଙ୍କ ପରୀକ୍ଷାକେନ୍ଦ୍ର ପୃଥକପୃଥକ ସ୍ଥାନମାନଙ୍କରେ ଅନୁଷ୍ଠିତ ହେବାର ନୀତିଗତ ଭାବେ ସ୍ଥିର କରାଯାଇଥାଏ। ବେଳେବେଳେ ପରୀକ୍ଷାର୍ଥୀଙ୍କୁ ଏଥିପାଇଁ ଅନ୍ୟ ରାଜ୍ୟକୁ ବି ଯିବାକୁ ପଡେ। ତେବେ ଅଧିକାଂଶ ସମୟରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଏତେ ବଢିଯାଏ ଯେ ସେମାନଙ୍କୁ ରେଳଗାଡି ଓ ବସଗୁଡିକରେ ଯାତ୍ରା କରିବା ଛଡା ଅନ୍ୟ ବିକଳ୍ପ ନ ଥାଏ । ସଂପ୍ରତି କେନ୍ଦ୍ର ସରକାର ଦେଶର ତିନୋଟି ପ୍ରମୁଖ ସଂସ୍ଥା ଯଥା-କର୍ମଚାରୀ ଚୟନ ଆୟୋଗ, ରେଲୱେ ନିଯୁକ୍ତି ବୋର୍ଡ ତଥା ବ୍ୟାଙ୍କିଙ୍ଗ୍ କାର୍ମିକ ସଂସ୍ଥାଙ୍କୁ ଏନ୍‌ଆର୍‌ଏକୁ ସାଧାରଣ ଯୋଗ୍ୟତା ପରୀକ୍ଷାରେ ସାମିଲ କରିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ସବୁ ବଡବଡ ସଂସ୍ଥା ଏଥିରେ ସାମିଲ ହେବେ ବୋଲି ଆଶା କରାଯାଉଛି।

କେନ୍ଦ୍ର ସରକାରଙ୍କ ଏଭଳି ଦୂରଦର୍ଶୀ ପଦକ୍ଷେପ ତୃଣମୂଳ ସ୍ତରରେ କି ପ୍ରକାର ପରିବର୍ତ୍ତନ ଆଣିବାକୁ ଯାଉଛି ତାହା ଅଧିକାଂଶ ଲୋକ ଏଯାଏ ହୃଦୟଙ୍ଗମ କରିବାରେ ସକ୍ଷମ ହୋଇନାହାନ୍ତି। ପ୍ରକୃତରେ ଜାତୀୟ ନିଯୁକ୍ତି ସଂସ୍ଥା ଗଠନର ଲାଭ ଦେଶର କୋଟି କୋଟି ପରୀକ୍ଷାର୍ଥୀଙ୍କୁ ଉପଲବ୍ଧ ହୋଇପାରିବ। କାହିଁକି ନା, ସେମାନେ ଗୋଟିଏ ପରୀକ୍ଷାରେ ଏକାଧିକ ପଦ ପାଇଁ ଆବେଦନ କରିପାରିବେ, ଯାହାଫଳରେ ସେମାନେ ଚାକିରି ପାଇଁ ବାରମ୍ବାର ଆବେଦନ କରିବା ଆଉ ନିର୍ଦ୍ଧାରିତ ଫି ଦାଖଲ କରିବା ବୋଝ ତଥା ଝମେଲାରୁ ମୁକ୍ତି ପାଇପାରିବେ। ଏହି ସଂସ୍ଥା ଗଠନ ହେବା ଫଳରେ ବ୍ୟାଙ୍କ ଓ ରେଲୱେ ସାଙ୍ଗକୁ କେନ୍ଦ୍ର ସରକାର ଏବଂ ବ୍ୟାଙ୍କ ଆଦି ସାର୍ବଜନୀନ ଉଦ୍ୟୋଗରେ 'ବି' ଆଉ 'ସି' ଅଣ ପେସାଦାର ପଦପଦବୀରେ ନିଯୁକ୍ତି ସକାଶେ କେବଳ ମାତ୍ର ଗୋଟିଏ ପରୀକ୍ଷା ଅନୁଷ୍ଠିତ ହେବ। ସେଥିରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ଅନ୍ତିମ ପରୀକ୍ଷାରେ ବସିପାରିବ। ଏ ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫାଇନାଲ (ଶେଷ) ପରୀକ୍ଷାରେ ଅସଫଳ ହେଲା ପରେ ମଧ୍ୟ ପୁଣିଥରେ ପ୍ରବେଶିକା ପରୀକ୍ଷା ଦେବାରୁ ଛାଡ କରାଯିବ। ଉଲ୍ଲେଖ ଅନାବଶ୍ୟକ ଯେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକପ୍ରକାରେ ପ୍ରାଥମିକ ଯୋଗ୍ୟତା ବୋଲି ବିଚାର କରାଯାଏ।

ବଡ କଥା ହେଲା ଏବେ ଚାକିରି ଅନ୍ୱେଷଣକାରୀଙ୍କୁ ପରୀକ୍ଷା ଦେବାଲାଗି ଦୂରଦୂରାନ୍ତରେ ଅବସ୍ଥିତ ସହରଗୁଡିକରେ ଆଉ ଅସୁବିଧାର ସାମ୍ନା କରିବାକୁ ପଡିବନାହିଁ । ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ବର୍ତ୍ତମାନ ସମଗ୍ର ଦେଶରେ ଏକ ହଜାରରୁ ଅଧିକ ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯିବ। ପ୍ରତିଟି ଜିଲାରେ ମଧ୍ୟ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯିବାକୁ ପ୍ରୟାସ କରାଯିବ। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଏହି ସାଧାରଣ ଯୋଗ୍ୟତା ପରୀକ୍ଷା ଯୁବଗୋଷ୍ଠୀଙ୍କ ପାଇଁ ବରଦାନ ସଦୃଶ। ଏହି ପ୍ରୟାସରେ ବେକାରିଙ୍କ ସମୟ ଓ ଧନ ନିଶ୍ଚିତ ରୂପେ ସଞ୍ଚିତ ହୋଇପାରିବ। ଏହାଦ୍ୱାରା ଦାରିଦ୍ର୍ୟ ପୃଷ୍ଠଭୂମିର ପ୍ରାର୍ଥୀଙ୍କୁ ଆଶ୍ୱାସନା ମିଳିପାରିବ । ସାଂପ୍ରତିକ ପରିସ୍ଥିତିରେ ପ୍ରାର୍ଥୀଙ୍କୁ ବହୁ ସଂସ୍ଥା ଦ୍ୱାରା ସଞ୍ଚାଳିତ ବିଭିନ୍ନ ପରୀକ୍ଷାରେ ଭାଗ ନେବାକୁ ପଡିଥାଏ । ପରୀକ୍ଷା ବାବଦ ଶୁଳ୍କ ବ୍ୟତୀତ ଯାତ୍ରା, ରହଣି, ଖାଇବାପିଇବା ଓ ଅନ୍ୟାନ୍ୟ ଅତିରିକ୍ତ ଖର୍ଚ୍ଚକୁ ବହନ କରିବାକୁ ପଡିଥାଏ। ସାଧାରଣ ଯୋଗ୍ୟତା ପରୀକ୍ଷା (କମନ ଏଲିଜିବିଲିଟି ଟେଷ୍ଟ) ଇତ୍ୟାଦି ଏକକ ପରୀକ୍ଷା ଦ୍ୱାରା ପ୍ରାର୍ଥୀଙ୍କ ଉପରେ ଆର୍ଥିକ ବୋଝ ବିଶେଷ ରୂପେ ହ୍ରାସପାଇବ। ଏହାଛଡା, ମହିଳା ପ୍ରାର୍ଥୀଙ୍କୁ ମଧ୍ୟ ଯଥେଷ୍ଟ ଆଶ୍ୱସ୍ତି ମିଳିବ। କାରଣ ବେଳେବେଳେ ସୁଦୂର ସ୍ଥାନରେ ଅବସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯିବା ଲାଗି ସେମାନଙ୍କୁ ଉପଯୁକ୍ତ ବ୍ୟକ୍ତିଙ୍କ ସାହାଯ୍ୟ ଲୋଡିବାକୁ ପଡିଥାଏ । ପ୍ରତ୍ୟେକ ଜିଲାରେ ପରୀକ୍ଷା କେନ୍ଦ୍ର ରହିଲେ ସାଧାରଣତଃ ଗ୍ରାମାଞ୍ଚଳର ପ୍ରାର୍ଥୀମାନେ ବିଶେଷକରି ମହିଳା ପ୍ରାର୍ଥୀମାନଙ୍କୁ ଅଧିକ ଲାଭ ମିଳିବ। ପୁନଶ୍ଚ ପରୀକ୍ଷା ଲାଗି ପଞ୍ଜୀକରଣ ଅନ୍‌ଲାଇନ ଜରିଆରେ କରାଯାଇପାରିବ। ଉଲ୍ଲେଖନୀୟ କଥା ହେଉଛି ଅତୀତରେ ଚାକିରି ପାଇଁ ଅନ୍ୟ ରାଜ୍ୟରୁ ମହାରାଷ୍ଟ୍ରକୁ ଆସୁଥିବା ପ୍ରାର୍ଥୀଙ୍କୁ ମାରଧର, ପିଟାପିଟି ଓ ଗଣ୍ଡଗୋଳ ଜନିତ ଅଭାବିତ ଘଟଣାମାନ ଘଟିଥିବା ଦେଖିବାକୁ ମିଳିଥିଲା। ଅଧିକନ୍ତୁ ପୃଥକ ପୃଥକ ଭାବେ ନିଯୁକ୍ତି ପରୀକ୍ଷାରେ ଭାଗ ନେଉଥିବା ପ୍ରାର୍ଥୀ ଓ ସଂସ୍ଥାମାନଙ୍କୁ ଆର୍ଥିକ ବୋଝକୁ ସମ୍ଭାଳିବାକୁ ପଡିଥାଏ। ଏଥିରେ ଥରକୁ ଥର ବ୍ୟୟର ଭାର, ନିୟମ ଓ ବ୍ୟବସ୍ଥା ତଥା ସୁରକ୍ଷା ସଂକ୍ରାନ୍ତ ପ୍ରସଙ୍ଗ ଓ ପରୀକ୍ଷା ପରିଚାଳନାଗତ ସମସ୍ୟା ଇତ୍ୟାଦି ମନ୍ଦ ଦିଗଗୁଡିକ ଦେଖିବାକୁ ମିଳେ । ଏପରି କି ଏସବୁ ପରୀକ୍ଷାରେ ଅଢେଇରୁ ତିନିକୋଟି ପ୍ରାର୍ଥୀ ସାମିଲ ହୋଇଥାନ୍ତି ।

ସାଧାରଣ ଯୋଗ୍ୟତା ପରୀକ୍ଷାରେ ପ୍ରାର୍ଥୀ ଗୋଟିଏ ସାଧାରଣ ଯୋଗ୍ୟତା ପରୀକ୍ଷାରେ କେବଳ ଥରୁଟିଏ ଅଂଶଗ୍ରହଣ କରିବ ତଥା ଉଚ୍ଚ ସ୍ତରର ପରୀକ୍ଷା ପାଇଁ ଏସବୁ ନିଯୁକ୍ତି ସଂସ୍ଥାକୁ ଆବେଦନ କରିପାରିବ। ତେବେ ଏକଥା ସତ ଯେ ଅଲଗା ଅଲଗା ଜିଲାରେ ସମାନ ପଦରେ ନିଯୁକ୍ତି ପାଇଁ ଭିନ୍ନଭିନ୍ନ ପରୀକ୍ଷା ଦେବାଦ୍ୱାରା ବେକାରିଙ୍କ ଉପରେ ଆର୍ଥିକ ଓ ମାନସିକ ବୋଝ ଭାରି ପଡିଥାଏ । ନିଜ ଘରଠାରୁ ବହୁ ଦୂରରେ ଅବସ୍ଥିତ ପରୀକ୍ଷାକେନ୍ଦ୍ରକୁ ଯିବା ଲାଗି ବିଚରା ବେକାରି ପ୍ରାର୍ଥୀଟିଏ ପାଇଁ ଆବଶ୍ୟକ ଟଙ୍କା-ପଇସା ନ ଥାଏ। ପୁଣି ପରୀକ୍ଷା ସମୟ ନିର୍ଘଣ୍ଟ କେତେବେଳେ ଯେ ବଦଳିଯାଏ ତାହା କହିବା ମୁସ୍କିଲ । ମୋଟାମୋଟି ଅଲଗା ଅଲଗା ପରୀକ୍ଷା ଅନୁଷ୍ଠିତ କରିବାଟା ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସଂଘୀୟ ଢାଞ୍ଚାର ଅନୁରୂପ ନୁହେଁ। ଏପରି ସୁବ୍ୟବସ୍ଥିତ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ବିଭାଗ ପକ୍ଷରୁ କରାଯାଉଥିବା ନିଯୁକ୍ତି ପରୀକ୍ଷାରେ ହେଉଥିବା ଅଯଥା ଖର୍ଚ୍ଚକୁ ରୋକାଯାଇପାରିବ। ପୁନଶ୍ଚ ନିଯୁକ୍ତି ପରୀକ୍ଷାର ଫଳକୁ ବି ଅତିଶୀଘ୍ର ଘୋଷଣା କରାଯାଇପାରିବ। ଫଳରେ ବିଭାଗଗୁଡିକ ବିଭିନ୍ନ ଚାକିରିରେ ନିଜର ପସନ୍ଦ ମୁତାବକ ଯୋଗ୍ୟପ୍ରାର୍ଥୀଙ୍କୁ ଚୟନ କରିବାକୁ ଉତ୍ତମ ସୁଯୋଗ ପାଇବେ।

ଯୁଗ୍ମସଚିବ, ଓରେରା, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ପାଠକ ଶ୍ରେଷ୍ଠ ବିଚାରକ

### କୋଠାବାଡ଼ି ନିୟମ ନିର୍ଣ୍ଣାୟକ ହେଉ

ମହାଶୟ,

ନିକଟରେ ଧରିତ୍ରୀରେ ପ୍ରସାରିତ ହୋଇଥିଲା ଯେ କରୋନା ସଂକ୍ରମଣ ଯୋଗୁ ଆମ ରାଜ୍ୟରେ ଉପୁଜିଥିବା ଗୁରୁତର ଆର୍ଥିକ ସମସ୍ୟାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏହାକୁ ଦୃଷ୍ଟିରେ ରଖି ସରକାର କୋଠାବାଡ଼ି ନିୟମକୁ କୋହଳ କରିଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ରାଜ୍ୟର ୯ ସହରାଞ୍ଚଳରେ ଥିବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଇଁ ଏକ ପ୍ରକାରର ସଂଶୋଧିତ କୋଠାବାଡ଼ି ନିୟମ ପ୍ରଣୟନ କରାଯାଇଛି। ଏଥିନିମନ୍ତେ ସରକାର ସମସ୍ତ ସହର ଓ ଗ୍ରାମାଞ୍ଚଳକୁ ନେଇ ପ୍ଲାନିଂ ଏଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରୁଲ୍‌ରେ ମଧ୍ୟ ଏକ ପ୍ରକାରର ରୁଲ୍‌ସ-୨୦୨୦ କାର୍ଯ୍ୟକାରୀ ହେବାପାଇଁ ଆଇନ ପ୍ରଣୟନ କରିଛନ୍ତି। କିନ୍ତୁ ଏହାଦ୍ୱାରା କେବଳ ସହରାଞ୍ଚଳରେ ଜମିବାଡ଼ି କିଣାବିକା ଏବଂ କୋଠାବାଡ଼ି ନିର୍ମାଣ କରୁଥିବା ବଡ଼ ବଡ଼ ରିୟଲ୍ ଇଷ୍ଟେଟ୍ କମ୍ପାନୀମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ମିଳିପାରିବ। କିନ୍ତୁ ଜମିର ବେଆଇନ କିଣାବିକାକୁ ଓ ଜବରଦଖଲ ପ୍ରଭୃତି କ୍ଷେତ୍ରରେ ଉପୁଜୁଥିବା ମୁଖ୍ୟ ସମସ୍ୟା ପ୍ରତି ମଧ୍ୟ ବିଚାର କରିବା ଆବଶ୍ୟକ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥ (ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ୩ ବିଧାୟକଙ୍କ ସହ କଥା ହେଲେ ନବୀନ

**ଭୁବନେଶ୍ୱର,୨।୯(ବ୍ୟୁରୋ):** କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମଙ୍ଗଳବାର ୩ ଜଣ ବିଧାୟକ ସୁଶାନ୍ତ ରାଉତ, ସୁନନ୍ଦା ଦାସ, ବିକ୍ରମ ପଣ୍ଡା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଆକ୍ରାନ୍ତ ୩ ବିଧାୟକଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିବା ଟୁଇଟ କରି ସୂଚନା ଦେଇଛନ୍ତି। ଏହାସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ବୁଝିବା ସାଙ୍ଗକୁ ସମସ୍ତଙ୍କ ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଅନ୍ୟପଟେ ଏହି ୩ ବିଧାୟକଙ୍କ ସହ ଦୁଇଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିବା ମନ୍ତ୍ରୀ ଅରୁଣ କୁମାର ସାହୁ, ଦେବୀ ପ୍ରସାଦ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କରି ରାଜ୍ୟପାଳ ଗଣେଶୀ ଲାଲ ଟୁଇଟ୍ କରିଛନ୍ତି।

### ସମବାୟ ଏଆର୍‌ସିଏସ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଢେଙ୍କାନାଳ ଅଫିସ,୨।୯:** ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଢେଙ୍କାନାଳ ସହରସ୍ଥିତ ମହିଷାପାଟଠାରେ ଥିବା ସମବାୟ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ

**୨ କୋଟି ଟଙ୍କାର ସମ୍ପତ୍ତି ଠାବ**

ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି ବିଦ୍ୟାଧର ବେହେରାଙ୍କ ଅଫିସ ଓ ଭୁବନେଶ୍ୱରସ୍ଥିତ ବାସଭବନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ବର୍ତ୍ତମାନ ଭୁବନେଶ୍ୱରଠାରେ ଡେପୁଟେସନରେ କାର୍ଯ୍ୟରତ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ସକାଳେ ବିଦ୍ୟାଧରଙ୍କ ଢେଙ୍କାନାଳ ମହିଷାପାଟସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ପଟିଆସ୍ଥିତ ବାସଭବନ ଓ ଭଦ୍ରକ ଜିଲା ଭଣ୍ଡାରୀପୋଖରିସ୍ଥିତ ପୈତୃକ ଘର ଉପରେ ଏହି ଚଢ଼ାଉ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱର ପଟିଆ ଅଞ୍ଚଳରୁ ୧କୋଟି ୨୮ଲକ୍ଷ ଟଙ୍କାର ୩ ମହଲା କୋଠା, ୪୦ଲକ୍ଷ ଟଙ୍କାର ଏକ ଫ୍ଲାଟ୍, ଭୁବନେଶ୍ୱରଠାରେ ଥିବା ଏକ ଜମି, କାର ଓ ୨ଟି ବାଇକ୍, ୧୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା, ୭ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ଆଦି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଢେଙ୍କାନାଳ ମହିଷାପାଟ ସମବାୟ କାର୍ଯ୍ୟାଳୟଠାରେ ସ୍ଥାନୀୟ ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ନାୟକ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ଆଦିବାସୀଙ୍କ ଜୀବନରେଖା 'ଦଣ୍ଡାଧର'

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୨।୯**



ଦଣ୍ଡାଧର ଡ୍ୟାମ୍।

- ୯୩୦୦ ଏକର ଜମିରେ ମାଡୁଛି ଡ୍ୟାମ୍ ପାଣି
- ସବୁଜ ଖେତରେ ହସୁଛି ପାହାଡ଼ ତଳି ଅଞ୍ଚଳ
- ସୃଷ୍ଟି ହୋଇଛି ପର୍ଯ୍ୟଟନର ନୂଆ ସମ୍ଭାବନା

ବର୍ଷା ହେଲେ ପାହାଡ଼ିଆ ପାଣି ସ୍ରୋତ ଭସାଇ ନେଉଥିଲା ଚାଷ। ବର୍ଷା ନ ହେଲେ ଉଜୁଡ଼ି ଯାଉଥିଲା ଫସଲ। ତଳି ରୋଇବାଠୁ ଫସଲ ଅମଳ ଯାଏ ଲାଗି ରହୁଥିଲା ଚିନ୍ତା। ହାଡ଼ଭଙ୍ଗା ପରିଶ୍ରମ ସତ୍ତ୍ୱେ ପାଣିକୁ ଅନାଇ ଆଶାଆଶଙ୍କାରେ ରହୁଥିଲେ ଚାଷୀ। ହେଲେ ରାମିଆଳ ନଦୀରେ ଡ୍ୟାମ୍ ନିର୍ମାଣ ପରେ ବିକାଶର ନୂଆ ଚିତ୍ର ଦେଖୁଛି ଆଦିବାସୀ ଇଲାକା। ହଜାର ହଜାର ଏକର ଜମିକୁ ହେଉଛି ଜଳସେଚନ। ପାହାଡ଼ ତଳି ଅଞ୍ଚଳରେ ହସୁଛି ସବୁଜ ଖେତ। ଏସବୁ ସମ୍ଭବ ହୋଇପାରିଛି ଦଣ୍ଡାଧର ଡ୍ୟାମ୍ ପାଇଁ। ଏହି ଜଳଭଣ୍ଡାର କଙ୍କଡ଼ାହାଡ଼ ବ୍ଲକର ଆଦିବାସୀଙ୍କ ଜୀବନ ଧାରା ପାଲଟିଥିବାବେଳେ ଢେଙ୍କାନାଳ ଜିଲା ପାଇଁ ସୃଷ୍ଟି ହୋଇଛି ପର୍ଯ୍ୟଟନର ନୂଆ ସମ୍ଭାବନା।

କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ବୁଢ଼ୀବିଲ ଗ୍ରାମ ନିକଟ ରାମିଆଳ ନଦୀରେ ଅବସ୍ଥିତ ଦଣ୍ଡାଧର ଡ୍ୟାମ। ଘଞ୍ଚ ପାହାଡ଼ ଘେରା ଅଞ୍ଚଳରେ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶିର ମନୋରମ ଦୃଶ୍ୟ ଯେତିକି ଆକର୍ଷଣୀୟ, ସେତିକି ଉପାଦେୟ ଏହାର ସଂରକ୍ଷିତ ଜଳ। ପାହାଡ଼ିଆ ଅଞ୍ଚଳରେ ଚାଷୀମାନେ ଜଳଭଣ୍ଡାର ପାଣିକୁ ବ୍ୟବହାର କରି ବର୍ଷକର ଖାଦ୍ୟ ଯୋଗାଡ଼ କରିପାରୁଛନ୍ତି, ଯାହା ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିଛି। ଢେଙ୍କାନାଳ ଜିଲାର ପଛୁଆ ଅଞ୍ଚଳରେ କୃଷିକ୍ଷେତ୍ର ଉନ୍ନତିର ସ୍ୱପ୍ନ ଦେଖିଥିଲେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ। ତାଙ୍କ ଉଦ୍ୟମରେ ଏକକାଳୀନ କଙ୍କଡ଼ାହାଡ଼ର ଦଣ୍ଡାଧର ଏବଂ ପରଜଙ୍ଗର ଦଦରାଘାଟିରେ ଦୁଇଟି ନଦୀବନ୍ଧର ପରିକଳ୍ପନା କରାଯାଇଥିଲା। ୧୯୭୫ରେ ସମାନ୍ତରାଳ ଭାବେ ଉଭୟ ନଦୀବନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରେ ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲ ସହ ବିସ୍ତୀର୍ଣ୍ଣ ପର୍ବତମାଳା, ପଶ୍ଚିମରେ କେରଜୋଳି ରାଜସ୍ୱ ବିଭାଗର ଜଙ୍ଗଲ ଦେଇ ଯାଇଥିବା ରାମିଆଳ ନଦୀକୁ ବନ୍ଧାଯାଇ ୪୨୪ ମିଟର ଲମ୍ବ ବିଶିଷ୍ଟ ଦଣ୍ଡାଧର ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଡ୍ୟାମ୍ ପାଇଁ କେନ୍ଦୁଝର ଜିଲାର ରେକୁଟି ନୂଆଗାଁ, ବିରିପାଳ, କାଳିଆହତା, କାଉବସା ଆଦି ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ପରିବାରକୁ କଙ୍କଡ଼ାହାଡ଼ର କଣ୍ଟାପାଳଠାରେ ୪ କଲୋନୀରେ ଏବଂ ୮୧୩ ପରିବାରକୁ ଦଦରାଘାଟି ନିକଟ ୫ କଲୋନୀରେ ଥଇଥାନ କରାଯାଇଥିଲା। ୧୯୮୩ରେ ପୂର୍ଣ୍ଣାଙ୍ଗ ରୂପ ନେଇଥିଲା ଦଣ୍ଡାଧର ଡ୍ୟାମ। ୩୨୮ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ଦଣ୍ଡାଧର ଡ୍ୟାମର ଜଳଧାରଣ କ୍ଷମତା ୮୬୦୦ ଘନ ମିଟର। ଏହାର ଗଭୀରତା ୧୧୦.୬୪ ମିଟର। ଜଳଭଣ୍ଡାରରୁ ଜଳ ନିଷ୍କାସନ ପାଇଁ ୪ଟି ଗେଟ୍ ରହିଛି। ଏଠାରୁ ବାହାରିଥିବା ବାମ ଏବଂ ଦକ୍ଷିଣ କେନାଲ ମାଧ୍ୟମରେ ଜମିକୁ ଜଳଯୋଗାଣ ହୋଇଥାଏ। ମୁଖ୍ୟ ବାମ କେନାଲ ୨୨ କିମି ହୋଇଥିବାବେଳେ ମୁଖ୍ୟ ଦକ୍ଷିଣ କେନାଲର ଦୈର୍ଘ୍ୟ ୯.୬ କିମି। ଏଥିରୁ ଅନେକ ଶାଖା, ପ୍ରଶାଖା ଏବଂ ନାଳି କେନାଲ ବାହାରିଛି, ଯାହା ସହାୟତାରେ କେନାଲ ଦୂରବର୍ତ୍ତୀ ଜମିକୁ ପାଣି ଯୋଗାଣ ହେଉଛି। ଉଭୟ କେନାଲ ମାଧ୍ୟମରେ ଖରିଫ ଋତୁରେ ୬,୧୨୮ ଓ ରବି ଋତୁରେ ୩,୨୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରୁଛି। ବାମକେନାଲ ଦ୍ୱାରା କଙ୍କଡ଼ାହାଡ଼ ବ୍ଲକର କରଗୋଳା, କଙ୍କଡ଼ାହାଡ଼, ବାଲିକୁମା, ମରୁଆବିଲ, ରାଇବୋଲ, ବୀରାଶାଳ, ମକୁଆକାଟେଣୀ, ବାଟଗାଁ, କାମାକ୍ଷାନଗର ବ୍ଲକର କାନପୁରା ଏବଂ ଦକ୍ଷିଣ କେନାଲ ଦ୍ୱାରା କଙ୍କଡ଼ାହାଡ଼ ବ୍ଲକର କଣ୍ଟାପାଳ, କନ୍ଧରା ଆଦି ପଞ୍ଚାୟତର ଚାଷ ଜମିକୁ ଜଳଯୋଗାଣ କରିବାକୁ ଯୋଜନା ରହିଛି। ହେଲେ ବୈଷୟିକ ତ୍ରୁଟି ଏବଂ ଦିନକୁ ଦିନ ଡ୍ୟାମର ଜଳଧାରଣା କ୍ଷମତା କମିଯାଉଥିବାରୁ ତଳିଆ ଅଞ୍ଚଳକୁ ପାଣି ପହଞ୍ଚି ପାରୁନାହିଁ। ଡ୍ୟାମ ପୁନରୁଦ୍ଧାର ଏବଂ କେନାଲର ରକ୍ଷଣାବେକ୍ଷଣ କରାଗଲେ ଅଧିକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।

### ଆଦିବାସୀ ଅଞ୍ଚଳର ଜୀବନରେଖା



କଙ୍କଡାହାଡ଼ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳବାସୀଙ୍କ ପାଇଁ ଦଣ୍ଡାଧର ଡ୍ୟାମ ଜୀବନରେଖା ସଦୃଶ। ଡ୍ୟାମ ଜଳ ପାଇଁ ଚାଷୀମାନେ ବର୍ଷତମାମ ବିଭିନ୍ନ ଫସଲ କରିପାରୁଛନ୍ତି। ପିକ୍‌ନିକ୍ ଋତୁରେ ଏଠାକୁ ବହୁ ପର୍ଯ୍ୟଟକଙ୍କ ସମାଗମ ହେଉଛି। ଡ୍ୟାମ ପାରିପାର୍ଶ୍ୱିକ ଅଞ୍ଚଳକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଯାଇପାରିଲେ ଆଦିବାସୀ ଅଞ୍ଚଳର ଆହୁରି ବିକାଶ ହୋଇପାରନ୍ତା।

- ଇଂ. ରାଜେଶ ଦେହୁରୀ, ବୁଦ୍ଧିଜୀବୀ

### ଯତ୍ନବାନ ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ହେବ



ପୂର୍ବଜଙ୍କ ତ୍ୟାଗର ଫଳ ହେଉଛି ଦଣ୍ଡାଧାର ଡ୍ୟାମ। ଡ୍ୟାମ ନିର୍ମାଣକୁ ୪୫ବର୍ଷ ବିତିଯାଇଥିଲେ ମଧ୍ୟ ବିସ୍ଥାପିତ କଲୋନୀର ଦୁର୍ଦ୍ଦଶା ସରିନି। ଅନେକଙ୍କୁ ଏ ଯାଏ ଜମିପଟ୍ଟା ମିଳିପାରିନି। ସେଚ ପାଇଁ ନିର୍ମିତ କେନାଲ ବିସ୍ଥାପିତଙ୍କ କାମରେ ଆସୁନି। ଏ ସବୁ ପ୍ରତି ଯତ୍ନବାନ ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ହୋଇପାରନ୍ତା।

- ବଳଭଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ

### ପୁନରୁଦ୍ଧାର ହେଲେ ଅଧିକ ସୁଫଳ ମିଳନ୍ତା



ଦଣ୍ଡାଧର ଡ୍ୟାମ ଧୀରେ ଧୀରେ ପୋତି ହୋଇପଡୁଛି। ଏହାର ଜଳଧାରଣ କ୍ଷମତା କମିଯାଉଛି। ତଳିଆ ଅଞ୍ଚଳକୁ ପାଣି ପହଞ୍ଚି ପାରୁନାହିଁ। ଡ୍ୟାମକୁ ଗଭୀର କରାଗଲେ ଚାଷୀଙ୍କୁ ସୁଫଳ ମିଳନ୍ତା। ପର୍ଯ୍ୟଟନର ବିକାଶ ଲାଗି ମଧ୍ୟ ଏଠାରେ ଭିତ୍ତିଭୂମି ରହିଛି। ଏହାର ବିକାଶ କରାଗଲେ ଦଣ୍ଡାଧର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରନ୍ତା।

- ଶରତ ଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ

# ମଦ ବିକ୍ରିକୁ ବିରୋଧ, ଯୁବକଙ୍କୁ ହତ୍ୟା

**ଚୌଦ୍ୱାର,୨।୯(ଡି.ଏନ୍.ଏ.)**

- କଟୁରି, କୁରାଢ଼ି ଜବତ: ୪ ଅଟକ
- ଥାନାରେ ଅଭିଯୋଗ କରିଆସୁଥିଲେ ସାହି ମହିଳା



ମୃତ ସରୋଜ ସାମଲ

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ ବାଣିପଦା ପଞ୍ଚାୟତର ହରିଜନ ସାହିରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଥାନାରେ ଅଭିଯୋଗ କରିବାରୁ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଏହି ସାହିର ସରୋଜ ସାମଲ (୩୨)। ଖବରପାଇ ବୁଧବାର ଚୌଦ୍ୱାର ପୋଲିସ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତ ନମୁନା ସହ ଏକ କଟୁରି ଓ କୁରାଢ଼ି ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ପୋଲିସ ନଂ. ୪୦୫/୨୦ରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ମୃତ ସରୋଜଙ୍କ ଭାଇ ସମେତ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସାହିରେ କେତେଜଣ ଅସାଧୁ ବ୍ୟକ୍ତି ଦୀର୍ଘଦିନ ହେବ ବାହାରୁ ଚୋରା ମଦ ଆଣି ଘରେ ରଖି ବିକ୍ରି କରୁଛନ୍ତି। ଏଥିରେ ମୃତ ସରୋଜଙ୍କ ଭାଇ ମଧ୍ୟ ସାମିଲ ଥିଲେ। ମଦ୍ୟପମାନେ ସେମାନଙ୍କଠାରୁ ମଦ ପିଇ ସାହିରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସାମାଜିକ ଲୋକଙ୍କ ଭିଡ ଜମୁଛି। ଏ ନେଇ ସାହିର କେତେଜଣ ମହିଳା ପୂର୍ବରୁ ପୋଲିସକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅପରପକ୍ଷେ ମହିଳାମାନେ ମଦ ବିକ୍ରେତାଙ୍କ ରୋଷର ଶିକାର ହୋଇଆସୁଥିଲେ। ମଙ୍ଗଳବାର ପୁଣି ସାହି ମହିଳାମାନେ ମଦ ବିକ୍ରେତାଙ୍କ ନାମରେ ଅଭିଯୋଗ କରିବାକୁ ଯାଇଥିଲେ। ଯେଉଁଥିରେ ସରୋଜଙ୍କ ପରିବାର ମଧ୍ୟ ସାମିଲ ଥିଲେ। ଥାନାରୁ ମହିଳାମାନେ ଫେରୁଥିବାବେଳେ ମଦ ବିକ୍ରେତାଙ୍କ ମଧ୍ୟରେ ବଚସା ହେବାରୁ ସରୋଜ ଆସି ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ରାଗ ରଖି ମଧ୍ୟ ରାତିରେ ମଦ ବିକ୍ରି କରୁଥିବା ଗୋଷ୍ଠୀର କେତେଜଣ ବ୍ୟକ୍ତି ସରୋଜଙ୍କୁ ଘରୁ ଡାକି କୁରାଢ଼ିରେ ଆକ୍ରମଣ କରିବା ସହ କଟୁରିରେ ମୁଣ୍ଡକୁ ହାଣିଦେଇଥିଲେ। ଘଟଣାସ୍ଥଳରେ ସରୋଜ ଅଚେତ ହୋଇ ପଡ଼ିଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ସରୋଜଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସରୋଜଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ସାହିରେ ଗଣ୍ଡଗୋଳ ଆଶଙ୍କା କରି ଥାନା ପକ୍ଷରୁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୧,୧୨ ଓ ୨୬ତାରିଖରେ ସାହିର ମହିଳାମାନଙ୍କ ଦ୍ୱାରା ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ କରାଯାଇଛି। ହେଲେ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ହେତୁ ଏଭଳି ଘଟଣା ଘଟିଥିବା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

### ରିଲିଫ କାମରେ ନିୟୋଜିତ ଲାଗି ଗଠନ ହେଲା କଂଗ୍ରେସ କମିଟି

**ଭୁବନେଶ୍ୱର,୨।୯(ବ୍ୟୁରୋ):** ଲକ୍ଷାଧିକ ଲୋକ ବନ୍ୟା ଯୋଗୁ ଫସି ରହିଛନ୍ତି। ରାଜ୍ୟରେ ୨୦ ଜିଲାରେ ବନ୍ୟା ପାଣି ପଶିଯାଇଛି। ଏଭଳି ସମୟରେ ରାଜ୍ୟର ତୃଣମୂଳସ୍ତରର କର୍ମୀମାନଙ୍କୁ ସକ୍ରିୟତାର ସହ ରିଲିଫ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ବୁଧବାର ଚିଠି ଲେଖିଛନ୍ତି। ଏହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସ୍ଥାନୀୟ ପ୍ରଶାସନଙ୍କୁ ସାହାଯ୍ୟ କରିବା ଲାଗି ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟିରେ ୯ଜଣ ନେତା ଥିବାବେଳେ ସେମାନଙ୍କ ମଧ୍ୟରେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଅଧକ୍ଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ ଓ ଜୟଦେବ ଜେନା, ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ ଅଛନ୍ତି।

# ଜେଇଇ ପରୀକ୍ଷାରୁ ବଞ୍ଚିତ କୋଭିଡ୍ ଆକ୍ରାନ୍ତ

**ଗୋପାଳପୁର,୨।୯:** ସାରା ରାଜ୍ୟରେ ବୁଧବାର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ନିକଟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୮୫ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରୁ ଗଞ୍ଜାମ ଜିଲାର ଜଣେ କରୋନା ଆକ୍ରାନ୍ତ ରହିଥିଲେ। ପରୀକ୍ଷା ଆରମ୍ଭର ପ୍ରାୟ ଦେଢ ଘଣ୍ଟା ପୂର୍ବରୁ ସେ ପିପିଇ କିଟ୍ ପିନ୍ଧି କୋଭିଡ୍ ଆମ୍ବୁଲାନ୍ସରେ ଆସି କେନ୍ଦ୍ର ସମ୍ମୁଖରେ ପହଞ୍ଚିଥିଲେ। ମାତ୍ର ପରୀକ୍ଷା ଆରମ୍ଭର କିଛି ସମୟ ପୂର୍ବରୁ ଏକ ନିର୍ଦ୍ଦେଶ ପହଞ୍ଚିଲା କରୋନା ଆକ୍ରାନ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେ ନାହିଁ। ଏମାନଙ୍କ ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ଭାବେ ପରୀକ୍ଷା ହେବ। ପରେ ସମ୍ପୃକ୍ତ ଛାତ୍ର ଉକ୍ତ ଆମ୍ବୁଲାନ୍ସରେ ଫେରିଯାଇଥିଲେ। ଆକ୍ରାନ୍ତ ଛାତ୍ର ଗତ ୨୮ ତାରିଖରେ କରୋନା ପଜିଟିଭ ଚିହ୍ନଟ ପରେ ହୋମ୍ ଆଇସୋଲେସନରେ ଥିଲେ। ବୁଧବାର ପରୀକ୍ଷା ଥିବାରୁ ଏ ସମ୍ପର୍କରେ ଆକ୍ରାନ୍ତ ଛାତ୍ର ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା କରାଯାଇଥିଲା ଓ ପରୀକ୍ଷା ନିରୀକ୍ଷକ ମଧ୍ୟ ପିପିଇ କିଟ୍ ପିନ୍ଧି ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022
OFFICE OF SR. GENERAL MANAGER (S&S), GROUND FLOOR, FINANCE BUILDING, BHOINAGAR, BHUBANESWAR-22
email: sto.cle.bbs@optcl.co.in, website: www.optcl.co.in, CIN:U40102OR2004SGC007553
TENDER NOTICENO.SRGM(S&S)-30/2020-21
For and on behalf of Odisha Power Transmission Corporation Ltd., Sr.G.M. (S&S) invites sealed Tenders from reputed Electrical Contractors having GST registration, MV license from ELBO, Bhubaneswar and valid PAN for rewiring with supply of lights& electrical fittings for Quarters No:5R-2 & 5R-3 at OPTCL Colony, Bhoinagar, Bhubaneswar. Tender papers can be downloaded from the OPTCL website www.optcl.co.in from dt.03.09.2020 to dt.23.09.2020 upto1.00PM. The tender shall be received up to 1.00PM on dt.23.09.2020 and shall be opened on same day at 4.00PM. Interested tenderers may visit OPTCL's official website www.optcl.co.in for detail specifications.
OPTCL reserves the right to accept or reject the tender without assigning any reason thereof.
N.B.: All subsequent addendum / corrigendum to the tender shall be hosted in OPTCL's Official Website www.optcl.co.in only.
Sd/-
SR. GENERAL MANAGER (S&S)
Please connect us: optcl.odisha optcl_odisha energyodisha

### ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଆଦିବାସୀ ମେଳି



ପୋଲିସ କାର୍ଯ୍ୟକଳାପକୁ ନେଇ ଆଦିବାସୀମାନେ ପ୍ରତିବାଦ କରୁଛନ୍ତି।

**ଚିତ୍ରକୋଣ୍ଡା,୨।୯(ଡି.ଏନ.ଏ.):** ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପୋଲିସ ବିରୋଧରେ ଆଦିବାସୀମାନେ ମେଳି କରିଛନ୍ତି। ଏହି ଅବସରରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ପଞ୍ଚାୟତ ସୀମାନ୍ତ ବିଶାଖାପାଟଣା ଜିଲା ପେଦାବାଇଲୁ ଥାନା ଅନ୍ତର୍ଗତ ଇଞ୍ଜେଇଠାରେ ଶତାଧିକ ଆଦିବାସୀ ସମ୍ପ୍ରଦାୟ ଲୋକେ ମଙ୍ଗଳବାର ଏକାଠି ହୋଇଥିଲେ। ସମସ୍ତେ ପୋଲିସ ବିରୋଧରେ ରାଲି କରି ସ୍ଲୋଗାନ ଦେଇଥିଲେ। ନିରୀହ ଆଦିବାସୀଙ୍କୁ ମାଓବାଦୀ, ମାଓବାଦୀ ସମର୍ଥକ କହି ବିନା କାରଣରେ ପୋଲିସ ଗିରଫ କରୁଥିବାରୁ ସମାବେଶରେ ତୀବ୍ର ବିରୋଧ କରାଯାଇଥିଲା। ତୁରନ୍ତ ଏହାକୁ ବନ୍ଦ କରିବା, ବର୍ତ୍ତମାନ ଗିରଫ କରିଥିବା ୬ଜଣଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା, ଆଦିବାସୀଙ୍କ ଉପରେ ପୋଲିସ ଜୁଲମ ବନ୍ଦ କରିବା, ମାଓବାଦୀ ସମର୍ଥକ କହି ନିରୀହ ଲୋକଙ୍କ ବିରୋଧରେ ପୋଷ୍ଟର ଓ ବ୍ୟାନର ମାରିବା ବନ୍ଦ କରିବା, ପୋଲିସର ଅନ୍ୟାୟ କାର୍ଯ୍ୟକଳାପ ବିରୋଧରେ ଜନ ପ୍ରତିନିଧିମାନେ ପ୍ରତିବାଦ କରିବା ଲାଗି ସମାବେଶରେ ଦାବି ହୋଇଥିଲା। ଯଦି ପୋଲିସ ସେମାନଙ୍କ ଉପରେ ଅତ୍ୟାଚାର ବନ୍ଦ ନ କରେ ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଏହି ଅବସରରେ ଆଦିବାସୀମାନେ ଚେତାବନୀ ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TPCODL
TP CENTRAL ODISHA DISTRIBUTION LIMITED
2nd Floor, IDCO Tower, Janpath Bhubaneshwar, Odisha 751022
NOTICE INVITING TENDER
Open Tenders are invited from eligible vendors for following:

| Sl No | Tender Description | Tender Enquiry No. | EMD (Rs. Lakhs) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | Rate Contract for Earthing of Communication Panel and Grid substation equipments works. | TPCODL/P&S/87/ 2020-21 | 2.00 | 5,000.00 | 14 Sep 2020, 15:00 hrs |
| 2 | Rate Contract for Supply of 11 KV XLPE UG Cable & 11 KV XLPE AB Cable. | TPCODL/P&S/89/ 2020-21 | 2.55 | 5,000.00 | 14 Sep 2020, 15:00 hrs |
| 3 | Rate Contract for Supply of 33 KV XLPE UG Cable. | TPCODL/P&S/90/ 2020-21 | 0.68 | 5,000.00 | 14 Sep 2020, 15:00 hrs |
| 4 | Rate Contract for Supply & Service of Cable Joint Kits. | TPCODL/P&S/91/ 2020-21 | 4.39 | 5,000.00 | 14 Sep 2020, 15:00 hrs |
| 5 | Rate Contract for (SITC) of addressable type fire detection and alarm systems in Grid Substations. | TPCODL/P&S/86/ 2020-21 | 2.0 | 5,000.00 | 16 Sep 2020, 15:00 hrs |
| 6 | SITC for 33KV UG cabling from Jobra primary S/s to medical primary S/s for development of SCB Medical College, Cuttack | TPCODL/P&S/55/ 2020-21 | 6.23 | 5,000.00 | 15 Sep 2020, 15.00 hrs |

For details, please visit Tender Section on website https://tpcentralodisha.com.
Above Tenders are to be submitted in our e-tendering portal only. No Hard Copy submission is acceptable. For guidance to participate in our e-tendering Portal, bidders are requested to follow the procedure mentioned in relevant Tender Document. After receipt of required Tender Fee, Link will be shared to concerned bidders for participation. After receipt of link for participation, .bidders shall make all tender related communication through our e-tendering portal.
Bidders are requested to keep visiting our above website, for future modifications, if any, to our tender Documents.

## ସଂକ୍ଷେପରେ

### ଜନପ୍ରତିନିଧିଙ୍କ ସହଯୋଗ ଲୋଡ଼ିଲେ ଥାନାଧିକାରୀ

**ବାଲିଆ,୨।୯:** ବିରିଡ଼ି ଥାନାରେ ନୂତନ ଥାନାଧିକାରୀଭାବେ ଦିଲୀପ ସାହୁ ଯୋଗଦେବାପରେ ଜନପ୍ରତିନିଧିଙ୍କୁ ଡାକି ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଏକବୈଠକ ଜରିଆରେ ସେ ଅଞ୍ଚଳର ଆଇନ୍‌ଶୃଙ୍ଖଳା ଉପରେ ଆଲୋଚନା କରିବା ସହ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ଜନପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି। ଅଡଙ୍ଗଗଡ ସରପଞ୍ଚ ଅଶୋକ ଜେନା ଥାନାଧିକାରୀଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ। ଆଲୋଚନାବେଳେ ଥାନାଧିକାରୀ କହିଥିଲେ, ବିରିଡି ଥାନା ପୋଲିସ ଲୋକଙ୍କୁ ୨୪ ଘଣ୍ଟା ସେବା ଯୋଗାଇବ। ଆଲୋଚନାରେ ଅଂଶଗ୍ରହଣ କରି ଶଢେଇଶାସନ ସରପଞ୍ଚ ଅମିତ ରାଉଳ ଗ୍ରାମାଞ୍ଚଳରେ ଚୋରା ମଦକାରବାର ହେଉଥିବାରୁ ରାସ୍ତାଘାଟରେ ମଦୁଆଙ୍କ ପାଦୁର୍ଭାବ ବୃଦ୍ଧିପାଉଥିବା ଥାନାଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ବୈଠକରେ ସରପଞ୍ଚ ପୁଷ୍ପ ପ୍ରକାଶ ପ୍ରଧାନ, ଜ୍ୟୋସ୍ନାରାଣୀ ବେହେରା, ବିମଳ ସେଠୀ, ଧନଞ୍ଜୟ ମହାପାତ୍ର, ରଞ୍ଜିତା ବେହେରା, ସ୍ୱର୍ଣ୍ଣପ୍ରଭା ଭୋଇ, ସୁଭଦ୍ରା ଭୋଇ, ରେଣୁବାଳା ପାଳ, ରଶ୍ମୀରଞ୍ଜନ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ସୁଧୁରୁନି ବନ୍ୟାସ୍ଥିତି: ଉଦ୍ଧାର କାର୍ଯ୍ୟ ଜାରି

**ପଟ୍ଟାମୁଣ୍ଡାଇ,୨।୯(ଡି.ଏନ୍.ଏ.):** ବନ୍ୟା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଛି। ବ୍ରାହ୍ମଣୀ ଓ କାଣି ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୬୫ ହଜାର ଓ ପୌରାଞ୍ଚଳ ଅନ୍ତର୍ଗତ ୧୧ ୱାର୍ଡର ୧୮ ହଜାରରୁ ଊର୍ଦ୍ଧ୍ୱ ଲୋକେ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୬୫ ହଜାର ଲୋକଙ୍କ ଯାତାୟାତ ପାଇଁ ୮୧ ଡଙ୍ଗା, ୧୭୦ କୁଇଣ୍ଟାଲ ଚୁଡା, ୧୨ କୁଇଣ୍ଟାଲ ଗୁଡ଼ ଓ ପାଣିପାଉଚ ଆଦି ଯୋଗାଇ ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ୧୦ ଡଙ୍ଗା, ୬୦ କୁଇଣ୍ଟାଲ ଚୁଡା, ୬ କୁଇଣ୍ଟାଲ ଚିନି ଓ ପାଣିପାଉଚ ଆଦି ଯୋଗାଇଦିଆଯାଇଛି।

### ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚିଲା ସ୍ୱାସ୍ଥ୍ୟ ସେବା

**ରାଜନଗର, ୨।୯(ଡି.ଏନ୍.ଏ.):** ବନ୍ୟାରେ ରାଜନଗର ବ୍ଲକର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ପ୍ରଭାବିତ ହୋଇଛନ୍ତି। ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ଆଦି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବା ବେଳେ କେରେଡ଼ାଗଡ, ରାଜନଗର, ମହୁଲିଆ ଓ ଚାନ୍ଦିବାଉଁଶମୂଳ ଆଦି ଆଂଶିକ ଭାବେ ପ୍ରଭାବିତ ହୋଇଛି। ଚାଷ ଜମିରେ ଓ ଗାଁ ଦାଣ୍ଡରେ ପାଣି ଜମିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏସବୁ ଅଞ୍ଚଳରେ ଥଣ୍ଡା, କାଶ, ଜ୍ୱର ବ୍ୟାପିବା ଆଶଙ୍କାରେ ରାଜନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ୪ ଟିମ୍ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଓ ବେଲପାଳଠାରେ ୨ଟି ଲେଖାଏ ଟିମ୍ ପହଞ୍ଚି ୫୫୦ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଛନ୍ତି। ବନ୍ୟାଞ୍ଚଳରେ ହାଲୋଜିନ ବଟିକା ଓ ଥଣ୍ଡା ଔଷଧ ଯୋଗାଇ ଦିଆଯାଇଛି। ନଳକୂପ ନିକଟରେ ଓ ଗାଁରେ ବ୍ଲିଚିଂ ପକେଇ ସାନିଟାଇଜ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳରେ ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାନ୍ତି କହିଛନ୍ତି।

## ପାଣିଘେରରେ ବିପନ୍ନ
# ପଲିଥିନ୍, ଖାଦ୍ୟ ମିଳୁ ନ ଥିବା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ/ତିର୍ତ୍ତୋଲ, ୨।୯(ଡି.ଏନ.ଏ.)**

ମହାନଦୀ ଓ ପାଇକା ନଦୀରେ ବନ୍ୟା ଯୋଗୁ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଏବଂ ତିର୍ତ୍ତୋଲ ବ୍ଲକ ଅଧୀନ ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ସମ୍ପ୍ରତି ବନ୍ୟା ପ୍ରକୋପ କମି ଚାଲିଥିବାବେଳେ ପ୍ରଶାସନିକ ଅବହେଳା କିନ୍ତୁ ଲୋକଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଦେଇଛି। ୪ ଦିନ ହେବ ପାଣି ଘେରରେ ଥିବା ଅନେକ ବିପନ୍ନଙ୍କୁ ସରକାରଙ୍କ ପକ୍ଷରୁ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଇ ପାରିନାହିଁ। ଏପରି କି ଗାଈଗୋରୁଙ୍କ ପାଇଁ ମଧ୍ୟ ଗୋଖାଦ୍ୟ ଯୋଗାଯାଇନାହିଁ। ଅନେକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପଲିଥିନ୍ ଦିଆଯାଇ ନ ଥିବାରୁ ସେମାନଙ୍କ ଅବସ୍ଥା ବିପଦଜନକ ହୋଇପଡିଛି। ୧ ତାରିଖ ବର୍ଷାରେ ଅନେକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି।

କୁଜଙ୍ଗ ବ୍ଲକର ଜିଲାନାସୀ ପଞ୍ଚାୟତ ସାହାରାଡ଼ିଆ ଗ୍ରାମର ନୃସିଂହ ବେହେରା କହିଛନ୍ତି, ବନ୍ୟା ଯୋଗୁ ପଞ୍ଚାୟତବାସୀ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଶୁଖିଲା କି ରନ୍ଧା ଖାଦ୍ୟ ଯୋଗାଗଲାନାହିଁ। କେବଳ ଗୋ ଖାଦ୍ୟ ୧ କିଲୋଗ୍ରାମ ଲେଖାଏ ଦିଆଯାଇଛି। ସାମାଜିକ କର୍ମୀ ତପନ ସାମନ୍ତରାୟ କହିଛନ୍ତି, ମୁଣ୍ଡ ପିଛା ୧୦୦ ଗ୍ରାମ ଚୁଡା ଓ ଖଣ୍ଡେ ପଲିଥିନ ଦିଆଯାଇଛି, ଯାହାକି ସନ୍ତୋଷଜନକ ନୁହେଁ। ଅନ୍ୟପଟେ ଗୋଖାଦ୍ୟ, ଶିଶୁ ଖାଦ୍ୟ ଓ ରନ୍ଧା ଖାଦ୍ୟ ଜରୁରୀ ଥିବାରୁ ଏହା ଦିଆଯିବା ଜରୁରୀ ବୋଲି ସେ କହିଛନ୍ତି। ଧୋୟା ଅଞ୍ଚଳ ଯଥା: ଜିଲାନାସୀ, କାଠକୋଟ, ହଂସୁରା, ବଡବାଲିକଣି, ଥାଇଲୋ ଆଦି ପଞ୍ଚାୟତର ଲୋକେ ପରିବା ଫସଲ ଉପରେ ନିର୍ଭର କରନ୍ତି। ଚଳିତ ବନ୍ୟାରେ ସେସବୁ ଧୋଇ ଯାଇଛି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡିଛି। ଜିଲାନାସୀ ପଞ୍ଚାୟତର ସାହାରାଡିଆ, ଜୟଷଣ୍ଢପୁର, ତେନ୍ତୁଳିଆ ଓ ବଡବାଲିକଣୀ ପଞ୍ଚାୟତରେ ଚାଷ ଜମିରେ ବାଲି ମାଡି ଯାଇଛି। ପରବର୍ତ୍ତୀ ସମୟରେ ସରକାର ତୁରନ୍ତ ବାଲି ଉଠାଇବା ପାଇଁ ବ୍ୟବସ୍ଥା ନ କଲେ ଚାଷ ହୋଇପାରିବ ନାହିଁ। କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀ କ୍ଷତିଗ୍ରସ୍ତ


କୁଜଙ୍ଗ ବ୍ଲକ ଜିଲାନାସୀ ପଞ୍ଚାୟତ ସାହାରାଡିଆ ଗ୍ରାମର କିଛି ଘର ପାଣିଘେରରେ ଅଛି।

ହୋଇ ଚାଲିଥିବାରୁ ଏ ପରିସ୍ଥିତିରେ ସରକାରଆର୍ଥିକ ସହାୟତା ଯୋଗାଇ ଦେବା ଆବଶ୍ୟକ ବୋଲି ପ୍ରଭାତ ମହାପାତ୍ର, କୌଶିକ୍ ମଲିକ, ବିପନ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି। ସେହିପରି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ପଞ୍ଚାୟତର ପାଳନ୍ଦା ଗ୍ରାମର ୨୦ଟି ପରିବାର ବନ୍ୟା ଜଳ ଘେରରେ ରହିଛନ୍ତି। ସେମାନଙ୍କ ଗାଁରେ ପାଣି ପଶିଯାଇଥିବାରୁ ପିଲାଛୁଆ, ଗାଈଗୋରୁଙ୍କୁ ଧରି ନିକଟସ୍ଥ ତାଳଦଣ୍ଡା କେନାଲ ଉପରେ ଆଶ୍ରୟ ନେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଏହି ସେମାନଙ୍କୁ ପ୍ରଶାସନ ତରଫରୁ ପଲିଥିନ୍ ଦିଆଯିବା ବ୍ୟବସ୍ଥା ହେଲାନାହିଁ। ସେମାନେ ଚିରା ପାଲ, ଜରି ଅଖା ଆଦିରେ କୁଡିଆ ତିଆରି କରି ଦୟନୀୟ ଭାବରେ ରହିଛନ୍ତି। ୧ ତାରିଖ ବର୍ଷାରେ ଏହି ପରିବାର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଗୋମଇଁଷାଦିଙ୍କ ଅବସ୍ଥା ନ କହିଲେ ଭଲ। ଖାଦ୍ୟାଭାବରୁ ଏହି ପ୍ରାଣୀମାନେ ଅସୁସ୍ଥ ହେବାରେ ଲାଗିଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ କୋଲର ପଞ୍ଚାୟତ ଗୋପିଆକୁଦ ଗ୍ରାମର ୫ଟି ପରିବାରକୁ ମଧ୍ୟ ଏଯାଏ ପଲିଥିନ୍ ଦିଆଯାଇନି। ସେମାନେ ନିଜ ଉଦ୍ୟମରେ ଚିରା ପଲିଥିନ୍, ଅଖା ପକାଇ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି। ଏହିଭଳି ଅନେକ ବିପନ୍ନ ଖାଦ୍ୟ ଓ ପଲିଥିନ୍ ଆଦିନ ପାଇ ଈଶ୍ୱରଙ୍କୁ ଆଶ୍ରା କରି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବନ୍ୟା ପାଣି ଯୋଗୁ ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏ ପରିସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା କହିଛନ୍ତି, ପ୍ରଭାବିତ ଗାଁଗୁଡ଼ିକୁ ପଲିଥିନ, ଚୁଡ଼ାଗୁଡ଼ ଓ ଗୋଖାଦ୍ୟ ଆଦି ପଠାଇ ଦିଆଯାଇଛି। ତେବେ କିଏ ପାଇଛନ୍ତି କିଏ ପାଇ ନାହାନ୍ତି ସେ ସୂଚନା ମୋ ନିକଟରେ ନାହିଁ। ଜଣାପଡ଼ିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ତିର୍ତ୍ତୋଲ ବିଡିଓ ଅଟଳ ବିହାରୀ ସ୍ୱାଇଁ କହିଛନ୍ତି, ପାଳନ୍ଦା ଗ୍ରାମର ଯେତିକି ବିପନ୍ନ ଅଛନ୍ତି ତାଠାରୁ ଅଧିକ ଦାବି କରି ଅନେକ ପାଟିତୁଣ୍ଡ କରିଛନ୍ତି। ତେଣୁ ପାଲ ବିତରଣ କରାଯାଇ ପାରିନାହିଁ। ଗୁରୁବାର ପରିବାର ଚିହ୍ନଟ ପରେ ପଲିଥିନ ସମେତ ଅନ୍ୟ ସହାୟତା ପ୍ରଦାନ କରାଯିବ।

### ଯୁବକଙ୍କ ମୃତ୍ୟୁ ସନ୍ଦେହଘେରରେ

**ନୟାଗଡ଼ ଅଫିସ,୨।୯**

ନୟାଗଡ଼ ଟାଉନ ଥାନା ଲୋକନାଥନଗରରେ ଗୋବିନ୍ଦ ସ୍ୱାଇଁ ଓରଫ ଅନିଲ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପୋଲିସ ୧୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଆଇସି ଜୟଦୀପ ମହାନ୍ତିଙ୍କ ସୂଚନା ଅନୁସାରେ, ନୟାଗଡ ସଦର ଥାନା ବୋଦାପଡା ଗାଁର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପୁଅ ଗୋବିନ୍ଦ ଇଟାମାଟି ଥାନା ଅଞ୍ଚଳର ନାବାଳିକାଙ୍କୁ ଭଲ ପାଉଥିଲେ। ଉଭୟ ଗତ ସପ୍ତାହରେ ନୟାଗଡ ଆସିଥିଲେ। ହେଲେ ଘରଭଡା ନ ମିଳିବାରୁ ମନ୍ଦିରରେ ବିବାହ କରି ଲୋକନାଥନଗରରେ ଭଡାରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗୋବିନ୍ଦଙ୍କ ବାପା ଆସି ଆଲୋଚନା କରିଥିଲେ। ଏହା ପରେ ଗୋବିନ୍ଦ ଓ ନାବାଳିକା ନିଶା ସେବନ କରି ଶୋଇ ପଡିଥିଲେ। ତେବେ ମଧ୍ୟାହ୍ନରେ ଝିଅ ଉଠିବା ବେଳକୁ ଗୋବିନ୍ଦ ତାଜାର ଏକ ହୁକରେ ଝୁଲିରହିଥିବା ଦେଖାଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋବିନ୍ଦଙ୍କ ବାପା ମୌଖିକ ଭାବେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାର ତଦନ୍ତ ଚାଲୁ ରହିଛି।

# ୮ ବର୍ଷକର ଆହାର ଧୋଇନେଲା ବନ୍ୟା

**ଯାଜପୁର ଅଫିସ/ବରୀ, ୨।୯ (ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ୨୯ ପଞ୍ଚାୟତ ମଧ୍ୟରୁ ଗମ୍ଭୁ, ସେରପୁର, ମନ୍ଦାରୀ, ରତ୍ନଗିରି ଓ ଚନ୍ଦନପୁର ଆଦି ପଞ୍ଚାୟତର ଚାଷ ଜମି ଜଳମଗ୍ନ ହୋଇରହିଛି। ପ୍ରାୟ ୪ ହଜାର ହେକ୍ଟର ଚାଷ ଜମି ବନ୍ୟା ବିପ୍ଳାତରେ ଧୋଇ ହୋଇଯାଇଛି। ବ୍ରାହ୍ମଣୀ ଓ ଏହାର ଶାଖାନଦୀଗୁଡ଼ିକରୁ ଜଳ ପତ୍ତନ ହ୍ରାସ ପାଉଥିଲେ ସୁଦ୍ଧା ଚାଷ ଜମିରେ ବନ୍ୟାପାଣି ଭର୍ତ୍ତି ହୋଇରହିଛି। ଫଳରେ ରୁଆ ଧାନ ଗଛ ପଚି ଯାଇ ହଳଦିଆ ରଙ୍ଗ ହେବାକୁ ବସିଲାଣି। ମାଟି କାଦୁଅରେ ବହୁ ଧାନ ଗଛ ପୋତି ହୋଇପଡିଛି। ବର୍ଷ ବର୍ଷ ଧରି ମୂଳ ଲାଗିଲେ ବି ଗରିବ ଲୋକମାନଙ୍କ ପକ୍ଷେ ଏହି କ୍ଷତି ଭରଣ କରିବା ଆଦୌ ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି।

ଅଗଷ୍ଟ ୧୫ ତାରିଖ ଏବଂ ୨୦ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁ ଯାଜପୁର ଜିଲାରେ ବନ୍ୟା ପରିସ୍ଥିତି ଉପୁଜିଛି। ବନ୍ୟାରେ ଜିଲାର ୭୫,୭୩୭ ହେକ୍ଟର ଚାଷ ଜମିରେ ପଟୁ ଓ ବାଲି ପୋତି ହୋଇପଡିଛି। କ୍ଷେତରେ ଫସଲ ନଷ୍ଟ ହେଉଥିବା ବେଳେ ଘରେ ମୁଠାଏ ଧାନ ନାହିଁ। ଯେଉଁ ଚାଷୀମାନେ ଋଣ ଆଣି ଚାଷ କାର୍ଯ୍ୟରେ ବିନିଯୋଗ କରିଥିଲେ, ଲାଭ ପାଇବା ତ ଦୂରର କଥା ମୂଳ ଧନ ହରାଇ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପଟେ କରୋନା ଯୋଗୁ ରାଜ୍ୟ ବାହାରେ କାମ କରୁଥିବା ହଜାର ହଜାର ଶ୍ରମିକ ଗାଁକୁ ଫେରି ଆସିଛନ୍ତି। ଏଭଳିସ୍ଥିତିରେ କାମ କିଏ ଦେବ ବୋଲି ବନ୍ୟା ବିପନ୍ନମାନେ ପ୍ରଶ୍ନ କରୁଛନ୍ତି। ପୂର୍ଣ୍ଣିମା ତିଥି ଯୋଗୁ ସମୁଦ୍ରକୁ ବନ୍ୟାଜଳ ସହଜରେ ନିଷ୍କାସନ ହୋଇପାରୁ ନ ଥିବା ବେଳେ ଖାଲୁଆ ଜମିରେ ବନ୍ୟାଜଳ ଜମିରହିଛି। ଜିଲାର ମାଟି ଘରଗୁଡିକ ବନ୍ୟା ପାଣିରେ ଧୋଇ ଯାଇଥିବା ବେଳେ ବହୁ ପରିବାରଙ୍କ ମୁଣ୍ଡ ଗୁଞ୍ଜିବାକୁ କୁଡିଆ ଖଣ୍ଡେନାହିଁ।


ଚାଷଜମିରେ ବନ୍ୟାଜଳ ଜମିରହିଛି।

- କ୍ଷେତରେ ବନ୍ୟାପାଣି, ରୁଆଧାନକୁ ବିପଦ
- ପିଇବା ପାଣି ପାଇଁ ତହଳବିକଳ ବନ୍ୟାବିପନ୍ନ

ଚନ୍ଦନପୁରର ୨ ରାଜସ୍ୱ ଗ୍ରାମରେ ବନ୍ୟା ଜଳ ହ୍ରାସ ପାଇ ନ ଥିବାରୁ ଶୁକଳ-ମହାକାଳପଡ଼ା ଓ ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତାର ଅଜାଣ ଛକଠାରୁ ଗମ୍ଭୁ ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଚଳିତ ବନ୍ୟାରେ ପାନୀୟ ଜଳ ସମସ୍ୟା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପାନୀୟ ଜଳ ବିଶୁଦ୍ଧିକରଣ ପାଇଁ ୨ଟି ବସୁଧା ଜଳ ବିଶୋଧନକାରୀ ମେଶିନ ଯୋଗାଇ ଦିଆଯାଇଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଗତ ସପ୍ତାହେ ଧରି ବରୀ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏ ସଂକ୍ରାନ୍ତରେ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁ କୁହନ୍ତି, ବନ୍ୟା ଅଞ୍ଚଳଗୁଡିକରେ ରିଲିଫ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ କହିଛନ୍ତି, ଏନଡିଆରଏଫ୍ ଟିମ୍ ସହାୟତାରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଉଦ୍ୟମ ଚାଲିଛି। ସ୍ୱାସ୍ଥ୍ୟସେବାରେ ଜନସାଧାରଣ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ ସେ ଦିଗରେ ଧ୍ୟାନ ଦିଆଯାଉଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସେକ ସବିର ଉଦ୍ଦିନ ସୂଚନା ଦେଇଛନ୍ତି।

# ୩ ପଦବୀରେ ହାଇସ୍କୁଲ ପ୍ରଧାନଶିକ୍ଷକ

**ନୟାଗଡ଼ ଅଫିସ,୨।୯**

### ଖାଲିପଡ଼ିଛି ଡିଇଓ, ଡିପିସି ପଦବୀ

ନୟାଗଡ଼ ଜିଲାରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଓ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପଦବୀ ଖାଲି ପଡିଛି। ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ଡିଇଓ, ଡିପିସି ଓ ନୟାଗଡ଼ ବିଇଓଙ୍କ ପରି ୩ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଅତିରିକ୍ତ ଦାୟିତ୍ୱରେ କାମ ତୁଲାଉଛନ୍ତି। ତେବେ ହାଇସ୍କୁଲ ପାଇଁ ସମସ୍ୟା ଉପୁଜିଛି। ହାଇସ୍କୁଲ ଶିକ୍ଷକମାନେ ଦରମା ପାଉ ନ ଥିବାବେଳେ ଅବସରପ୍ରାପ୍ତ କର୍ମଚାରୀମାନେ ପେନଶନ ପାଇବାରେ ଅସୁବିଧା ହେଉଛି। ତୁରନ୍ତ ଡିଇଓ ସହ ଡିପିସି ଓ ନୟାଗଡ ବିଇଓ ପଦବୀ ପୂରଣ କରିବାକୁ ଦାବି ହେଉଛି। ଶେଷ ଖବର ସୁଦ୍ଧା ଖୋର୍ଦ୍ଧା ଡିଇଓଙ୍କୁ ନୟାଗଡ଼ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ନୟାଗଡ଼ ଉପଜିଲାପାଳଙ୍କୁ ଡିପିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ଭାଗବତ ଜନ୍ମ ଉତ୍ସବ

**ଖଣ୍ଡପଡ଼ା,୨।୯(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ପୀଠ, ରାଧାମୋହନ ଜୀଉ ମଠ ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠରେ ବୁଧବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଗୋକୁଳାନନ୍ଦ ଜୀଉ ପୀଠରେ ସକାଳୁ ମଙ୍ଗଳ ଆଳତି ଓ ସୂର୍ଯ୍ୟପୂଜା ପରେ ଭାଗବତ ପୋଥି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୀଠରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ତେର ସ୍କନ୍ଧ ଭାଗବତ ପଠନ କରାଯାଇଥିଲା।


**BERHAMPUR MUNICIPAL CORPORATION**
No. 10156/E-14-XXXIX-15/2018 Date: 01.09.2020
**QUOTATION CALL NOTICE**
No. C-121: Sealed quotations are invited to be reached by Speed Post/Registered Post only from local reputed agencies/firms for **"Supply of IT Accessories/Consumables to BeMC"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 16.09.2020, 5.00 P.M. and will be opened on 18.09.2020 at 11.00 A.M. in the office of undersigned.
The authority reserves the right to accept or reject any quotation without assigning any reason thereof.
Sd./- Commissioner
Berhampur Municipal Corporation
OIPR-13035/11/0015/2021


# ‘ରମ୍ଭାପୁର ଘାଇ ମନୁଷ୍ୟକୃତ’


ପ୍ରତିନିଧି ଦଳ ସହ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ।

**ଧର୍ମଶାଳା/ବିଞ୍ଝାରପୁର/ସିଂହପୁର, ୨।୯ (ଡି.ଏନ୍.ଏ.)**

### ବିରୋଧୀ ଦଳ ନେତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଚଳିତ ବନ୍ୟାରେ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀର ଡାହଣ ପାର୍ଶ୍ୱ ରମ୍ଭାପୁରଠାରେ ସୃଷ୍ଟି ହୋଇଥିବା ଘାଇ ମନୁଷ୍ୟକୃତ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ବୁଧବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଘାଇସ୍ଥଳ ପରିଦର୍ଶନ କରିଥିଲେ। ଯୋଜନାବଦ୍ଧ ଭାବେ ଏହି ଘାଇ ସୃଷ୍ଟି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ଦଣ୍ଡିତ କରିବାକୁ ବିରୋଧୀ ଦଳ ନେତା ନାୟକ ଦାବି କରିଛନ୍ତି।

ସେହିପରି ବିରୋଧିଦଳ ନେତା ନାୟକ ଏକ ପ୍ରତିନିଧି ଦଳ ସହ ବିଞ୍ଝାରପୁର ବ୍ଲକରେ ପହଞ୍ଚି ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପ୍ରଥମେ ସେ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମରେ ପହଞ୍ଚି ଖରସ୍ରୋତାର ଶାଖାନଦୀ ନୂଆମାହାରାରେ ସୃଷ୍ଟି ହୋଇଥିବା ୨ଟି ଘାଇ ଦେଖିବା ସହ ବିପନ୍ନମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ସେହିପରି ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତ ମଲ୍ଲିପୁର ଗାଁରେ ଖରସ୍ରୋତା ନଦୀରେ ସୃଷ୍ଟି ହୋଇଥିବା ୨ଟି ଘାଇଥିଲେ। ଘାଇ ସୃଷ୍ଟି ହେବାକୁ ୬ଦିନ ବିତିଥିଲେ ମଧ୍ୟ ବିପନ୍ନମାନଙ୍କ ପାଖରେ ପ୍ରଶାସନ ପହଞ୍ଚି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବରିଲୋ-ମଲ୍ଲିପୁର ନଦୀବନ୍ଧ ନିମ୍ନମାନର ହୋଇଥିବାରୁ ମଲ୍ଲିପୁରଠାରେ ଘାଇ ସୃଷ୍ଟି ହୋଇଥିବା ବିରୋଧୀ ଦଳ ନେତା ନାୟକ ଅଭିଯୋଗ କରିଛନ୍ତି। ଜଳସମ୍ପଦ ବିଭାଗର ଦୁର୍ନୀତିକୁ ସେ ବିଧାନସଭାରେ ଉଠାଇବେ ବୋଲି କହିଛନ୍ତି। ବିରୋଧିଦଳ ନେତା ନାୟକଙ୍କ ସହ ଉପନେତା ମୋହନ ମାଝି, ଭାଜପା ଜିଲା ସଭାପତି ଗୌତମ ରାୟ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।


**ଏସ୍.ଇ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର(ସିଓଏନ)/ଏଚ୍‌କ୍ୟୁ/ଜିଆର୍‌ସି, ଏସ୍.ଇ. ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡର ସମାପ୍ତି ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ; ଆନୁମାନିକ ମୂଲ୍ୟ; ଇଏମ୍‌ଡି:** (୧) ୪୨୧୪-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୩୧-୨୦୨୦, ତାରିଖ ୨୮।୦୮।୨୦୨୦; ଏସ୍.ଇ. ରେଳପଥର ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସାବିରା (ବହିର୍ଭୂତ) (କିମି ୨୭୪.୧୦୦)ରୁ ରାଣିତାଲ (ଅନ୍ତର୍ଭୁକ୍ତ) (କିମି ୨୮୪.୦୫) ମଧ୍ୟରେ ଫର୍ମେଶନ୍‌ରେ ମାଟିକାମ, ଛୋଟ ପୋଲଗୁଡ଼ିର ପରିବର୍ଦ୍ଧନ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଓ ତତ୍‌ସମ୍ପର୍କିତ କାର୍ଯ୍ୟ ନିର୍ବାହ; ₹୫୭.୦୦ କୋଟି; ₹୩୦,୦୦,୦୦୦/-। (୨) ୪୨୨୫-ଜିଆର୍‌ସି-ସିଇ-ସି-ଏସ୍‌ଓ-୩୯-୨୦୨୦, ତାରିଖ: ୨୮।୦୮।୨୦୨୦; ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନର ମୁରି-ବରକାକନ ଡବ୍‌ଲିଂ (୫୮.୦୦ କିମି) ପ୍ରକଳ୍ପର ଡିଜିପିଏସ୍ ଇଣ୍ଟିଗ୍ରେଟେଡ୍ ଆର୍‌ଟିକେ/ପିପିକେ ଡ୍ରୋନ୍ (ଡିଜିସିଏରୁ ଏନ୍‌ପିଏନ୍‌ଟି ଅନୁରୂପ)ଭିତ୍ତିକ ଫଟୋଗ୍ରାମେଟ୍ରି ଓ ଲିଡାର୍ ସିଷ୍ଟମ୍ ବ୍ୟବହାର କରି ହାଇବ୍ରିଡ୍ ମଡର୍ଣ୍ଣ ସର୍ଭେ ଟେକ୍ନୋଲୋଜି ସହିତ ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ ନିର୍ବାହ, ମୃତ୍ତିକା ତଦନ୍ତ ସଞ୍ଚାଳନ, ବିଭିନ୍ନ ସବିସ୍ତୃତ ଡ୍ରଇଂ ପ୍ରସ୍ତୁତି ଓ ଦାଖଲ ଏବି ଡିପିଆର୍ ପ୍ରସ୍ତୁତି; ₹୪୪.୦୩ **ଲକ୍ଷ;** ₹୮୮,୧୦୦/-। **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ ମାସ ଓ କ୍ର.ସଂ. ୨ ପାଇଁ ୦୩ ମାସ। **ସମାପ୍ତି ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୦୯।୨୦୨୦ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ସେମାନଙ୍କ ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-229)



**ତହସିଲ କାର୍ଯ୍ୟାଳୟ, ଗୁଡାରି**
**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**
**ବିଜ୍ଞପ୍ତି ସଂଖ୍ୟା-୧୫୩୩** **ତାରିଖ-୦୨।୦୯।୨୦୨୦**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁଡାରି ତହସିଲର ଦୁଇଗୋଟି ସୈରାତ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules-2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୦୨୧ ବର୍ଷଠାରୁ ୨୦୨୪-୨୦୨୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା ବିଜ୍ଞାପନ ସର୍ତ୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ।
ସ୍ୱା./-ତହସିଲଦାର, ଗୁଡାରି


# ଏବେ ବି ୭୪,୩୪୭ ଲୋକ ପାଣି ଘେରରେ

**ଯାଜପୁର ଅଫିସ, ୨।୯**

### ଯାଜପୁର ଜିଲା

ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଉଥିବାରୁ ଯାଜପୁର ଜିଲାରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ଚଳିତ ବନ୍ୟାରେ ଜିଲା ଅଧୀନ ୧୦ଟି ବ୍ଲକର ୧୮୬ ପଞ୍ଚାୟତର ୮୩୬ ଗ୍ରାମ ଓ ପୌରାଞ୍ଚଳର ଗୋଟିଏ ୱାର୍ଡର ମୋଟ ୯,୯୫୯,୪୭ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ବି ୮୦ ଗ୍ରାମର ୭୪,୩୪୭ ଲୋକ ବନ୍ୟାପାଣି ଘେରରେ ରହିଛନ୍ତି। ୪୨,୭୨୧ ଜଣଙ୍କୁ ୨୨୪ଟି ଆଶ୍ରୟସ୍ଥଳରେ ରଖାଯାଇଥିଲା। ୨୪୯ଟି ରନ୍ଧାଖାଦ୍ୟ କେନ୍ଦ୍ର କରାଯାଇଥିଲା। ବର୍ତ୍ତମାନ ୧୪୦ଟି ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏନ୍‌ଡିଆରଏଫ୍‌ର ୩, ଓଡ୍ରାଫର ୪ ଓ ଅଗ୍ନିଶମର ୧୪ଟି ବୋଟ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଛି। ଏହାବାଦ ୭୭ଟି ବୋଟ ମଧ୍ୟ କାର୍ଯ୍ୟରେ ଲାଗିଛି। ବନ୍ୟାରେ ୩,୦୯,୪୮୨ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୬୯୪୫.୭୭୫ କୁଇଣ୍ଟାଲ ଚାଉଳ, ୧୬୩୫.୯ କୁଇଣ୍ଟାଲ ଚୂଡା, ୧୬୫.୮୬ କୁଇଣ୍ଟାଲ ଗୁଡ, ୩୧୪.୨୫ ମେଟ୍ରିକଟନ୍ ଗୋ-ଖାଦ୍ୟ, ୭୧,୧୨୬ ହାଲୋଜିନ ବଟିକା, ୫୩୫୭୧ ଓଆର୍‌ଏସ୍ ପ୍ୟାକେଟ, ୬,୫୬,୦୦୦ ପ୍ୟାକେଟ୍ ପାଣି ପାଉଚ ବଣ୍ଟନ ହୋଇଛି। ୧୮ଟି ମେଡିକାଲ ଟିମ୍ ଓ ୬୨ଟି ମୋବାଇଲ ଟିମ୍ ମାଧ୍ୟମରେ ଚିକିତ୍ସା ଓ ୧୦ଟି ଟିମ୍ ମାଧ୍ୟମରେ ପ୍ରାଣୀ ସମ୍ପଦ ଚିକିତ୍ସା କରାଯାଇଛି ବୋଲି ଜିଲା ଜରୁରୀ ବିଭାଗ ସୂତ୍ରରୁ ପ୍ରକାଶ।


No. O-312
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବରହମପୁର**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287
**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender/06-2020-21/BPR

| Identificaiton No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 06-2020-21/BPR | Road Works under Inter District, Inter Block Connectivity | 05 Nos. | From Rs.227.74 lakhs to Rs.692.11 Lakhs | "B" Class, "A" Class, "Special" & "Super" Class as applicable | 09 (Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender/ 06-2020-21/BPR | 14.09.2020 at 10.00 A.M. | 30.09.2020 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further detials & Corrigendum if any can be seen from the website: **www.tendersodisha.gov.in**.
Sd./- R.K. Maharana, Superintending Engineer, R.W. Circle, Berhampur
OIPR-25071/11/0005/2021



OFFICE OF THE PRINCIPAL
**COLLEGE OF NURSING, M.K.C.G. MEDICAL COLLEGE CAMPUS**
BRAHMAPUR-760004, GANJAM, ODISHA
Tel.0680-2292791, FAX: 0680-2292492/
E-mail: conbam2008@rediffmail.com
No.01/CON/STORE-12/2020 Dt.Berhampur the 28.08.2020
**TENDER CALL NOTICE**
No.E-210:- Sealed tenders are invited in the prescribed proforma in two bid system (Technical bid in one cover and price bid in another cover as per the terms and conditions) from the registered firms for "Supply of Books (Nursing) for the financial year 2020-2021". The approximate cost of tender value is Rs.3.00 lakhs. The detailed tender papers, terms & conditions of supply of Books can be obtained on payment of Rs.1000/- only in shape of DD drawn in favour of the "Principal College of Nursing" payable at SBI Berhampur (Code-0033) from **Dt.05.09.2020 to 28.09.2020 upto 5 P.M.** either from the office of the undersigned or in case of download from the website. The tender documents can be downloaded from the following websites: **www.ganjam.nic.in/www.nursingodisha.nic.in/www.odisha.gov.in**. The last date of receipt of tender through Regd. Post/Speed Post/Courier is to **28.09.2020 upto 5 P.M.** The Principal, College of Nursing, Berhampur reserves the right to accept/reject/cancel any or all the tenders in full or part at any stage of the process without assigning any reason thereof. All legal disputes if any relating to this tender is subject to the jurisdiction in the courts of law situated at Berhampur, Ganjam, Odisha only.
Sd./-Principal, College of Nursing, Berhampur (Ganjam)
OIPR-10013/11/0009/2021

# ଅପହଞ୍ଚ ଇଲାକା



ଡ. ସୁନୀତି ଦେବୀ



ଆଜି ମୋ' ଅଲକ୍ଷ୍ୟରେ ସମୟ ସରିସରି ଯାଉଛି, ଖର୍ଚ୍ଚ କଲେ ନ କଲେ ବି। ଅନେକ କାମ ଯେମିତି କରିବାକୁ ବାକି ଅଛି ଭଳି ଲାଗୁଛି। ଜୀବନର ଛୋଟବଡ଼ ଘଟଣାର ଛବି ଚିତ୍ର ଭଳି ଆଂକି ହେଇ ଯାଉଛି ମନ କାନ୍‌ଭାସରେ। କେହି ତ ଛବିଟିଏ ଆଙ୍କି ଦିଅ ବୋଲି କହୁ ନାହିଁ। ଏ ସବୁ ଚିତ୍ରର ଚିତ୍ରକର କିଏ? ମୋର ଭାବ ନା ଅନୁଭବ, ମୋର ଭାଷା ନା କଳ୍ପନା, ମୋ' ଚେତନା ନା ବାସ୍ତବତା। ଯଦି ବାସ୍ତବତା ହେଇ ଥାଆନ୍ତା, ପୁଣି ଲିଭନ୍ତା କେମିତି? ଗୋଟେ କାନ୍ତକୋମଳ ଛିଟା ଠିକ୍ ଝୋଟି ଦେଲାପରି। ମୁଁ ଏଣିକି ଏ ସବୁକୁ ନିଜସ୍ୱ ବୋଲି ଭାବୁଛି। କାରଣ ଏ ଇଲାକାରେ କାହାର ଛାଇ ବି ପଡ଼େନି। ଦୂରକୁ ବହୁ ଦୂରକୁ ମୁଁ ଯେମିତି ଠେଲି ହେଇ ପଳାଏ। ସେତେବେଳେ ମୋ'ଠାରୁ ମୋର ଅନୁପସ୍ଥିତିକୁ ମୁଁ ହୃଦୟଙ୍ଗମ କରେ। ବେଳେବେଳେ ମୁଁ ହିମାଳୟ, ପ୍ୟାରିସ୍, ଲଣ୍ଡନ ବୁଲି ଆସି ପାରେ।

କିନ୍ତୁ ମୁଁ ସେତେବେଳେ ମୋର ଗୋଟେ ନିହାତି ନିଜ ମଣିଷକୁ ଖୋଜେ। କେତେକେତେ ଚେହେରା ସେତେବେଳେ ମୁଁ ଦେଖେ ମୋ' ଆଖପାଖରେ। ପସନ୍ଦ ହେଉ ବା ନ ହେଉ ସେଇ ମୁହୂର୍ତ୍ତରେ ମୁଁ ତାକୁ ଲୋଡ଼େ। ଲୋଡ଼ିବାପଣ ସବୁ ସମୟରେ ନ ଥାଏ। ଥିଲେ ମୁଁ ପୁରୁଣା ସମୟକୁ ସବୁବେଳେ ଲୋଡ଼ନ୍ତି। ଅତୀତ ବେଳେବେଳେ ଉପରଠାଉରିଆ ହେଇ ମୋ' ପାଖେ ଠିଆ ହୁଏ। ଗୁଣୁଗୁଣାଏ। ଭାରି କ୍ଲାସିକାଲ୍ ଲାଗେ ସେତେବେଳେ ମୁଁ। ମୋର କି ସୁନ୍ଦର ରୂପ। ଆଇନା ଦେଖି ମୁଁ ମୋ' ଆଖିକୁ ଚକ୍‌ଚକ୍ କରେ। ଗୋଟେ ଅନାମଧେୟ ଅପରିଚିତ ମୁହଁ ଦେଖି ମୁଁ ଆତୁର ହୋଇ ତାକୁ ପ୍ରେମିକା କରି ପକାଏ। ପ୍ରେମିକା ନିର୍ବାଚନ ମୋର ଚଳଚ୍ଚିତ୍ର ପରି ନୁହେଁ, ଯଦିଓ ତା' ପାଖେ ପାଖେ ରହି ତା' ଛୁଆଁରେ ଉଲୁସିଯାଏ।

ମୋର ଗୋଟେ ବିଶାଳ ଫ୍ଲାଟ୍ ଅଛି। ଦାମୀ ଗାଡ଼ି ଅଛି। ସ୍ତ୍ରୀ ପିଲାଙ୍କ ସେବା କରିବାକୁ ଚାକର ପୁଜାରୀ ଅଛନ୍ତି। ଗୀତାରାଣୀ, ଛବି, ବବି। ଯେ କେହି ଅନୂଢ଼ା ହୁଅନ୍ତୁ ମୋ' ଦାଣ୍ଡ ଦେଇ ଗଲାବେଳେ ମୁଁ କାହିଁକି ସେମାନଙ୍କୁ ନିରେଖି ଚାହିଁ ପ୍ରେମିକାକୁ ଦରାଣ୍ଡେ କେଜାଣି! ପ୍ରେମ କାରବାରରେ ମୁଁ ଭାରି ଧୋକାବାଜ। ଲେଖାପଢ଼ା ବା ଚୁକ୍ତି ହେଇ ନ ଥିଲା ତା' ସହିତ ମୋର। ମୁଁ ଗାନ୍ଧିବାଦୀ ଆଦର୍ଶର ଲୋକ ନୁହେଁ। ନ ଥିଲି। ପଡ଼ୋଶୀମାନେ ମୋତେ ସେତେବେଳେ ଉହରା ଭାବୁଥିଲେ ବୋଧେ! ସେମାନଙ୍କ ଢିଲା ଝିଅମାନଙ୍କୁ ଗପିବାକୁ ଛାଡୁ ନ ଥିଲେ। ମୋର ଖଟି ଥିଲା ଆମ ସାଇର ପାନ ଦୋକାନ। ସେ ଥିଲା ସୁନେଲୀ ମାଛ ପରି। ଆଖି ଦି'ଟାରେ ତା'ର ହୀରାର ଉଜ୍ଜ୍ୱଳତା।

ସବୁଦିନେ ସେଇ ଦୋକାନ ପାଖରେ ତା' ସାଇକେଲ୍‌ର ଚେନ୍ ଖସୁଥିଲା। ମୁଁ ସବୁଦିନେ ସେଇ ଅପେକ୍ଷାରେ ଥିଲି, ତା' ସାଇକେଲ୍ ଚେନ୍ ଠିକ୍ କଲା ପରେ ସେ ମୋ' ଆଡ଼କୁ ଚାହିଁ ସ୍ମିତହାସ୍ୟ ଦେଇ ଚାଲିଯାଏ। ତା' ପଛକୁ ପଛ ଆମ ଖଟିରେ କେତେ ଗଳ୍ପ ତିଆରି ହୁଏ। ମୁଁ କେବେ ବି ସମତଳ ଉପତ୍ୟକାରେ ମୋ' ଜୀବନକୁ ଗଡ଼େଇ ନେବାକୁ ଭଲପାଏ ନାହିଁ। ନୀଳପାହାଡ଼, ସବୁଜ ବନାନୀ ପରି ଢେଉଢେଉକା ଜୀବନକୁ ଭଲପାଏ। ଟିକେ ଟ୍ରାଜେଡ଼ି ନ ଥିବ ଜୀବନରେ, ସେଟା କି ଜୀବନ! ଜାଣିଜାଣି ଦେହ ଖରାପ ହେଇଛି କହି ମୁଁ ଘରେ ଶୁଏ। ସେ ମୋତେ ସାଇକେଲ୍ ଦୋକାନ ପାଖରେ ଅନାଏ। ଦୋକାନୀକୁ ପଚାରେ। ଦିନେ ସେ ସମ୍ଭାଳି ନ ପାରି ମୋ' ଘରକୁ ଆସିଲା। ଯୋଗକୁ ବାପା, ବୋଉ କି ମୋ' ସାନ ଭଉଣୀ ଘରେ କେହି ନ ଥିଲେ। ସେ ଘରେ ଦରମୁକୁଳା କବାଟ ଦେଇ ଆସି ହଠାତ୍ ମୋ' ବିଛଣା ପାଖରେ ଠିଆ ହେଇଗଲା। ତାକୁ ଦେଖି ମୋ' ଦେହରେ ତାତି ଭରିଗଲା। ମୁଁ କହିଲି, ମଇନା ତମେ! ସେ ମୋ' ଛାତି ଉପରେ ଅଜାଡ଼ି ହେଇ ପଡ଼ିଲା। ମୁଁ ଅନୁଚିତ, ଅଯୌକ୍ତିକ କଥା କିଛି ଚିନ୍ତା କଲି ନାହିଁ। କଳିଜା ଥଣ୍ଡା ହେଲା ପର୍ଯ୍ୟନ୍ତ ତାକୁ ଚୁମା ଦେଲି। ତା' କାନ୍ଦ ବନ୍ଦ ହେଇଗଲା। କହିଲା ମୋ' ସାଇକଲ ସଜାଡ଼ିବନି?

ମୁଁ କହିଲି, ତୁ କ'ଣ ମୋତେ ପ୍ରେମକରୁ! ସେ କହିଲା, ଏତିକିରେ କ'ଣ ପେଟା ହେବ। ଆଉ ଉର୍ଦ୍ଧ୍ୱକୁ ଉଡ଼ିପାରିବ ନାହିଁ। ନୂଆନୂଆ ପାପ କଲେ ଏମିତି ଲାଗେ। ତମେ ଭାବିକି ମୋତେ କହିବ। ବାପା ହବ କି ନା। ମୋ' ପାଟିରୁ ବାହାରି ପଡ଼ିଲା, ହେବି ଯେ ଏତେ ଶୀଘ୍ର ନୁହେଁ। ସେ କିଁକିଁଟି ଅନ୍ଧାର ଭିତରେ କେଉଁଆଡ଼େ ହଜିଗଲା। ଆଉ ତାକୁ ଜଗତ ଦେଖିଲାନି।

ସତରେ ମଇନାକୁ ଡେଇଁ ଜୀବନ ଗଢ଼ିଲି ସିନା, ତା' ପୃଥିବୀକୁ ମୁଁ ଡେଇଁ ପାରିଲିନି। ପ୍ରେମର ଶହ ଶହ ଲୁହ ଟୋପା, ହଜାର ହଜାର ଦୀର୍ଘଶ୍ୱାସ, ଲକ୍ଷଲକ୍ଷ

**ସବୁଦିନେ ସେଇ ଦୋକାନ ପାଖରେ ତା' ସାଇକେଲ୍‌ର ଚେନ୍ ଖସୁଥିଲା। ମୁଁ ସବୁଦିନେ ସେଇ ଅପେକ୍ଷାରେ ଥିଲି, ତା' ସାଇକେଲ୍ ଚେନ୍ ଠିକ୍ କଲା ପରେ ସେ ମୋ' ଆଡ଼କୁ ଚାହିଁ ସ୍ମିତ ହାସ୍ୟ ଦେଇ ଚାଲିଯାଏ। ତା' ପଛକୁ ପଛ ଆମ ଖଟିରେ କେତେ ଗଳ୍ପ ତିଆରି ହୁଏ...**

ସରିଯାଉଛି? ଏବେ ଖାଲି ତମ ମୋ' ଭିତରେ ଦୂରତା କମିଲା ବୋଲି ଜାଣ! ତୁମେ ମୋତେ ଚିରକାଳ ପାଇଁ ବନ୍ଦୀ କଲେ ମୁଁ ତମର ପ୍ରେମିକା ହେବି। ମୁଁ କହିଲି, ମାନେ! ସେ ମୁରୁକି ହସି ଚାଲିଗଲା ମୋ' ଦେହରେ ତାତି ଭରିଦେଇ।

ମୁଁ ତା' ଦେହକୁ ସାଇତିବାକୁ ଇଚ୍ଛା କଲି ମୋ' ମୋହ ଆଉ ମୋ' ଦେହର ଦାହ ଭିତରେ। ମୁଁ ତାକୁ ଦିନେ ଅନ୍ତସତ୍ତ୍ୱା କରିଦେଲି। ଏବେ ନିରତ ନିରେଖି ଦେଖିଲି ତାକୁ। ସେ ମୋ' ପିଲାର ମାଆ ହେବ। ସେ ଭୟାତୁର ଥିଲା। ସେ ଏଥର କହିଲା ମୁଁ ତମର ପକ୍କା ପ୍ରେମିକା, ମୋତେ ଏବେ ତମେ ତମର ସ୍ତ୍ରୀ କର। ମୋ' ଦେହରୁ ଝାଳ ବୋହିଗଲା। ସେ ଏମିତି କହିବ ବୋଲି ମୁଁ ଜମା ଜାଣି ନ ଥିଲି। ମାତ୍ର ଇଂରାଜୀରେ ମୁଁ ଏମ୍.ଏ. ପଢୁଛି। ମୋ' ଯୌବନ ଥମଥମ ବେଳେ ଏମିତି ନିଭୃତରେ ପ୍ରେମ! ପ୍ରେମରୁ ପାପ। ମୁଁ କହିଲି ବାପା ଜାଣିଲେ ମୋତେ ହାଣି ଦେବେ! ଦରଲିଭା କୋଇଲା ପରି ସେ ଦହକୁ ଥିଲା ବୋଧେ! ତା' ଉଜ୍ଜ୍ୱଳତା କମି ଆସୁଥିଲା। ମୁଁ ବର୍ଷା ପାଗର ଖରା ପରି ମ୍ଳାନ ଲାଗୁଥିଲି। ସେ କହିଲା ତମେ ଅନ୍ତର୍ଦାହ ମୋ' ଦାମ୍ପତ୍ୟରେ ବାଧିକା ହେଲା। ମୁଁ ସୁନ୍ଦର, ସମାହିତ ଯୁବକ ଭଳି ମୋ' ସ୍ତ୍ରୀ ପାଖରେ ଅଭିନୟ କଲି। ନିତା ମୋତେ ଶୁଙ୍ଘି କହିଦେଲା, ତମେ ଆଗରୁ ଦଗାଦିଆ ପ୍ରେମିକ ହେଇସାରିଛ। ନିତାର ନିଶ୍ଚୟ ଏ ବିଷୟରେ ଅଭିଜ୍ଞତା ଥିବ, କିନ୍ତୁ ସେ ମଇନା ନୁହେଁ। ମୁଁ ପ୍ରତି ମୁହୂର୍ତ୍ତରେ ନିତାଠୁ ଶିଖିବାକୁ ଚେଷ୍ଟା କରିଛି, ଯାହା ମଇନାଠୁ ଶିଖି ପାରି ନ ଥିଲି। ସ୍ତ୍ରୀର ଆକଟ, କଟକଣା, ନୈସର୍ଗିକ ପ୍ରେମ ନିର୍ବାଚନରେ ମଇନା ନିତାଠୁ ନିର୍ଦ୍ୱନ୍ଦ୍ୱରେ ଉପରେ ଅଛି। ସେ ମୋତେ ବନ୍ଦୀ କରି ନ ଥିଲା। ସେ ବନ୍ଦୀ ହୋଇଥିଲା ମୋ' ପାଖରେ। ଏବେ ନିତା ମୋତେ ବନ୍ଦୀ କରିଛି। ସେ ମୋର ଅପହଞ୍ଚ ଇଲାକା। ମଇନା, ତୋତେ ମୁଁ ମୋ' ଛାତି ତଳେ ଝକାସ୍ କରି ରଖିଛି। ତୋ' ଦେହ ଆଉ ଦାହର ତାତିକୁ ପବନ ହେଇ ନିଭୃତରେ ମୋ' ଛାତି ଭିତରକୁ ବହି ଆଣିଛି। ତୁ ମୋର ଯନ୍ତ୍ରଣାର ଫୁଲ ମଇନା! ତୁ' ମୋ' ଆଖି କୋଣରେ ଜକେଇ ଆସୁଥିବା ଲୁହ। ତୁ ମୋ' ଆତ୍ମାର ବିପର୍ଯ୍ୟସ୍ତ ଶ୍ୱାସରୁଦ୍ଧ କ୍ଳେଶ। ମୋର ଅପହଞ୍ଚ ପାପ।

ମୋ- ୯୪୩୭୨୭୨୬୨୮

---

## କବିତା



### ଆମ ଗାଁ ନଈ

ଅରୁଣ କୁମାର ସାହୁ

ମୋ' ଜେଜେ ବା ତାଙ୍କ ଜେଜେଙ୍କର
ଶୈଶବ ଆରମ୍ଭର ଅନେକ ଆଗରୁ
ଆମ ଗାଁ ସୀମାନ୍ତକୁ ଛୁଇଁ
ବହିଯାଏ ମୋ' ଗାଆଁର ଅଳସେଇ ନଈ
କାହିଁକି ବହୁଛି ସିଏ ଜମା ଜାଣେ ନାହିଁ
ଜାଣେନା ବି ବହେ କାହା ପାଇଁ॥

ଘନଘୋର ଗ୍ରୀଷ୍ମର ତାପରେ
ମୋ' ଗାଁ ବୃକ୍ଷଙ୍କ ଛାଇ
ଆଶ୍ୱାସନା ପାଇ
ଆମ ଗାଁ ନଈ ଗେହ୍ଲେଇ
ମୋ' ଅପା ପରି
ଦୌଡୁଥାଏ, ଭାଇଙ୍କର
ଯାବତୀୟ ସୁଖ ପାଇଁ
ଏଣୁତେଣୁ ମାଗିଯାଚି
ଜଳରାଶି ଜକେଇ ଜକେଇ॥

ନଦୀ ବିନା ଆମ ଶୈଶବର ଇତିହାସ
ଲେଖିବା କେତେ ଯେ କଠିନ!

କେବେ ଭାବେ ଫେରିଯିବି
ପିଲାଦିନ ଆଡ଼େ
(ନଈ ବିନା ପିଲାଦିନ କ'ଣ ଯେ!)
ଭଙ୍ଗୁର-ସ୍ୱପ୍ନ
ନୁଖୁରା ବାଳ ଓ
ଫୁଙ୍ଗୁଳା ଦେହରେ
ଖେଳୁଥା'ନ୍ତା ନଈବାଲିରେ
ଏବଂ ନଈପାଣି ଚପଳ ଛୁଆଁରେ
ସାଉଣ୍ଟୁଥା'ନ୍ତି ଶୈଶବର ସ୍ମୃତି
ହଜେଇ ହଜେଇ ପିଲାଦିନ
ଅଚଳ ଆଠଣି...॥

ମୋ: ୯୪୩୭୧୫୫୬୧୭

### ପ୍ରିୟତମାକୁ

ପ୍ରତିଭା ପରିଡ଼ା

ରତ୍ନବେଦୀରେ
କେଉଁ ଦୀପ ଜଳୁଥାଏ ପୁଣି ଲିଭୁଥାଏ?
କାହା ନାଆଁରେ
ଗୋପଦାଣ୍ଡରେ ଡିବିଡିବି
ନାଗରା ବାଜୁଥାଏ?
ଈଶ୍ୱରି!
ତୋ' ଇସାରାରେ ତ
ମୋର ଏ କାଳ, ସେ କାଳ
ଆଉ ସାରାକାଳ ନାଚୁଥାଏ-

ତୋ' ଦେହର କୁଣ୍ଡଳି
ଡାଙ୍କି ରଖିଥାଏ
ମୋର ଅର୍ଥ ପରମାର୍ଥ...
ତୋ' ନୀଳ ଆଖିର ମାୟା
ଢୋକି ନେଉଥାଏ,
ମୋର ସଂସାରଭର୍ତ୍ତି ଅଭିମାନ
ପୁଣି ସମୁଦ୍ରେ ଅବିଶ୍ୱାସ-


ମୋତେ କେଉଁ ବା' ବାଟ ଦିଶୁଛି?
ଗୋଟାଏ ପାଦ ସାମ୍ନାକୁ ବଢ଼ିଲେ
ସାତପାଦ ପଛକୁ ଫେରୁଛି...
ମୋର ଯେତେ କର୍ମ ଅକର୍ମ
ମୋର ଯାହା ପାପ ପୁଣ୍ୟ,
ପ୍ରିୟତମା! ମୁଁ କ'ଣ ବର୍ଣ୍ଣିବି,
ସ୍ୱର୍ଗ ତ ସ୍ୱର୍ଗ
ନର୍କରେ ବି ତୋ' ଆଖି
ପହରା ଦେଉଛି।

ମୋ: ୯୮୬୧୫୬୭୭୬୮

---

## ପୁସ୍ତକ ପରିଚୟ


### ଅକ୍ରୁର



**ଲେଖକ:** ଡ. ସୋମନାଥ ବିଷୋୟୀ
**ପ୍ରକାଶକ:** ଅପୂର୍ବା, ୟୁନିଟ୍-୩, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

ଭାଗବତର ଅକ୍ରୁର ଚରିତ୍ରକୁ ଭିତ୍ତିକରି ଏହି ଉପନ୍ୟାସଟି ରଚିତ ସତ, କିନ୍ତୁ ଏଥିରେ ଉପସ୍ଥାପନା ଓ ଭାଷାଗତ ଯେଉଁ ସ୍ୱାତନ୍ତ୍ର୍ୟ ଫୁଟି ଉଠିଛି, ତାହା ଏକାଥରକେ ବହିଟିକୁ ସାରିଦେବା ପାଇଁ ପାଠକ ମନରେ ବ୍ୟାକୁଳତା ଜଗାଏ। 'ମୁଖଶାଳା'ରେ ଲେଖକ କହନ୍ତି- ''ଜଣେ ଔପନ୍ୟାସିକ ଅନ୍ୟତମ ପୁରାଣକାର ନୁହେଁ। ପୁରାଣର ମୂଳ ପ୍ରସଙ୍ଗକୁ ଜ୍ଞାତସାରରେ କେହି ଅତିକ୍ରମ କରିଯିବାକୁ ଚେଷ୍ଟା କରିବେ ନାହିଁ।'' ଅର୍ଥାତ୍ ପୁରାଣର ଉଲ୍ଲଂଘନ ନୁହେଁ, ଯଥାସମ୍ଭବ ତାକୁ ମହିମାଦୀପ୍ତ କରିବା ହିଁ ପୌରାଣିକ ଉପନ୍ୟାସର ଲକ୍ଷ୍ୟ ହୋଇଥାଏ, ଯେଉଁ ଲକ୍ଷ୍ୟର ପୂର୍ତ୍ତି 'ଅକ୍ରୁର'ରେ ହୋଇଥିବା ଅନୁଭୂତ ହୁଏ। ଉପନ୍ୟାସରେ ରହିଛି ମୋଟ ୨୫ଟି କ୍ଷୁଦ୍ରକ୍ଷୁଦ୍ର ଆଖ୍ୟାନ ଭାଗ ଓ ସବୁ ଭାଗ ପରସ୍ପରର ପରିପୂରକ। କଂସଠାରୁ କୃଷ୍ଣବଳରାମଙ୍କୁ ଆଣିବା ଆଦେଶ ପାଇବା ଦିନର ସକାଳ। ଅକ୍ରୁର କହୁଚି: ''ଏ ସକାଳ କ'ଣ ଇତିହାସର ଗର୍ଭ ଫଟାଇ ବାହାରି ଆସିଛି ମୋ'ରି ଦୁଆରକୁ? ଅନନ୍ତ ପ୍ରତୀକ୍ଷାର ଗୋଟେ ଅନ୍ତିମ ଆହ୍ୱାନ ନେଇ ଏ ସକାଳ କ'ଣ ମୋ'ରି ପ୍ରତୀକ୍ଷାରେ ଅଛି? ପ୍ରକୃତରେ କିଏ କାହା ପ୍ରତୀକ୍ଷାରେ ଅଛିଯେ!'' ଉପନ୍ୟାସରେ କବିତ୍ୱର ଏ ପୁଟ ବହିଟିକୁ ରସାଳ ଓ ଗଭୀର କରିଛି।

### ମନଝୁରେ ଝୁରେ ମନ




**କବି:** କୁଞ୍ଜ ବିହାରୀ ପାଢ଼ୀ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-

ଆଲୋଚ୍ୟ କବିତା ବହିଟି କବିଙ୍କର ତୃତୀୟ କବିତାଗ୍ରନ୍ଥ, ଯାହାର ପ୍ରଚ୍ଛଦଲେଖରେ କୁହାଯାଇଛି- ''ଆଧୁନିକ ସମାଜର ମଣିଷମାନଙ୍କ ମନସ୍ତତ୍ତ୍ୱ ଓ ସାମାଜିକ ଜୀବନଶୈଳୀ ଉପରେ ଏହା ଆଧାରିତ।'' କେତେକ କବିତାରେ ଜୀବନର ଗଳ୍ପ ରୂପ ପାଇଛି। କବିତାଗୁଡ଼ିକର ଭାଷାରେ ଗଦ୍ୟରୀତି ଓ ଗୀତି-ଲାଳିତ୍ୟର ମୀମାଂସା ମନୋମୁଗ୍ଧକର ମନେହୁଏ। 'ଆମେ ଭାରତୀୟ' ଭଳି କବିତାରେ ପ୍ରକଟିତ ଦେଶାତ୍ମବୋଧ ତାଙ୍କ ଧର୍ମନିରପେକ୍ଷ ମନୋଭଙ୍ଗୀର ପରିଚୟ ଦିଏ। 'ବରଷାରେ ଭିଜିଭିଜି' କବିତାର ଏଇ ଧାଡ଼ିଟିକୁ ଦେଖନ୍ତୁ- ''ବରଷାରେ ଭିଜିଭିଜି/ଗାଉଥିଲି ଗୀତ ମୋର/ମନ ମତାଣିଆ ଗୀତ/ସୁଲଳିତ କଣ୍ଠସ୍ୱର/ବରଷାରେ ଭିଜିଭିଜି।'' ଆବେଗସିକ୍ତ ଏହିପରି ଅନେକ କବିତା ବହିଟିରେ। ଆଧ୍ୟାତ୍ମିକ ଭାବନାରେ ବି କେତେକ କବିତା ଭରପୂର। ଜୀବନର ନାନା ଅନୁଭବ ଓ ଅଭିଜ୍ଞତାର କେଲୁଣି-ପସରା ଏଇ କାବ୍ୟଗ୍ରନ୍ଥଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

---

## କାଳ କାଳକୁ



''ପୃଥିବୀ ବଦଳାଇବା କଥା ସମସ୍ତେ ଭାବନ୍ତି, କିନ୍ତୁ ନିଜକୁ ବଦଳାଇବା କଥା କେହି ଭାବନ୍ତି ନାହିଁ।''

-ଲିଓ ଟଲ୍‌ଷ୍ଟୟ

**ଲିଓ ଟଲ୍‌ଷ୍ଟୟଙ୍କ** ଜନ୍ମ ୯ ସେପ୍ଟେମ୍ବର ୧୮୨୮ରେ, ରୁଷ୍‌ରେ। ବିଶ୍ୱପ୍ରସିଦ୍ଧ ଉପନ୍ୟାସ 'ଯୁଦ୍ଧ ଓ ଶାନ୍ତି' (War & Peace) ଓ 'ଆନ୍ନା କାରେନିନା'ର ସେ ଯୋଗଜନ୍ମା ଲେଖକ। ଅଳ୍ପ ବୟସରୁ ସେ ତାଙ୍କର ମାଆ, ବାପା ଓ ଖୁଡ଼ୀ ତିନିହିଁଙ୍କୁ ହରାଇଥିଲେ। ବାଲ୍ୟକାଳର ଏହି ପ୍ରିୟଜନ ବିୟୋଗାନୁଭୂତି ପରବର୍ତ୍ତୀ କାଳରେ ତାଙ୍କ ରଚନାଗୁଡ଼ିକରେ ମାର୍ମିକ ରୂପ ଲାଭ କରିଥିଲା। ''ସବୁ ସୁଖୀ ପରିବାରର ସୁଖ ଏକାଭଳି, ପ୍ରତି ଅସୁଖୀ ପରିବାରର ଅସୁଖ କିନ୍ତୁ ଅଲଗା ଅଲଗା''- ଏହା ଥିଲା 'ଆନ୍ନା କାରେନିନା'ର ପ୍ରଥମ ଧାଡ଼ି। ୨୦ ନଭେମ୍ବର ୧୯୧୦ରେ ଏହି ଲେଖକଙ୍କର ଜୀବନ ଦୀପ ଲିଭି ଯାଇଥିଲା।

---

## ମିନିଗଳ୍ପ

### ବିଶ୍ୱାସ

କାଳିନ୍ଦୀଚରଣ ଭଞ୍ଜ

ଏକ ରକ୍ଷଣଶୀଳ ତଥା ପ୍ରାଚୀନ ପରମ୍ପରାର ପକ୍ଷପାତି ଏକ ପରିବାରରେ ଜନ୍ମ ମାଧୁରୀର। ଘର ବମ୍ବେ ସହରଠୁଁ କିଛି ଦୂର ଏକ ଅଖ୍ୟାତ ପଲ୍ଲୀରେ। ପିଲାଦିନୁ ମନରେ ଅନେକ ପ୍ରଶ୍ନ ଓ ସନ୍ଦେହ। ଭଗବାନ ଅଛନ୍ତି କି ନାହିଁ, ଥିଲେ ବି କେଉଁ ଭଗବାନ ସବୁଠୁଁ ଭଲ? ପାଞ୍ଚ ଜାଗାରେ ସେ ମୁଣ୍ଡିଆ ମାରେ। ଯେଉଁଠି ତା'ର କାମ ପୂରା ହୁଏ, ଭାବେ ସେହି ବୋଧେ ଠିକ୍ ଦିଅଁ। ଏହି ସରଳ ଭାବ, କପଟ ଶୂନ୍ୟ ସ୍ୱଭାବ ସାଦାସିଧା ଢଙ୍ଗରେ ଅଳ୍ପ କିଛି ଗାଁ ଚାହାଳିରେ ପାଠପଢ଼ା। ସେ ସମୟର ନିୟମରେ ଅଳ୍ପ ବୟସରୁ ବିବାହ କରାଇଦେଲେ ମାଧୁରୀକୁ ବାପା-ମା' ଜଣେ ଶ୍ରମିକ ସହ। ଘରେ ଶାଶୁ ବୁଢ଼ୀ ଓ ସ୍ୱାମୀ ନରେନ୍ଦ୍ର। ଏଇ ବର୍ଷ କେତେଟାରେ ଦୁଇ ପିଲାଙ୍କର ମାଆ ହୋଇଗଲା ମାଧୁରୀ।

ଏକ ଅଜଣା ରୋଗରେ ସ୍ୱାମୀ ନରେନ୍ଦ୍ରଙ୍କର ଅକାଳରେ ଅଳ୍ପ ବୟସରେ ଦେହାନ୍ତ ହୋଇଗଲା। ଘରେ ଖାଇବା ପିଇବା ଅଭାବ ହେବାରୁ ମାଧୁରୀ ବାହାରିଲା କାମଧନ୍ଦା କରି କିଛି ରୋଜଗାର କରିବାକୁ ସହରକୁ। ସହରରେ ଏକ ଧନୀ ଘରେ ମାସିକ ବେତନରେ ଘର କାମ ପାଇଗଲା। ଶାଶୁବୁଢ଼ୀଙ୍କ ଦାୟିତ୍ୱରେ ପିଲା ଦି'ଟିଙ୍କୁ ଛାଡ଼ିଗଲେ ବି ମଝିରେ ମଝିରେ ଘରକୁ ଆସେ। ଶାଶୁ ଓ ପିଲାଙ୍କ କଥା ବୁଝି ଫେରିଯାଏ କାମକୁ। ଯେତେ କାମ ଥାଉନା କାହିଁକି ସୋମବାର ଦିନ ମନ୍ଦିରକୁ ପୂଜା ଅର୍ଚ୍ଚନା କରିବାକୁ ଯିବ ହିଁ ଯିବ। ଏତେ କମ୍ ବୟସରେ ସ୍ୱାମୀର ଦେହାନ୍ତ ଓ ଅଭାବ ଅନଟନରେ ପିଲା ଦି'ଟିଙ୍କୁ ଶାଶୁବୁଢ଼ୀଙ୍କ ପାଖରେ ଛାଡ଼ି ଆସିଥିଲେ ବି ଠାକୁରଙ୍କ ପାଖରେ ତା'ର କୌଣସି ଅଳି, କଟାଳ ନ ଥାଏ।

ମାଧୁରୀ ଦିନେ ଘରୁ ଚିଠି ପାଇଲା ଯେ ଶାଶୁଙ୍କ ଦେହ ଖରାପ। ଏଣୁ ମନ ବିମର୍ଷ। ସପ୍ତାହେ ଛୁଟି ନେଇ ଶାଶୁଙ୍କୁ ଦେଖିବାକୁ ଗଲା। ବୁଢ଼ୀ ଚାଲିଗଲେ ବହୁ ଅସୁବିଧା ହେବ। ପିଲାମାନଙ୍କୁ ପାଖକୁ ଆଣିବାକୁ ହେବ। ବମ୍ବେ ସହର ଏକ ମହଙ୍ଗା ସହର। ଚଳିବ କିପରି ଚିନ୍ତା ଥାଏ ମନରେ। ଫେରିଲା ପରେ ମାଲିକ ପଚାରିଲା ଶାଶୁ ଦେହ କେମିତି ଅଛି? ସେ ଦୃଢ଼ତାର ସହ ଉତ୍ତର ଦେଲା- 'ଭଲ ହୋଇଯିବ, ଭଗବାନ ଭାରି ଦୟାଳୁ'। ତା' ମନରେ ଦୁଃଖ ନ ଥିଲା, ଭୟ ବି ନ ଥିଲା। କେବଳ ଥିଲା ଦୃଢ଼ ବିଶ୍ୱାସ। ଏହା ଶୁଣି ସେ କୋଟିପତି ଧନୀ ମାଲିକ ଆଖିରେ ଲୁହ ଜକେଇ ଆସିଲା ଓ ମନରେ ଈଶ୍ୱର ବିଶ୍ୱାସ ଜାଗ୍ରତ ହେଲା।

ଦୁଇମାସ ପରେ ମାଧୁରୀ ଦୁଇ ସପ୍ତାହ ପାଇଁ ବୁଢ଼ୀର ଅସୁସ୍ଥତା ଶୁଣି ପୁନଶ୍ଚ ଘରକୁ ଗଲା। ଆସିଲା ପରେ ଜଣାପଡ଼ିଲା ଯେ, ବୁଢ଼ୀ ଶାଶୁ ତା'ର ମୃତ। ଅଧା ନାସ୍ତିକ ମାଲିକଙ୍କ ମନ ବିଦ୍ରୋହ କରି ଉଠିଲା। ମନେମନେ ଭାବିଲେ ବିଚାରୀକୁ କେତେ ଯେ ଦୁଃଖ ମିଳିବ ଆଉ! ତଥାପି ମାଧୁରୀକୁ ମାଲିକ ପଚାରିଲେ- 'ଭଗବାନ ଭଲ କରିପାରିଲେନି ଏଥର।' ମାଧୁରୀ ଉତ୍ତର ଦେଲା 'ବାବୁ ତାଙ୍କୁ ବହୁତ କଷ୍ଟ ହେଉଥିଲା ତ, ସେଥିପାଇଁ ଈଶ୍ୱର ତାଙ୍କୁ ନେଇଗଲେ।'

ଧଳା କାଗଜରେ କଳା ଗାରରେ ମାଧୁରୀର ବିଶ୍ୱାସକୁ ବାନ୍ଧି ରଖିବା ଥିଲା ଅସମ୍ଭବ। ମାଧୁରୀ ମନରେ ନ ଥିଲା ସଙ୍କୋଚ, ନ ଥିଲା ଦୁଃଖ, ନ ଥିଲା ନାସ୍ତିକତା। କେବଳ ଥିଲା ବିଶ୍ୱାସ, ଅଟଳ ଓ ସ୍ଥିର। ମାଲିକଙ୍କ ଆଖିରୁ ଠପ୍‌ଠପ୍ କରି ଲୁହ ଝରି ପଡ଼ିଲା। ତାଙ୍କର ସବୁ ଥାଇ ବି ନିଃସ୍ୱ ଲାଗିଲା ତାଙ୍କୁ।

ମୋ: ୯୩୩୭୮୮୭୮୯୮

---


## ସୃଜନ-ସ୍ମୃତି

# ସାହିତ୍ୟ ଶିଖେଇଛି ଦୁଃଖ ଭିତରେ ହସିବା



ପବିତ୍ର ପାଣିଗ୍ରାହୀ

**'ପ୍ରେମିକର ଦଶାବତାର', 'ଖରାପ ପାଗ', 'ଏକା ଏକା ଅରୁନ୍ଧତୀ', 'ହାଇଫେନ୍', 'ମନ ଅନ୍ଧାର', 'ଅଫେରା ଜହ୍ନରାତି', 'ଛୁଇଁଲେ ପ୍ରେମ', 'ସ୍ୱପ୍ନ ଚୋରୀ', 'ବରଂ ଅନ୍ଧାର ଭଲ', 'ଗପର ମୁହଁ', 'ମିଛ ଘର' ଓ 'ପାଗ ବଦଳିଛି' ପବିତ୍ରଙ୍କର ପ୍ରମୁଖ ଗଳ୍ପଗ୍ରନ୍ଥ। ଗଳ୍ପ ପାଇଁ ୨୦୧୫ର 'ସାହିତ୍ୟ ଏକାଡେମୀ ପୁରସ୍କାର'ରେ ସମ୍ମାନିତ। ପୁରସ୍କୃତ ବହି 'ଗପର ମୁହଁ'...**



ମୋର ଶୈଶବ, କୈଶୋର ଓ ବୃତ୍ତିଗତ ଜୀବନ କଟିଛି ଓ କଟୁଛି ଗ୍ରାମୀଣ ପରିବେଶରେ। ପ୍ରଶସ୍ତ ଧାନବିଲ, କୁହୁଡ଼ିଘେରା ଜହ୍ନଧୁଆ ଧୂମାଭ ମାୟାଚ୍ଛନ୍ନ ଗଛବୃଚ୍ଛ, ଝୋଟିଅଙ୍କା କାନ୍ଥ ଓ ତାଳବଣ, କାଞ୍ଚନ ଓ କୁଶୀନଈର କୁଳୁକୁଳୁ ଗୀତ ମୋ' ଭିତରେ ଜଗାଇଥିଲା ସୃଜନ ସ୍ୱପ୍ନ। ସେଇ ସ୍ୱପ୍ନରେ ବିଭୋର ହୋଇ କବିତା ଲେଖାରୁ ସୃଜନ ଜୀବନ ଆରମ୍ଭ କରିଥିଲେ ବି ଗପ ଲେଖାରେ ନିଜକୁ ସହଜ, ସ୍ୱାଭାବିକ ମନେକରିଥିଲି ଓ ଆନନ୍ଦ ପାଇଥିଲି। ତା'ପରେ ଇତିହାସ ଅଧ୍ୟାପନା ବୃତ୍ତି, ଆଉ ମୁଖ୍ୟତଃ ଗପ ଲେଖାକୁ ନେଇ ଚାଲିଛି ଜୀବନ। ସାହିତ୍ୟ ଅନେକ ଦୁଃଖ ଭିତରେ ବି ହସିବା ଶିଖେଇଛି।

ଦିନଦିନ ଧରି ଶବ୍ଦଟିଏ ବି ଲେଖି ପାରେନି। ଅସନ୍ତୋଷରେ କୁହୁଳୁଥାଏ ନିଜ ଭିତରେ। ସବୁବେଳେ କିନ୍ତୁ ନିଜ ଭିତରେ ଗଢୁଥାଏ ଗପ, ପୁଣି ଭାଂଗୁଥାଏ। ଥରେ ଗପଟେ ଆରମ୍ଭ କଲେ ଭୋକଶୋଷ ଭୁଲି ଲେଖେ। ପତ୍ନୀଙ୍କ ବରାଦ ମୁତାବକ ଚିଜ ଆଣିବାକୁ ଭୁଲିଯାଇ କଥା ଶୁଣେ, ଲେଖିବି ଲେଖିବି ଭାବୁଭାବୁ ଅନେକ ଗପ ଖସିଯା'ନ୍ତି ହାତମୁଠାରୁ, ଟ୍ରେନ୍ ଟିକେଟ୍ କାଟି ବିଳମ୍ବରେ ପ୍ଲାଟ୍‌ଫର୍ମରେ ପହଞ୍ଚି ଟ୍ରେନ୍ ମିସ୍ କଲାପରି।

ରୋମାଂଟିକ୍ ଗପ ଅନେକ ପାଠକଙ୍କୁ ଛୁଇଁଲେ ବି ଏବେ ବଦଳିଯାଇଚି ମୋ' ଗପ ଲେଖାର ମୋଡ଼, ବୟସ ବଢ଼ିବା ସହ ବଦଳି ଯାଇଚି ଗପର ଥିମ୍। ପ୍ରଥମେ ନଷ୍ଟାଲଜିଆ, ପାରିବାରିକ ସମ୍ପର୍କର ମହକ, ଦାମ୍ପତ୍ୟ ଜୀବନର ବୁଝାମଣା ଆଦିକୁ ନେଇ ଲେଖୁଥିଲାବେଳେ ଏବେ ଲେଖୁଛି ମାନବୀୟ ସମ୍ପର୍କର ସୁକୁମାର ସୁଷମା, ଜୀବନର ଜଟିଳ ଯାନ୍ତ୍ରିକତା ଓ ସଂଘର୍ଷ, ନିଷ୍ଠୁର ବାସ୍ତବତା, ମୋହ ଓ ମୋହଭଂଗ, ବଦଳୁଥିବା ସମୟ ଓ ମଣିଷର ପରିବର୍ତ୍ତିତ ମନସ୍ତତ୍ତ୍ୱ ଇତ୍ୟାଦି ପ୍ରସଂଗକୁ ଆଧାର କରି। କାହାଣୀ ଗପର ପ୍ରମୁଖ ଆଧାର ହେବା ଉଚିତ୍ ବୋଲି ବିଶ୍ୱାସ କରେ। ଶୈଳୀ କାହାଣୀକୁ ଅନୁସରଣ କରେ। କେହି କେହି ପ୍ରିୟ ପାଠକ କହନ୍ତି, କବିତାର ଭାଷାରେ ଗପ କହିବା, ଆଉ ଗପର ରାସ୍ତାରେ କବିତାର ସୋରିଷ ବୁଣିବୁଣି ଯିବା ମୋର ବିଶେଷ ଢଂଗ। ହୋଇଥିବ ହୁଏତ!

ରାତି ମୋର ଲେଖାଲେଖି କରିବାର ପ୍ରିୟ ସମୟ। ଶପ ଉପରେ ତକିଆଟିଏ ପକେଇ, ତା'ରି ଉପରେ ପେଟେଇ ପଡ଼ି ଲେଖିବା ମୋର ଅଭ୍ୟାସ। ଚଳନ୍ତି ଫେରନ୍ତି ଜୀବନ ରାସ୍ତାରୁ, ଚଉପାଶରୁ ସାଉଁଟେ ଅନୁଭୂତି। ଗୋଟାଏ ଗଳ୍ପର ଘଟଣାର ଖିଅ ଓ ଚରିତ୍ରମାନଙ୍କୁ। ସେମାନେ ମୋତେ ବାଧ୍ୟ କରନ୍ତି ଲେଖିବା ପାଇଁ, ମଝିରେ ମଝିରେ ଉସୁକାନ୍ତି, ଆଉଟୁପାଉଟୁ କରନ୍ତି, ଦହଗଂଜ କରିଚାଲିଥା'ନ୍ତି ଲେଖିବାର ଉପଯୁକ୍ତ ସମୟ ଆସିବାଯାଏଁ। କଳ୍ପନାର ରଂଗ ସେଥିରେ ମାଖି ପରଖୁଥାଏ ମନେମନେ। ଖାଣ୍ଟି ସୁନାରେ ତ ଆଉ ଗଢ଼ା ହୁଏନା ଗହଣା! କିନ୍ତୁ କେହି ଯଦି ଚାହାନ୍ତି ଦେଖିବାକୁ, ମୋ' ଗଳ୍ପର ଅନେକ ଚରିତ୍ର ଓ ପୃଷ୍ଠଭୂମି ମୁଁ ଦେଖାଇ ଦେଇପାରିବି।

ମୋର ଅବସୋସ ଯେ ଲେଖିବାକୁ ଚାହୁଁଥିବା ଭଳି ଭଲ ଗପଟିଏ ଲେଖିପାରିନାହିଁ ଏ ଯାଏଁ। ବୈଚିତ୍ର୍ୟମୟ ଜୀବନ ପାଖରୁ ମୋତେ ସାଉଁଟି ନେବାକୁ ହେବ ଆହୁରି ଅନ୍ତରଙ୍ଗ ଓ ବହୁବର୍ଣ୍ଣୀ ଅନୁଭୂତି, ଆହୁରି ଘନିଷ୍ଠ ଭାବେ ଭୋଗିବାକୁ ଓ ଚିହ୍ନିବାକୁ ହେବ ଦୁର୍ବୋଧ ଜୀବନର ରହସ୍ୟମୟତାକୁ। ବଦଳୁଥିବା ସମୟର ନିଚ୍ଛକ ସ୍ୱର ତୋଳିଧରିବାକୁ ହେବ ଗପରେ। ହେଲେ ଜାଣେ, ଜୀବନର ସ୍ୱପ୍ନ ଅନେକ ହେଲେ ବି ମୋର ଶକ୍ତି ଓ ସାମର୍ଥ୍ୟ ସୀମିତ। ତଥାପି ସ୍ୱପ୍ନ ବିନା, ଶବ୍ଦ ବିନା, ଗଳ୍ପର ପ୍ଲଟ୍ ଖୋଜିବା ବିନା ବଂଚିବି ବା କେମିତି! ଯେ ଅନ୍ୱେଷା ଚାଲିଥିବ ମଲାଯାଏଁ। ଶେଷ ହେବନାହିଁ କେବେବି!

ମୋ: ୯୯୩୮୦୪୨୪୬୮

**ବର ୭୦କୁ କନ୍ୟା ୬୦**

ପ୍ରେମ କେତେବେଳେ କେଉଁଠି କାହା ସହ ହେବ କହି ହୁଏ ନାହିଁ। ପ୍ରେମରେ ବୟସ ମଧ୍ୟ ଖୋଜାପଡ଼େନି। ଏମିତି ଏକ କୌତୂହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶର ଭୁରାଖେଡ଼ି ଗ୍ରାମରେ। ଜଣେ ବୃଦ୍ଧ ମେଡିକାଲରେ ଥିବା ସମୟରେ ଜଣେ ବୃଦ୍ଧାଙ୍କୁ ପ୍ରେମ କରିବସିଲେ। ଖାଲି ଏତିକି ନୁହେଁ, ପରିବାର ସଦସ୍ୟ ମଧ୍ୟ ଏହି ଯୋଡ଼ିକୁ ବିବାହ ବନ୍ଧନରେ ବାନ୍ଧି ଦେଇଛନ୍ତି। ବୃଦ୍ଧଙ୍କ ବୟସ ୭୦ ହୋଇଥିବା ବେଳେ ବୃଦ୍ଧାଙ୍କ ବୟସ ୬୦।

# ମଲ୍ଟିମିଡିଆ ଶୋ'ରେ ଡୋଗ୍ରା ଶାସନର ଝଲକ



**ଜମ୍ମୁ:** ଭାରତର ଭୂସ୍ୱର୍ଗଭାବେ ପରିଚିତ ଜମ୍ମୁ -କଶ୍ମୀର। ଏଠାକାର ଥଣ୍ଡା ଏବଂ ପ୍ରାକୃତିକ ପରିବେଶ ସମସ୍ତଙ୍କୁ ଆକର୍ଷିତ କରିଥାଏ। ଏଥିପାଇଁ ଦେଶ ଏବଂ ବିଦେଶରୁ ଏଠାକୁ ପର୍ଯ୍ୟଟକଙ୍କୁ ଆଗମନ ହୋଇଥାଏ। ଜମ୍ମୁସ୍ଥିତ ବାଗ୍-ଏ-ବହୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀଭାବେ ପରିଚିତ। ଏଠାରେ ରହିଥିବା ଅଣ୍ଡରଗ୍ରାଉଣ୍ଡ ଫିଶ୍ ଆକ୍ୱାରିଅମ୍, ପାର୍କ, ପ୍ରସିଦ୍ଧ ବହୁ ଦୁର୍ଗ ବୁଲି ଦେଖିବା ପାଇଁ ଏଠାରେ ବର୍ଷତମାମ ଭିଡ଼ ଜମିଥାଏ। ହେଲେ ଏବେ ଜମ୍ମୁ -କାଶ୍ମୀରର ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବାକୁ ଯାଉଛି ଆଉ ଏକ ମେଗା ପ୍ରକଳ୍ପ। ପ୍ରଥମଥର ପାଇଁ ଅଞ୍ଚଳର ବହୁ ପୁରାତନ ଡୋଗ୍‌ରା ସଂସ୍କୃତି ଏବଂ ଡୋଗ୍‌ରା ଶାସକଙ୍କ ରାଜତ୍ୱ କାଳର ଅନାଲୋଚିତ କାହାଣୀ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବ ବାଗ୍-ଏ-ବହୁ। ଏଠାରେ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ମେଗା ମଲ୍‌ଟିମିଡିଆ ମ୍ୟୁଜିକାଲ ଲାଇଟ୍ ଆଣ୍ଡ ସାଉଣ୍ଡ ଫାଉଣ୍ଟେନ୍ ଶୋ। ଦିଲ୍ଲୀର ଅକ୍ଷରଧାମ ଭଳି ଏହି ଫାଉଣ୍ଟେନ ଶୋ'ର ପରିକଳ୍ପନା କରାଯାଇଛି। ସଙ୍ଗୀତ ସହ ରଙ୍ଗବେରଙ୍ଗର ଆଲୋକ ସହ ଫାଉଣ୍ଟେନର ଜଳସ୍ରୋତ ମଧ୍ୟରେ ବଡ଼ ସ୍କ୍ରିନ୍‌ରେ ଚାଲିବ ଡୋଗ୍‌ରା ରାଜାଙ୍କ ଶାସନ। ଡୋଗ୍‌ରା ରାଜାମାନଙ୍କ ପରାକ୍ରମ, ସଂସ୍କୃତି ଓ ଇତିହାସର ପ୍ରଚାର ପ୍ରସାର ଏହି ମ୍ୟୁଜିକାଲ୍ ଶୋ'ର ମୁଖ୍ୟ ଉଦ୍ଦେଶ୍ୟ। ୩୦ ମିନିଟର ମ୍ୟୁଜିକାଲ ଭିଡିଓ ଶୋ'କୁ ଥରକରେ ୪ଶହ ଲୋକଙ୍କ ଦେଖିବା ପାଇଁ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଦିନ ୪ଟି ଶୋ ହିନ୍ଦୀ ଭାଷାରେ ରଖିବା ପାଇଁ ଯୋଜନା କରାଯାଇଛି। ଶୋ ଦେଖିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଡୋଗ୍‌ରା ଖାଦ୍ୟ ମଧ୍ୟ ଉପଲବ୍ଧ ରହିବ। ଜମ୍ମୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦.୮୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଡୋଗ୍‌ରା ରାଜବଂଶ ବିଷୟରେ ଜ୍ଞାନ ରହିଥିବା ପ୍ରସିଦ୍ଧ ଐତିହାସିକମାନେ ଡୋଗ୍‌ରା ଇତିହାସ ବିଷୟରେ କାହାଣୀ ଲେଖିବାରେ ବ୍ୟସ୍ତଥିବା ଜମ୍ମୁ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକଳ୍ପ କାର୍ଯ୍ୟ ୨ବର୍ଷ ତଳେ ଆରମ୍ଭ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହା ଶେଷ ହୋଇପାରିନାହିଁ। ତେବେ ଏହାର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ଡୋଗ୍‌ରା ଇତିହାସର ପ୍ରଚାର ପ୍ରସାର ସହ ପର୍ଯ୍ୟଟନର ବିକାଶ ମଧ୍ୟ ହୋଇପାରିବ। ସେହିପରି ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶ ମଧ୍ୟ ଘଟିବ। ଉଲ୍ଲେଖଯୋଗ୍ୟ, ନିକଟରେ ଏନ୍‌ସିଇଆର୍‌ଟି ମଧ୍ୟ ଜମ୍ମୁ ଓ କଶ୍ମୀରର ଡୋଗ୍‌ରା ଶାସନ ବିଷୟ ଇତିହାସ ପୁସ୍ତକରେ ସାମିଲ କରିଛି। ଏହାକୁ ଅଷ୍ଟମ ଶ୍ରେଣୀର ପିଲାମାନେ ପଢ଼ିବେ।

# ରାଫାଲକୁ ଚଢ଼େଇ ଭୟ



**ଅମ୍ବାଲା:** ଶତ୍ରୁ ପକ୍ଷଙ୍କର ଧ୍ୱଂସ କରିବାକୁ ସକ୍ଷମ ଥିବା ଯୁଦ୍ଧ ବିମାନ ରାଫାଲ ପାଇଁ ଚଢ଼େଇ ଏବେ ବିପଦ ପାଲଟିଛନ୍ତି। ହରିୟାଣାର ଅମ୍ବାଲା ଏୟାରବେସ୍‌ରେ ଥିବା ରାଫାଲର ସୁରକ୍ଷା ଲାଗି ଏଠାରେ ପାରା ଅବା ଅନ୍ୟ ଚଢ଼େଇ ପାଳନ କରୁଥିବା ମାଲିକଙ୍କୁ ନୋଟିସ୍ ଜାରି କରିବା ପାଇଁ ଏୟାର ମାର୍ଶଲ ମାନବେନ୍ଦ୍ର ସିଂ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଚିଠି ଲେଖିଛନ୍ତି। ଆଇନର ଅବମାନନା କରୁଥିବା ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। କିଛି ଦିନ ତଳେ ବାୟୁସେନା ଅଧିକାରୀଙ୍କୁ ରାଫାଲର ଉଡ଼ାଣ ନେଇ ଧମକପୂର୍ଣ୍ଣ ଚିଠି ମିଳିଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଅଭିନୟକୁ ନିଜଠୁ ବି ଅଧିକ ଭଲପାଏ



କରିସ୍ମା କପୁର

**ମୁମ୍ବାଇ:** ବଲିଉଡରେ କରିସ୍ମା କପୁର ହେଉଛନ୍ତି ଜଣେ ସଫଳ ଅଭିନେତ୍ରୀ। କପୁର ଖାନ୍ଦାନର ଏକଦମ୍ ଲାଡଲି। ଦେଖିବାକୁ ସୁନ୍ଦରୀ ଯେମିତି ତାଙ୍କ ଅଭିନୟ ମଧ୍ୟ ସେତିକି ଦମ୍‌ଦାର୍। କରିସ୍ମା ଡ୍ୟାନ୍ସରେ ମଧ୍ୟ ଦର୍ଶକଙ୍କ ମନ କିଣି ପାରୁଥିଲେ। ତାଙ୍କ ଅଭିନୟ ପାଇଁ ସେତେବେଳେ ବହୁ ଅଭିନେତା ତାଙ୍କ ପଛରେ ପାଗଳ ଥିଲେ। ସେମାନଙ୍କ ମଧ୍ୟରୁ ଅଭିଷେକ ବଚ୍ଚନ ହେଲେ ଜଣେ। କିନ୍ତୁ କରିସ୍ମା ଏବଂ ଅଭିଷେକ କପୁରଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ ଗୋଟିଏ ସମୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଏହି ୨ କଳାକାର ପରସ୍ପରଙ୍କୁ ପାଗଳପରି ପ୍ରେମ କରୁଥିଲେ। ସେମାନଙ୍କ ନିର୍ବନ୍ଧ ଶେଷ ହୋଇଥିବା ମଧ୍ୟ ଶୁଣିବାକୁ ମିଳୁଥିଲା। କିନ୍ତୁ ସେମାନଙ୍କ ମଧ୍ୟରେ ବ୍ରେକଅପ୍ ହୋଇଗଲା। ବିବାହ ପରେ ଆକ୍ଟିଂ ନ କରିବାକୁ ସର୍ତ୍ତ ଥିବାରୁ କରିସ୍ମା ମନା କରିଦେଇଥିବା ଶୁଣିବାକୁ ମିଳିଥିଲା। କାରଣ ସେ ଅଭିନୟକୁ ନିଜଠୁ ବି ଅଧିକ ଭଲ ପାଆନ୍ତି। କରିସ୍ମାଙ୍କ ପରିବାର ଲୋକେ ଏପରି ସର୍ତ୍ତ ରଖିବାକୁ ରାଜି ହୋଇ ନ ଥିବାରୁ ଦୁଇଜଣଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଅଭିଷେକଙ୍କ ଭଉଣୀ ଶ୍ୱେତାଙ୍କ ବିବାହ ସମୟରୁ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପାଖାପାଖି ୫ ବର୍ଷ ପର୍ଯ୍ୟନ୍ତ କରିସ୍ମା-ଅଭିଷେକ ପରସ୍ପରକୁ ଡେଟ୍ କରିଥିଲେ। ଉଭୟ ବିବାହ ମଧ୍ୟ କରିବାକୁ ଚାହୁଁଥିଲେ। ଏହି ସମୟରେ କରିସ୍ମାଙ୍କ ଅଭିନୟ କ୍ୟାରିୟର ସଫଳତାର ଶୀର୍ଷରେ ରହିଥିବା ବେଳେ ଅଭିଷେକଙ୍କ କ୍ୟାରିୟର କିନ୍ତୁ ସେତେଟା ଭଲ ନ ଥିଲା। ତେଣୁ ବିବାହ ପୂର୍ବରୁ କରିସ୍ମାଙ୍କ ମା' ଅଭିଷେକଙ୍କ ପରିବାର ଆଗରେ କିଛି ସର୍ତ୍ତ ରଖିଥିଲେ। ଯେଉଁଥିପାଇଁ ଉଭୟଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ବୋଲି କୁହାଯାଏ। କରିସ୍ମା ବଚ୍ଚନ ପରିବାରର ବୋହୂ ହେବା ପରେ ଅଭିନୟ ଛାଡି ଦିଅନ୍ତୁ ବୋଲି ଅଭିଶେକଙ୍କ ମା' ଜୟା ବଚ୍ଚନ ଚାହୁଁଥିଲେ। ମାତ୍ର ଏହା କରିସ୍ମାଙ୍କ ପରିବାର ଚାହୁଁ ନ ଥିଲେ। ଏହି କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଇଥିଲା।


# ଗଜା ହେଲା ୬ କୋଟି ଟଙ୍କାର ଗହମ-ବୁଟ



**ଭୋପାଳ:** ଲଗାତାର ବର୍ଷା ଯୋଗୁ ଦେଶର ବହୁ ରାଜ୍ୟରେ ବନ୍ୟା ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶରେ ବାଲାଘାଟର ଗୁଗଲେଠାରେ ଥିବା ଏକ ଗୋଦାମ ଘରେ ବନ୍ୟା ପାଣି ପଶିଯିବାରୁ ଏଠାରେ ଥିବା ୧୦ ହଜାରରୁ ଅଧିକ ବସ୍ତା ଗହମ ଏବଂ ବୁଟ ବଜା ହୋଇଯାଇଛି। ଏହାର ଆନୁମାନିକ ଦାମ ୬ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଗରିବଙ୍କ ପାଇଁ ରଖାଯାଇଥିବା ଦାନା ନଷ୍ଟ ହୋଇଯାଇଛି। ଦୁଇଦିନ ଧରି ଗୋଦାମ ଘରେ ବନ୍ୟା ପାଣି ଜମି ରହିଥିଲା। ଏହାପରେ ଧିରେଧୀରେ ପାଣି କମିଥିଲା। କର୍ମଚାରୀ ଗୋଦାମ ଖୋଲିଥିଲେ। ତେବେ ଗହମ ନଷ୍ଟ ହୋଇ ଯାଇଥିବାବେଳେ ବୁଟରୁ ଗଜା ହୋଇଯାଇଥିବା ଜିଲା ଖାଦ୍ୟ ପ୍ରବନ୍ଧକ ମନୋହର ପାଟିଲ ସୂଚନା ଦେଇଛନ୍ତି। ଗହମ ଏବଂ ବୁଟକୁ ଶୁଖାଇବାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବନ୍ୟା ଯୋଗୁ ବାଲାଘାଟ ଅଞ୍ଚଳରେ ୧୦୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି। ବନ୍ୟାରେ ୧୦୦୦ରୁ ଅଧିକ ଘର ଭାଙ୍ଗିଯାଇଛି।

# ମେଲ୍ ବକ୍ସରୁ ଚିଠି ଖାଇଗଲା ଛେଳି

**ଆ**ଜିକାଲି ସୋସିଆଲ ମିଡିଆରେ ବିଭିନ୍ନ ମଜାଳିଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେମିତି ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଭିଡିଓରେ ଗୋଟିଏ ଛେଳି ମେଲ ବକ୍ସରୁ ସମସ୍ତ ଚିଠି ଖାଇଦେବାର ଦେଖାଯାଇଛି। ଭିଡିଓଟି ଆମେରିକାର ଆଲାବାମା ସହରର ଟୋକ୍ସିର ବୋଲି କୁହାଯାଉଛି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓ କ୍ଲିପରେ ଛେଳିଟି ରାସ୍ତା ପାର୍ଶ୍ୱରେ ଥିବା ମେଲବାକ୍ସରୁ ଚିଠି ଖାଉଥିବା ଦେଖାଯାଇଥିଲା। ଜଣେ ମହିଳା ସେଠାରେ ବୁଲୁଥିବାବେଳେ ଏହି ଭିଡିଓଟି ପ୍ରସ୍ତୁତ କରି ଫେସବୁକରେ ଛାଡିଥିଲେ। ଏହା ପରେ ଭିଡିଓ ଭାଇରାଲ ହୋଇଥିଲା। ଛେଳି ଚିଠି ଖାଉଥିବା ଭିଡିଓକୁ ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷରୁ ଅଧିକଥର ଦେଖାଯାଇଛି। ୨ ହଜାରରୁ ଅଧିକ ଲୋକ ଏହାକୁ ପସନ୍ଦ କରିଛନ୍ତି ଏବଂ ଶେୟାର କରିଛନ୍ତି। ସୋସିଆଲ ମିଡିଆ ୟୁଜର୍ସମାନେ ମଧ୍ୟ ଏହି ଭିଡିଓ ବିଷୟରେ ଅନେକ ମଜାଳିଆ ମନ୍ତବ୍ୟ ଦେଉଛନ୍ତି। ଜଣେ ୟୁଜର୍ସ ଏହି ଭିଡିଓରେ ଲେଖିଛନ୍ତି ଯେ ଚିଠି ହଜିଲେ ଡାକଘର ଦାୟୀ ରହିବ ନାହିଁ। ଅନ୍ୟ କେହି ତାକୁ ଗିରଫ କର ବୋଲି କହିଛନ୍ତି।





# ସାନିଟାଇଜରରେ ଥିବା ମିଥାନଲ୍ ଆଖିକୁ ନଷ୍ଟ କରିପାରେ





**ନୂଆଦିଲ୍ଲୀ:** ଦେଶରେ କରୋନା ମହାମାରୀ ସଂକ୍ରମଣ ଜାରି ରହିଛି। ସଂକ୍ରମଣରୁ ଦୂରେଇ ରହିବା ପାଇଁ ନିୟମିତ ଅନ୍ତରରେ ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ମାସ୍କ୍ ପିନ୍ଧିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ହାତ ସଫା ରଖିବା ପାଇଁ ବଜାରରେ ବିଭିନ୍ନ କମ୍ପାନୀର ବହୁ ପ୍ରକାର ସାନିଟାଇଜର ମିଳୁଛି। ତେବେ ଏଥିରେ କ୍ଷତିକାରକ ମିଥାନଲ ରହିଛି। ଏହା ଆଖିରେ ଲାଗିଲେ ଖରାପ ବୋଲି କଞ୍ଜ୍ୟୁମର ଗାଇଡାନ୍ସ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ସାନିଟାଇଜର ଆଖିକୁ ନଷ୍ଟ କରିଦେବାର ଆଶଙ୍କ ଥିବା ଏଥିରେ ଦର୍ଶାଯାଇଛି। କଞ୍ଜ୍ୟୁମର ଗାଇଡାନ୍ସ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୧୨୨ଟି ସାନିଟାଇଜରର ନମୁନା ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ କେତେକରେ ମିଥାନଲ୍ ଥିବା ଜଣାପଡ଼ିଛି। ଅଗଷ୍ଟ ୩୧ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଦେଶର ମୁମ୍ବାଇ ସମେତ ଅନ୍ୟ ସହରରେ ବିକ୍ରି ହେଉଥିବା ସାନିଟାଇଜରରେ ଏଭଳି କ୍ଷତିକାରକ ତତ୍ତ୍ୱ ଥିବା ରିପୋର୍ଟ ଦର୍ଶାଯାଇଛି। ତେବେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନରେ ହାତ ଧୋଇବା ସୁରକ୍ଷିତ ବୋଲି ରିପୋର୍ଟରେ କୁହାଯାଇଛି।

# ଅନୁଷ୍କାଙ୍କ ଚମତ୍କାରୀ ପୋଷାକର ଦାମ୍‌କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଭାରତୀୟ କ୍ରିକେଟ ଦଳର କ୍ୟାପଟେନ ବିରାଟ କୋହଲି ଏବେ ଖୁବ୍ ଚର୍ଚ୍ଚାରେ। କାରଣ ନିକଟରେ ଅନୁଷ୍କା ମା' ହେବା ଖବର ବିରାଟ ଜଣାଇବା ପରେ ଏବେ ଏମାନଙ୍କୁ ନେଇ ଚର୍ଚ୍ଚା ଜାରି ରହିଛି। ଏମାନଙ୍କ ପ୍ରଶଂସକଙ୍କର ସବୁଠାରୁ ବେଶୀ ଦୃଷ୍ଟି ଆକର୍ଷଣ କରିଛି ଅନୁଷ୍କା ଶର୍ମା ଯେଉଁ ଡ୍ରେସ୍ ପିନ୍ଧି ମା' ହେବା ଖବରର ଫଟୋଟି ଶେୟାର କରିଛନ୍ତି। ଏହାକୁ ଏକ ଚମତ୍କାରୀ ପୋଷାକ ବୋଲି କୁହାଯାଉଛି। କାରଣ ହେଉଛି ନିକଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପତ୍ନୀ ନତାଶା ବି ଏହି ଡ୍ରେସ୍‌ରେ ନଜର ଆସିଥିଲେ। ନତାଶା ନିକଟରେ ମା' ହୋଇଛନ୍ତି। ତେଣୁ ଏହି ପୋଷାକର ଗର୍ଭଧାରଣ ସହ କିଛି ସ୍ୱତନ୍ତ୍ର ସମ୍ପର୍କ ରହିଛି ବୋଲି କୁହାଯାଉଛି। ବ୍ଲାକ କଲରରେ ଧଳା ଡଟ୍ସ ଥିବା ଏହି ଡ୍ରେସ ଏବେ ବିରୁଷ୍କାଙ୍କ ପ୍ରଶଂସକଙ୍କୁ ବେଶ୍ ଆକର୍ଷିତ କରିଛି। କେବଳ ଏହାର ଚମତ୍କାରିତା ପାଇଁ ନୁହେଁ ଏବେ ଏହି ପୋଷାକଟି ତା'ର ଦାମ୍‌କୁ ନେଇ ମଧ୍ୟ ଚର୍ଚ୍ଚାକୁ ଆସିଛି। ଏହା ଏକ ଅଷ୍ଟ୍ରେଲିଆ ବ୍ରାଣ୍ଡ ଲାବେଲ ନିକୋଲସର ହୋଇଥିବା ବେଳେ କୁହାଯାଉଛି କି ଅନୁଷ୍କାଙ୍କ ଏହି ଡ୍ରେସର ଦାମ୍ କୁଆଡ଼େ ୪୫ ହଜାର ଟଙ୍କା। ନିକଟରେ ଏହି ଡ୍ରେସ ପିନ୍ଧି ଅନୁଷ୍କା ବିରାଟଙ୍କ ସହ ଏକ ଫଟୋ ଶେୟାର କରିବା ସହ ଲେଖିଥିଲେ, ଏବେ ଆମେ ୨ରୁ ୩ ହେବାକୁ ଯାଉଛୁ। ଏହାପରେ ସେମାନଙ୍କ ନିକଟକୁ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି।




# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ହରିହର ସାହୁ**
ଟିକ୍ରାପଡ଼ା, ବଲାଙ୍ଗୀର
ଆବିର୍ଭାବ: ୧୨।୦୭।୧୯୨୮
ତିରୋଧାନ: ୨୪।୦୮।୨୦୨୦

ହେ ପୂଜ୍ୟ ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମ୍ଳାନ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କ ଅମରଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକାଭିଭୂତ:** ଡାକ୍ତର ନରେନ୍ଦ୍ର କୁମାର ସାହୁ, ଶ୍ରୀମତୀ ସରୋଜିନୀ ସାହୁ, ଶ୍ରୀ ସୁରେନ୍ଦ୍ର କୁମାର ସାହୁ, ଶ୍ରୀ ଦେବେନ୍ଦ୍ର କୁମାର ସାହୁ, ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଲିଲି, ସୁଜାତା, ରାନୁ, ଗୀତା, ସାନି, ବବ୍‌ଲୁ, ଟିକୁଲୁ, ପିଙ୍କି, ଆଲୋକ, ଆସୁ, ରିଙ୍କି, ଶୌମିକ, ବିକି, ମୁନି, କୁନି, ବର୍ଣ୍ଣି, ସ୍ୱେଟି, କୁନି, ସୋନୁ, ସମୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୮୧୦୫

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସବିତା କୁମାରୀ ଦାଶ**
Plot No. 2310/11, Maa Santosinagar, Lane - 2, Mandiapali, Ganjam
ଆବିର୍ଭାବ: ୦୧।୦୪।୧୯୬୧
ତିରୋଧାନ: ୨୩।୦୮।୨୦୨୦

ଆପଣ ଆମ ଗହଣରେ ନାହାନ୍ତି କିନ୍ତୁ ଆପଣଙ୍କ ଉପସ୍ଥିତି ଆମେ ସବୁବେଳେ ଅନୁଭବ କରିବୁ। ଆପଣଙ୍କ ଶ୍ରଦ୍ଧା, ତ୍ୟାଗ ଓ ପରୋପକାରୀ ସବୁଦିନ ଆମ ପାଇଁ ପ୍ରେରଣାର ଉସ ହୋଇ ରହୁ। ଆପଣଙ୍କ ଅମରଆତ୍ମା ଶ୍ରୀଜଗନ୍ନାଥଙ୍କ ଚରଣରେ ଚିରଶାନ୍ତି ଓ ସଦ୍‌ଗତି ଲାଭ କରୁ।
**ଶୋକସନ୍ତପ୍ତ:** ସ୍ୱାମୀ: ଗିରିଶ ଦାଶ, ପୁଅ: ସାନ୍ତନୁ ଦାଶ, ଝିଅ: ସନ୍ତୋଷିନୀ ଦାଶ, ପରିବାର ଓ ବନ୍ଧୁବର୍ଗ।

ଧ-୧୮୧୦୨

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଶ୍ରୀ ଲକ୍ଷ୍ମୀନାରାୟଣ ମହାପାତ୍ର, ଶିକ୍ଷକ**
କୂଳସରିଚୁଆଁ, ୪୨ ମୌଜା, କଟକ
ଆବିର୍ଭାବ: ୨୨।୦୫।୧୯୩୬
ତିରୋଧାନ: ୨୪।୦୮।୨୦୨୦

ପିଲାଟି ବେଳୁ ଘାତ ପ୍ରତିଘାତ ମଧ୍ୟରେ ସେ ପ୍ରତି କୂଳରେ ସଂଗ୍ରାମ କରି ଶିକ୍ଷକତା କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ହାଇସ୍କୁଲରେ ତଥା ପାର୍ଶ୍ୱ ଗ୍ରାମମାନଙ୍କରେ ସମସ୍ତଙ୍କର ସେ ପ୍ରିୟ ଶିକ୍ଷକ ଥିଲେ। ସ୍କୁଲରେ ପିଲାମାନେ ତାଙ୍କୁ ଏନ୍.ସି.ସି. ସାର୍ ଭାବେ ଜାଣନ୍ତି। ସେ ସ୍ୱାଭିମାନ ରକ୍ଷା ସହ ୫ଟି କନ୍ୟାର ଜନକ ହୋଇ ମଧ୍ୟ ଲୋଭାର୍ଥ ହୋଇ ସ୍କୁଲ ପିଲାଙ୍କୁ ଟିଉସନ କରୁ ନ ଥିଲେ। ବରଂ ଦୁର୍ବଳ ଛାତ୍ରଙ୍କୁ ୧ ଘଣ୍ଟା ସ୍କୁଲରେ ରହି ପଢ଼ାଉଥିଲେ। ଏପରି ଜଣେ ଆଦର୍ଶ ଶିକ୍ଷକଙ୍କ ତିରୋଧାନରେ ତାଙ୍କର ଛାତ୍ରଛାତ୍ରୀ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ବାନ୍ଧବ, ଭାଇ, ପୁତୁରା, ଝିଆରୀ, ପୁତୁରାବୋହୂ ଦୁଃଖରେ ମ୍ରିୟମାଣ। ଶ୍ରୀଜଗନ୍ନାଥ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ଏହି ପ୍ରାର୍ଥନା।

ଧ-୧୮୧୦୩

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପର୍ଶୁରାମ ଜେନା**
ପ୍ରାକ୍ତନ ଅଧକ୍ଷ, ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର
ଆବିର୍ଭାବ : ୧୦.୦୫.୧୯୬୮
ତିରୋଧାନ : ୧୯.୦୮.୨୦୨୦

ଆଜି ତୁମ ଏକାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ବାପା (ସୁରେନ୍ଦ୍ର), ସ୍ତ୍ରୀ (ମୀନାକ୍ଷୀ), ଝିଅ (ପ୍ରଜ୍ଞା ତେଜସ୍ୱିନୀ), ଭାଇ (ପିତାମ୍ବର ଓ ନୀଳକଣ୍ଠ), ପରିବାରବର୍ଗ ଏବଂ "ବାଣୀବିହାର-୯୦"ର ବନ୍ଧୁମାନେ

ଧ-୧୮୧୦୦

# ଡବଲ ହ୍ୟାଟ୍ରିକ୍


ବବି ମିଶ୍ର

ଅଭିନେତା ବବି ମିଶ୍ର ଖୁବ୍‌ଶୀଘ୍ର ନୂଆ ରୂପରେ ଦେଖାଦେବେ। ଅବଶ୍ୟ 'ଜୟଶ୍ରୀରାମ' ଚଳଚ୍ଚିତ୍ରର ନାୟକ ସାଜିବା ପରେ ସେ ଅନେକ ସିନେମାରେ ଖଳନାୟକ, ଚରିତ୍ର ଅଭିନେତା, କମେଡି ଆଦି ରୋଲ୍‌ରେ ନିଜ ଦକ୍ଷତା ଦେଖାଇସାରିଛନ୍ତି। ହେଲେ ଏହାପୂର୍ବରୁ ସେ ଓଡ଼ିଆ ଆଲବମ୍ ଜଗତରେ ସେ କେତେ ସୁନାମ ଅର୍ଜନ କରିଛନ୍ତି ତାହା କହିବା ବାହୁଲ୍ୟ। ଏବେ ସେ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଛନ୍ତି। ତାଙ୍କ ପ୍ରଯୋଜିତ ତଥା ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ 'ଫ୍ଲପ୍ ସିନେମା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ବର୍ତ୍ତମାନ ସେ ସିରିଜ ସିନେମାର ନିର୍ମାଣ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ବବି କହନ୍ତି, 'ମୋର ହୋମ ବ୍ୟାନର 'ବବି ମିଶ୍ର ଏଣ୍ଟରଟେନମେଣ୍ଟ'ରେ ଏକାଥରେ ଛଅଟି ସିନେମା ନିର୍ମାଣ କରିବାକୁ ଯୋଜନା କରିଛି। ଖୁବ୍‌ଶୀଘ୍ର ଏକାଥରେ ଦୁଇଟି ସିନେମାର ଶୁଟିଂ ଆରମ୍ଭ ହେବ। ଗୋଟିଏ ସିନେମା 'ଭିଲିଆନ୍'ର ନିର୍ଦ୍ଦେଶନା ଦେବେ ନିରଞ୍ଜନ ବେହେରା ଏବଂ ଅନ୍ୟ ଅନଟାଇଟଲଡ ଫିଲ୍ମର ଏହି ଦାୟିତ୍ୱ ତୁଲାଇବେ ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଅନ୍ୟପକ୍ଷରେ ଅବଶିଷ୍ଟ ସିନେମା ବିଷୟରେ ସବିଶେଷ ତଥ୍ୟ ମୁଁ ଖୁବ୍‌ଶୀଘ୍ର ଘୋଷଣା କରିବି।' ତାଙ୍କ ଦ୍ୱାରା ପ୍ରଯୋଜିତ 'ଫ୍ଲପ ସିନେମା' ଏବଂ ପ୍ରାରମ୍ଭିକ କାମ ଚାଲିଥିବା 'ଭିଲିଆନ୍'ର ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଅଭିଜିତ ମଜୁମଦାର। ତେବେ ଜଣେ ଅଭିନେତା ଭାବରେ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବବି ପ୍ରଯୋଜକ ଭାବରେ ସଫଳତା ହାସଲ କରିବାକୁ ଆଶା ରଖିଛନ୍ତି।

# ବଲିଉଡ୍ ହାଲ୍‌ଚାଲ୍

- ନୂଆ ହିନ୍ଦୀ ସିନେମା 'ଭୁତ୍ ପୋଲିସ୍'ରେ ସୈଫ ଅଲ୍ଲୀ ଖାଁଙ୍କ ସହ ଅର୍ଜୁନ କପୁର ଅଭିନୟ କରିବେ। ହରର କମେଡିଭିତ୍ତିକ କାହାଣୀକୁ ଆଧାର କରି ଏହା ନିର୍ମିତ ହେବ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ପଓ୍ୱନ କ୍ରିପାଲିନି।
- ସୁପରହିଟ୍ ମାଲାୟାଲମ ଫିଲ୍ମ 'ଆଞ୍ଜାମ ପଥିରା'ର ହିନ୍ଦୀ ରିମେକ ହେବାକୁ ଯାଉଛି। ରିଲାଏନ୍ସ ଏଣ୍ଟରପ୍ରାଇଜେସ ଏବଂ ଆସୀକ ଉସମାନ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରସ୍ତୁତ ହେବାକୁ ଯାଉଛି। ଜଣେ ସିରିଏଲ୍ କିଲର୍‌ର ଜୀବନୀକୁ ନେଇ ଏହା ନିର୍ମିତ ହେବ।
- ରଣବୀର ସିଂ-ସାରା ଅଲ୍ଲୀ ଖାଁ ଅଭିନୀତ 'ସିମ୍ବା' ଏବଂ ହ୍ରିତିକ ରୋଶନଙ୍କ 'ସୁପର ଥାର୍ଟି' ପୁଣି ଥରେ ଆମେରିକାରେ ରିଲିଜ ହେବାକୁ ଯାଉଛି।
- ହିନ୍ଦୀ ସିନେମା 'ଡଲି କିଟି ଔର ଚମକ୍‌ତେ ସିତାରେଁ' ଚଳିତ ମାସରେ ଓଟିଟି ଫର୍ମାଟରେ ରିଲିଜ ହେବ। ଭୂମି ପେଦେନକର ଏବଂ କୋଙ୍କଣ ସେନଶର୍ମା ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଲଙ୍କ୍ରିତା ଶ୍ରୀବାସ୍ତବ।
- ଅକ୍ଷୟ କୁମାରଙ୍କ 'ବେଲ୍ ବଟମ୍'ର ଶୁଟିଂ ସ୍କଟଲ୍ୟାଣ୍ଡରେ ଚାଲିଛି। ଏଥିରେ ଲାରା ଦତ୍ତା ଏବଂ ହୁମା କ୍ୟୁରେସୀ ମଧ୍ୟ ଅଭିନୟ କରୁଛନ୍ତି।
- ସ୍ୱରା ଭାସ୍କର ନିକଟରେ କେତୋଟି ଭଲ ଅଫର ହାତଛଡା କରିଛନ୍ତି। କାରଣ ଏହି ଫିଲ୍ମର କାହାଣୀ ତାଙ୍କୁ ପ୍ରଭାବିତ କରିପାରି ନ ଥିଲା। ଏଣିକି କାହାଣୀ ଅନୁଯାୟୀ ଆବଶ୍ୟକତା ନ ଥିଲେ ସେ ବୋଲ୍ଡ ଶଟ୍ ଦେବେ ନାହିଁ ବୋଲି କହି ବୁଲୁଛନ୍ତି।


ଅକ୍ଷୟ କୁମାର

# ଅପେକ୍ଷାର ଫଳ ମିଠା

ସତରେ ଅପେକ୍ଷାର ଫଳ ମିଠା। ହେଲେ ସେଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ନିକଟରେ ଜ୍ୟାକଲିନ୍ ଫର୍ନାଡିସ୍ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍, ସେ ଏକ ଚାଲେଞ୍ଜିଂ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହୁଁଥିଲେ, ଆଉ ତାଙ୍କୁ ଏପରି ଏକ ରୋଲ୍ ମିଳିଯାଇଛି। ଏ ନେଇ ଜ୍ୟାକଲିନ୍ କହନ୍ତି, 'ନିକଟରେ ମୁଁ ଦୁଇଟି ହିନ୍ଦୀ ସିନେମା ସାଇନ୍ କରିଛି, ହେଲେ ଏହି ଫିଲ୍ମଦ୍ୱୟର ଟାଇଟଲ ଫାଇନାଲ ହୋଇନାହିଁ। ଏଗୁଡିକର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ଏଥିରେ ମୋତେ ମିଳିଥିବା ଭୂମିକାଦ୍ୱୟ ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ। ମୋ କ୍ୟାରିୟର ପାଇଁ ମୁଁ ବେଶ୍ ସଚେତନ। ବଲିଉଡ୍‌ରେ ତରବର ହୋଇ ଆଗେଇଲେ କିଛି ଲାଭ ନାହିଁ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେ ନେଇ ଭଲ ଭାବରେ ଚିନ୍ତା କରିବି।' ତେବେ ନିକଟରେ ଜ୍ୟାକଲିନ୍ ସାଇନ୍ କରିଥିବା ଫିଲ୍ମଦ୍ୱୟ ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଖୋଜୁଛନ୍ତି ରମେଶ



ଓଲିଉଡ୍‌ର ଅନ୍ୟତମ ଆଗଧାଡିର ଯୁବ ପ୍ରଯୋଜକ ରମେଶ ବାରିକ। ନିକଟରେ ତାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ମହାବାହୁ'ର ମହୁରତ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ ଦୁଇ ବର୍ଷ ଗ୍ୟାପ୍ ପରେ ଅଭିନେତାରୁ ନେତା ସାଜିଥିବା ଆକାଶଦାସ ନାୟକ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ପ୍ରକୃତି ମିଶ୍ର। ଖାସ୍ କଥା ହେଲା, ଏଥିରେ ଆଉ ଜଣେ ନାୟିକାଙ୍କୁ ଦେଖିବାକୁ ମିଳିବ। ହେଲେ ସେ ନେଇ ଶେଷ ନିଷ୍ପତ୍ତିରେ ପହଞ୍ଚିପାରି ନାହାନ୍ତି ରମେଶ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ଭିନ୍ନ ଧରଣର। କାରଣ ପୂର୍ବରୁ ମୁଁ ଯେଉଁ ସିନେମାଗୁଡିକୁ ନିର୍ମାଣ କରିଛି ତାହାର କାହାଣୀରେ ଡିଫରେଣ୍ଟ ଚାର୍ମ ରହିଛି। 'ମହାବାହୁ' ସିନେମାରେ କିଏ ଆଉ ଜଣେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବ ସେ ନେଇ ମୁଁ ମୋର ନାୟିକା ମିଶନ ଜାରି ରଖିଛି। ମନଲାଖି ନାୟିକାଟିଏ ମିଳିଗଲେ ସେ ନେଇ ମୁଁ ସମସ୍ତଙ୍କୁ ଜଣାଇ ଦେବି।' ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଶ୍ରୀତମ ଦାସ ଏବଂ ସଙ୍ଗୀତ ଦାୟିତ୍ୱ ତୁଲାଇବେ ପ୍ରେମ ଆନନ୍ଦ।

# ଅତୀତରୁ..

- 'ଏଇ ଝିଅଟିର ପାଦ ଟଳମଳ ଗୋଡ଼ ଖସିଯିବ ବାଟରେ' ଏବଂ 'ପତି ପାଦେ ମିଳେ ପୁଣ୍ୟରେ ସକଳ ତୀର୍ଥ ଧାମ' ଗୀତ ଦୁଇଟି ସେ ସମୟରେ ବେଶ୍ ହିଟ୍ ହୋଇଥିଲା। ଏହି ଗୀତଦ୍ୱୟ ଦୃଶ୍ୟାୟିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ସତୀ ଅନସୂୟା'ରେ। ଏହାର ଗୀତଗୁଡ଼ିକର ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ପ୍ରଫୁଲ୍ଲ କର। ଏ. ସଞ୍ଜୀବ ରାଓଙ୍କ ନିର୍ଦ୍ଦେଶନାରେ ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ରୋଜାରମଣି, ମହାଶ୍ୱେତା ଏବଂ ନରେନ୍ଦ୍ର ମିଶ୍ର ପ୍ରମୁଖ କଳାକାର।
- ସୁଜାତା ଆର୍ଟସ ପିକ୍ଚର୍ସ ବ୍ରହ୍ମପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଶଙ୍ଖ ମହୁରି'। ଏହାର ପ୍ରଯୋଜକ ଥିଲେ ମନମୋହନ ଦାସ ଏବଂ ମିଳିତ ଭାବରେ ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ) ଏବଂ ଆର.ଜି. ଗୋପ। ସଙ୍ଗୀତ ନିର୍ଦ୍ଦେଶକ ସାଜିଥିଲେ ବାଳକୃଷ୍ଣ ଦାଶ। ଅଜିତ ଦାସ, ମହାଶ୍ୱେତା, ଅନୀତା ଦାସ ଏବଂ ନରିଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।
- ୧୯୭୬ରେ ପରଦା ଉପରକୁ ଆସିଥିଲା ପୌରାଣିକ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'। ନ୍ୟୁଲାଇଫ ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟିର ପ୍ରଯୋଜନା କରିବା ସହ ନାୟକ ସାଜିଥିଲେ ଗୋବିନ୍ଦ ତେଜ୍। ନିତାଇ ପାଲିତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଥିଲେ ଶ୍ରୀ କୁମାର।

# ସମାଜସେବାରେ ମନ


ଆହାନା

'ଭୈରବ' ସିନେମାରୁ ଆହାନାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏବେ ସେ ସମାଜସେବା କ୍ଷେତ୍ରରେ ପାଦ ରଖିଛନ୍ତି। ନିକଟରେ ଲଘୁଚାପଜନିତ ବର୍ଷା ପାଇଁ ଯାଜପୁର ସମେତ ଆମ ରାଜ୍ୟର କେତେକ ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏହି ସମୟରେ ଯାଜପୁରର ଜେନାପୁର ଅନ୍ତର୍ଗତ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଥିଲେ। 'ଏବେ ତ ଆମ ରାଜ୍ୟର କେତେକ ଅଞ୍ଚଳରେ ବନ୍ୟା ଦେଖାଦେଇଛି। ଏହି ସମୟରେ ମୁଁ ମୋ ଟିମ୍ ସହ ଯାଜପୁର ଜିଲା ଜେନାପୁର ଏରିଆରେ ପହଞ୍ଚି ବନ୍ୟାବିପନ୍ନ ଲୋକମାନଙ୍କୁ ମୋ ତରଫରୁ ଖାଦ୍ୟ ବାଣ୍ଟିଥିଲି। ଖୁବ୍‌ଶୀଘ୍ର ପୁଣି ଥରେ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିବାକୁ ଯୋଜନା କରିଛି। ଏହାବ୍ୟତୀତ ମୁଁ ନାରୀ ସୁରକ୍ଷା କାର୍ଯ୍ୟକ୍ରମ ସହ ନିଜକୁ ଜଡିତ ରଖିଛି। ଏହାବ୍ୟତୀତ କିଛିବର୍ଷ ହେଲା ଭିନ୍ନକ୍ଷମ ପିଲାଙ୍କୁ ସାହାଯ୍ୟ କରିଆସୁଛି ବୋଲି କହନ୍ତି ଆହାନା।'

# ରକୁଲ୍‌ଙ୍କ ଖୁସି



ରକୁଲ୍ ପ୍ରୀତ୍ ସିଂଙ୍କ ଖୁସି କହିଲେ ନ ସରେ। କାରଣ ସେ ଯାହା ଆଶା କରୁଥିଲେ ତାହା ପୂରଣ ହୋଇଛି। କଥା କ'ଣ ଅଜୟ ଦେବଗନଙ୍କ ସହ ସେ 'ଦେ ଦେ ପ୍ୟାର୍ ଦେ'ରେ ଅଭିନୟ କରିଥିଲେ। ଏବେ ସେ ପୁଣି ଥରେ ତାଙ୍କ ସହ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି। ପ୍ରଯୋଜକ ଇନ୍ଦ୍ର କୁମାରଙ୍କ ଆଗାମୀ ଅନଟାଇଟଲଡ୍ ଫିଲ୍ମର ନାୟିକା ଭୂମିକା ପାଇଁ ତାଙ୍କୁ ସାଇନ୍ କରାଯାଇଛି। ଫିଲ୍ମଟି କମେଡି କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି। ରକୁଲ ୨୦୧୪ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ୟାରିୟାଁ'। ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି। କରୋନା ନିୟମାବଳୀ ଅନୁସରଣ କରି ଫିଲ୍ମ ଶୁଟିଂ ପାଇଁ ଅନୁମତି ମିଳିବା ପରେ ଏହାର ଶୁଟିଂ ଗୋରେଗାଓସ୍ଥିତ ଫିଲ୍ମସିଟିରେ ଚାଲୁ ରହିଛି। ଏଥିରେ ରକୁଲ୍‌ଙ୍କ ନାୟକ ସାଜିଛନ୍ତି ଅର୍ଜୁନ କପୁର।

# ଆଇଟମ୍‌କୁ ନା


ଅନନ୍ୟା

ନବାଗତା ଅନନ୍ୟା ପାଣ୍ଡେ। ଚଙ୍କି ପାଣ୍ଡେଙ୍କ ଏହି କନ୍ୟା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନବାଗତା ନାୟିକା ଭାବରେ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଥିଲେ। ହେଲେ ନିକଟରେ ସେ ଏକ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ସେ କୁଆଡେ ଆଇଟମ୍ ନମ୍ବରରେ ନାଚିବେ ନାହିଁ। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋ କ୍ୟାରିୟରରେ ମୁଁ କଦାପି ଆଇଟମ ନମ୍ବରରେ ନାଚିବି ନାହିଁ। ନିକଟରେ ଏଥିପାଇଁ ମୁଁ କେତୋଟି ଅଫର ହାତଛଡା କରିଛି। ଏ ନେଇ ମୋର ଟିକେ ହେଲେ ଅନୁଶୋଚନା ନାହିଁ। ଆଲୋଚନା ହେଉଛି ଯେ ମୁଁ କୁଆଡେ ନିଜର ରେମ୍ୟୁନିରେଶନ ବଢ଼ାଇ ଦେଇଛି। ହେଲେ ଏପରି ଆଲୋଚନା ପଛରେ ଆଦୌ ସତ୍ୟତା ନାହିଁ।' ଦେଖାଯାଉ, ନିଜ କଥାରେ ଅନନ୍ୟା କେତେ ଦୃଢ଼ ରହୁଛନ୍ତି।

ଧରିତ୍ରୀ
DHARITRI


www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ସେପ୍ଟେମ୍ବର ୩/୨୦୨୦ Thursday, September 3/2020


## ସଂକ୍ଷେପରେ

### ମେସିଙ୍କ ଭବିଷ୍ୟତ ସମ୍ପର୍କରେ ବିଚାର ପାଇଁ ବାର୍ସିଲୋନାରେ ପହଞ୍ଚିଲେ ପିତା

**ବାର୍ସିଲୋନା,୨।୯(ଏପି):** ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ପିତା ଜର୍ଜ ଆର୍ଜେଣ୍ଟିନାରୁ ସିଧା ବାର୍ସିଲୋନାରେ ପହଞ୍ଚିଛନ୍ତି। ମେସିଙ୍କ ଭବିଷ୍ୟତ ସଂକ୍ରାନ୍ତରେ ଆଲୋଚନା କରିବାକୁ ସେ ବାର୍ସିଲୋନା କ୍ଲବର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଜର୍ଜ ମଧ ମେସିଙ୍କ ଏଜେଣ୍ଟ ଭାବେ କାର୍ଯ୍ୟକରନ୍ତି। ସେ କ୍ଲବ୍ ଅଧକ୍ଷ ଜୋସେଫ ବାର୍ଟୋମିୟୁ ଓ ଅନ୍ୟ ଅଧିକାରୀଙ୍କ ସହ ଭେଟି ଆଲୋଚନା କରିବେ ବୋଲି ଆଶା କରାଯାଉଛି। ତେବେ ଏହି ବୈଠକ କେବେ ବସିବ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏ ସଂକ୍ରାନ୍ତରେ କିଛି ଜାଣି ନାହିଁ ବୋଲି ଜର୍ଜ କହିଛନ୍ତି। ଗତ ସପ୍ତାହରେ ମେସି କ୍ଲବ୍ ଛାଡିବାକୁ ବାର୍ସିଲୋନାକୁ କହିଥିଲେ। ଫଳରେ ବିବାଦ ସୃଷ୍ଟି ହୋଇଥିଲା। ମେସିଙ୍କ ଚୁକ୍ତି ୨୦୨୧ ଜୁନ୍ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଯଦି ମେସି ବାର୍ସିଲୋନା ଛାଡିବାକୁ ଚାହାନ୍ତି ତା'ହେଲେ ୭୦୦ ମିଲିୟନ ୟୁରୋ ଦେବାକୁ କ୍ଲବ ତରଫରୁ କୁହାଯାଇଛି। ୨୦ ବର୍ଷ ତଳେ ମେସି ବାର୍ସିଲୋନାରୁ ହିଁ କ୍ୟାରିୟର ଆରମ୍ଭ କରିଥିଲେ। ଏହି କ୍ଲବ ସହିତ ଜଡିତ ରହି ମେସି ତାଙ୍କ କ୍ୟାରିୟର ଶେଷ କରନ୍ତୁ ବୋଲି ବାର୍ସିଲୋନା ଚାହୁଁଛି। ଏ ନେଇ ମେସିଙ୍କୁ ବୁଝାଇବାକୁ ବାର୍ସିଲୋନ ପ୍ରୟାସ କରିଆସୁଛି ବୋଲି କ୍ଲବ ତରଫରୁ କୁହାଯାଇଛି। ନିଜ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବା ପରେ ମେସି କ୍ଲବ ଅଧିକାରୀଙ୍କ ସହ କୌଣସି ଆଲୋଚନା କରିନାହାନ୍ତି। ଅଗଷ୍ଟ ୧୪ରେ ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବାର୍ସିଲୋନା ୮-୨ ଗୋଲରେ ବେୟର୍ନ ମ୍ୟୁନିକ୍‌ଠାରୁ ପରାସ୍ତ ହୋଇଥିଲା। ଏହା ବାର୍ସିଲୋନା ପାଇଁ ସର୍ବବୃହତ୍ ପରାଜୟ ସାବ୍ୟସ୍ତ ହୋଇଥିଲା।

### ଅବଦୁଲ ଜବାରଙ୍କ ପରଲୋକ



**କଟକ ଅଫିସ,୨।୯:** ରାଜ୍ୟର ଖ୍ୟାତନାମା ଫୁଟବଲ ଖେଳାଳି ଅବଦୁଲ ଜବାରଙ୍କର ୮୫ବର୍ଷ ବୟସରେ ପରଲୋକ ଘଟିଛି। ଅବଦୁଲ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ ଦେଶର ଏକ ପ୍ରମୁଖ ଫୁଟବଲ କ୍ଲବ ମହମ୍ମଡାନ ସ୍ପୋର୍ଟିଂ ପକ୍ଷରୁ ମଧ ଖେଳିଥିଲେ। ଝାରସୁଗୁଡ଼ା ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍‌ରେ ସେ ଚାକିରି ଜୀବନ ଅତିବାହିତ କରିଥିଲେ। ଅବଦୁଲ ହେଉଛନ୍ତି ପୂର୍ବତନ ଜାତୀୟ ମହିଳା ଫୁଟବଲ ଦଳର କୋଚ୍ ମହମ୍ମଦ ସହିଦ ଜବାରଙ୍କ ପିତା। ଅବଦୁଲଙ୍କ ମୃତ୍ୟୁ ଖବର ପାଇ ଅନେକ ଫୁଟବଲ ଖେଳାଳି, କ୍ରୀଡ଼ାପ୍ରେମୀ, କ୍ରୀଡ଼ା ସଙ୍ଗଠକ ତାଙ୍କ ଝୋଲାସାହିସ୍ଥିତ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶୋକବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ମଧ ଗଭୀର ଶୋକ ପ୍ରକାଶ କରାଯାଇଛି।

### ମାଲିଙ୍ଗାଙ୍କ ସ୍ଥାନରେ ପ୍ୟାଟିନସନ

**ଆବୁ ଧାବି, ୨।୯(ପି.ଟି.):** ଶ୍ରୀଲଙ୍କାର ଲସିଥ ମାଲିଙ୍ଗାଙ୍କ ବଦଳ ଖେଳାଳିଭାବେ ଗତଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ ହୋଇଛନ୍ତି ଅଷ୍ଟ୍ରେଲିଆନ ସ୍ପିଡ୍‌ଷ୍ଟର ଜେମ୍ସ ପ୍ୟାଟିନସନ। ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ବ୍ୟକ୍ତିଗତ କାରଣ ଦର୍ଶାଇ ମାଲିଙ୍ଗା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଆଗାମୀ ସଂସ୍କରଣରେ ଉପଲବ୍ଧ ହେବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଚଳିତ ସପ୍ତାହ ଶେଷରେ ପ୍ୟାଟିନସନ ଦଳରେ ଯୋଗଦେବେ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ବିଗତ ବର୍ଷ ମାନଙ୍କରେ ମୁମ୍ବାଇ ଇଣ୍ଡିଆନ୍ସର ସଫଳତାରେ ମାଲିଙ୍ଗା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଥିଲେ।

# ଗ୍ରାଣ୍ଡସ୍ଲାମ ଟେନିସରେ ନାଗାଲଙ୍କ ଚମକ

**ନ୍ୟୁୟର୍କ, ୨।୯(ପି.ଟି.)**

ଦୀର୍ଘ ୭ ବର୍ଷ ବ୍ୟବଧାନରେ ପ୍ରଥମ ଭାରତୀୟ ଭାବେ ସୁମିତ ନାଗାଲ କୌଣସି ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଛନ୍ତି। ଏଠାରେ ଚାଲିଥିବା ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ଆମେରିକାର ବ୍ରାଡ୍‌ଲି କ୍ଲାନ୍‌ଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ନାଗାଲ ବିଶ୍ୱର ୩ ନମ୍ବର ଖେଳାଳି ଡୋମିନିକ୍ ଥିମ୍‌ଙ୍କୁ ଭେଟିବେ।

ଗତବର୍ଷ ଫ୍ଲସିଙ୍ଗ୍ ମାଡୋସରେ

**ୟୁଏସ୍ ଓପନ**

ରୋଜର ଫେଡରରଙ୍କୁ ଏକ ସେଟ୍‌ରେ ପଛରେ ପକାଇ ଦେଇଥିବା ନାଗାଲ ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ କରି ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ କ୍ଲାନ୍‌ଙ୍କୁ ୬-୧, ୬-୩, ୩-୬, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ମଙ୍ଗଳବାର ରାତିରେ ଏହି ମ୍ୟାଚଟି ୨ ଘଣ୍ଟା ୧୨ ମିନିଟ ଧରି ଚାଲିଥିଲା। ପୂର୍ବରୁ ଭାରତର ସୋମଦେବ ଦେବବର୍ମନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟ ଡ୍ରରେ ପ୍ରବେଶ କରି ଗୋଟିଏ ରାଉଣ୍ଡ ଜିତିବାକୁ ସକ୍ଷମ ହୋଇଥିଲେ। ୨୦୧୩ରେ ସେ ଏହି ୟୁଏସ ଓପନର ଫାଇନାଲରେ ସ୍ଲୋଭାକିଆର ଲୁକାସ ଲାକୋଙ୍କୁ ଏକ କଡ଼ା ମୁକାବିଲାରେ ପରାସ୍ତ କରିଥିଲେ। ''୨୦୧୩ରେ ମୁଁ ଏହି ପ୍ରତିଯୋଗିତାର ଜୁନିୟର ବିଭାଗ ପାଇଁ ଯୋଗ୍ୟତା ଅର୍ଜନ କରିଥିଲି। ଏଥର ସିନିୟର ପାଇଁ ଯୋଗ୍ୟତା ପାଇବା ଏବଂ ପ୍ରଥମ ରାଉଣ୍ଡ ଜିତିବା ମୋ ପାଇଁ ବହୁତ କିଛି। ମୁଁ ଏଠାରେ ଖେଳକୁ ଉପଭୋଗ କରିଥାଏ ଏବଂ ଅନେକଥର ଭାଗ୍ୟ ମୋତେ ସାଥ୍ ଦେଇଛି'' ବୋଲି ନାଗାଲ ପ୍ରକାଶ କରିଛନ୍ତି। ୨୦୧୭ ଜାନୁୟାରୀରେ ଅବସର ନେଇଥିବା ସୋମଦେବ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ୍ ଓପନ ଓ ୟୁଏସ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିଲେ। ଏହା ବ୍ୟତୀତ ସେ ୨୦୧୧ରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମରେ ମଧ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିଥିଲେ। ସୋମଦେବଙ୍କ ପରେ ୟୁକି ଭାମ୍ବ୍ରି, ରାମକୁମାର ରାମନାଥନ ଓ ପ୍ରଜନେଶ ଗୁଣେଶ୍ୱରନଙ୍କ ପରି ଅନେକ ପ୍ରତିଭାବାନ ଖେଳାଳି ଆସିଛନ୍ତି। ମାତ୍ର କେହି ଗ୍ରାଣ୍ଡସ୍ଲାମର ମୁଖ୍ୟ ଡ୍ର'ରେ ପ୍ରବେଶ କରିପାରି ନାହାନ୍ତି। ସାକେଥ ମାୟନେନି ୨୦୧୬ରେ ୟୁଏସ ଓପନ ପ୍ରଥମ ରାଉଣ୍ଡ ଖେଳିଥିଲେ ହେଁ ପ୍ରଥମ ରାଉଣ୍ଡରେ ଚେକ୍ ରିପବ୍ଲିକର ଜିରି ଭେସଲିଙ୍କଠାରୁ ହାରି ଯାଇଥିଲେ।



ପ୍ରଥମ ରାଉଣ୍ଡରେ ଶଟ୍ ଖେଳିବା ଅବସରରେ ସୁମିତ ନାଗାଲ।

# ଟି୨୦ ସିରିଜ ଡ୍ର'

**ମାଞ୍ଚେଷ୍ଟର,୨।୯(ଏପି)**

ଚଳିତ ଇଂଲଣ୍ଡ ଗସ୍ତରେ ପାକିସ୍ତାନ ତା'ର ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପାକିସ୍ତାନ ୫ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି। ଟସ୍ ଜିତି ଇଂଲଣ୍ଡ ପାକିସ୍ତାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ମହମ୍ମଦ ହାଫିଜ୍ ଓ ପଦାର୍ପଣ କରିଥିବା ହାଇଦର ଅଲୀ ଦମ୍‌ଦାର ପ୍ରଦର୍ଶନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୧୮୫ ରନରେ ସୀମିତ ରହି ବିଜୟଠାରୁ ୬ ରନ ଦୂରରେ ରହିଯାଇଥିଲା। ୫୨ ବଲରୁ ୪ ଚୌକା ଓ ୬ ଛକା ବଳରେ ଦ୍ରୁତ ଅପରାଜିତ ୮୬ ରନ କରିଥିବା ହାଫିଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

୧୯୧ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଚାପର ବଶବର୍ତ୍ତୀ ହୋଇଥିଲା। ଓପନର ଟମ୍ ବାଣ୍ଟନ ୪୬, ମୋଇନ ଅଲୀ ୬୧, ସାମ ବିଲିଙ୍ଗ୍ସ ୨୬, ଅଧିନାୟକ ଇଅନ ମୋର୍ଗାନ ୧୦, ଲୁଇସ୍ ଗ୍ରେଗୋରୀ ୧୨ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଶାହିନ ଶାହ ଆଫ୍ରିଦି ଓ ୱାହାବ ରିୟାଜ ୨ଟି ଲେଖାଏ, ଇମାଦ ୱାସିମ ଓ ହାରିସ ରୌଫ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଓପନର ତଥା ବାବର ଆଜମ ୨୧ ରନ କରି ଆଉଟ ହୋଇଥିଲେ। ପ୍ରଥମେ ଫଖର ଜମାନ ୧ ରନ କରି ଆଉଟ ହୋଇଥିଲେ ଓ ପାକିସ୍ତାନ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୧୯ ବର୍ଷୀୟ ନବାଗତ ହାଇଦର ଅଲୀ ୩୩ ବଲରୁ ୫ ଚୌକା ଓ ୨ ଛକା

**ତୃତୀୟ ଟି୨୦ରେ ପାକିସ୍ତାନ ୫ ରନ୍‌ରେ ବିଜୟୀ**

ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଅଭିଜ୍ଞତାରୁ ଫାଇଦା ଉଠାଇ ହାଫିଜ୍ ୮୬ ରନର ଉପଯୋଗୀ ପାଳି ଖେଳି ଅପରାଜିତ ରହିବା ସହ ପାକସ୍ତାନକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତୃତୀୟ ଉଇକେଟରେ ହାଫିଜ୍ ଓ ହାଇଦର ୬୧ ବଲରୁ ୧୦୦ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାବ ଖାନ ୧୫ ରନ କରି ଆଉଟ ହୋଇଥିବା ବେଳେ ଇମାଦ ୱାସିମ ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ କ୍ରିସ୍ ଜୋର୍ଡାନ ୨, ମୋଇନ ଅଲି ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମ ଟି୨୦ରେ ବର୍ଷା କାରଣରୁ ଫଳାଫଳ ମିଳି ନ ଥିଲା। ତେବେ ଦ୍ୱିତୀୟ ଟି୨୦ରେ ଇଂଲଣ୍ଡ ୫ ଉଇକେଟରେ ବିଜୟ ହାସଲ କରିଥିଲା।

# ଓଡ଼ିଶା ଏଫସିରେ ମାର୍ସେଲିନୋ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ଅଭିଜ୍ଞ ବ୍ରାଜିଲିଆନ ଫରୱାର୍ଡ ମାର୍ସେଲିନୋ (ମାର୍ସେଲୋ ଲେଇଟେ ପେରେରା)ଙ୍କ ସହିତ ଚୁକ୍ତି କରିଛି ଓଡ଼ିଶା ଏଫସି। ତେଣୁ ଏହି ତାରକା ଖେଳାଳି ଆଗାମୀ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ସିଜନରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିବା ସ୍ପଷ୍ଟ ହୋଇଛି। ବୁଧବାର ମାର୍ସେଲିନୋଙ୍କ ସହ ଏକ ବର୍ଷିଆ ଚୁକ୍ତି କରିଛି ଓଡ଼ିଶା ଏଫସି।

ଜଣେ ଷ୍ଟ୍ରାଇକର, ୱିଙ୍ଗର ଏବଂ ଆକ୍ରମଣାତ୍ମକ ମିଡ୍‌ଫିଲ୍ଡରଭାବେ ପରିଚିତ ମାର୍ସେଲିନୋ ପୂର୍ବରୁ ଆଇଏସଏଲ ସହିତ ଅନେକ ନାମୀ ଲିଗ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୨୦୧୬ ସିଜନରେ ସେ ଦିଲ୍ଲୀ ଡାଇନାମସ ପକ୍ଷରୁ ଖେଳି ୧୫ ମ୍ୟାଚରୁ ୧୦ ଗୋଲ ଦେଇ ଗୋଲ୍ଡେନ ବୁଟ୍ ବିଜେତା ହୋଇଥିଲେ। ତାଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଡାଇନାମସ ଦଳ ପ୍ଲେ-ଅଫ୍ ଖେଳିଥିଲା। ଏହାପରେ ସେ ଏଫସି ପୁଣେ ସିଟି ଏବଂ ହାଇଦ୍ରାବାଦ ଏଫସି ପକ୍ଷରୁ କ୍ରମାଗତ ୩ ସିଜନ ଖେଳିଥିଲେ। ଏପର୍ଯ୍ୟନ୍ତ ସେ ଆଇଏସଏଲରେ ୬୩ଟି ମ୍ୟାଚ ଖେଳି ୩୧ଟି ଗୋଲ ଦେଇଥିବାବେଳେ ୧୮ ଗୋଲ ଦେବାରେ ସାହାଯ୍ୟ କରିଛନ୍ତି। ଆଟଲେଟିକୋ ମାଡ୍ରିଡ୍ 'ବି' ପକ୍ଷରୁ ଖେଳି ପେସାଦାର କ୍ୟାରିୟର ଆରମ୍ଭ କରିଥିବା ଏହି ରିଓ ଡି ଜେନିରୋ ଜନ୍ମିତ ପ୍ଲେମେକର ଆମେରିକା, ଗ୍ରୀସ୍, ସ୍ପେନ, ଇଟାଲୀ ଓ ବ୍ରାଜିଲର ଏକାଧିକ ଦଳ ପକ୍ଷରୁ କ୍ଲବ ଫୁଟବଲ ଖେଳିଛନ୍ତି।

ମାର୍ସେଲିନୋଙ୍କୁ କ୍ଲବକୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫସି ସଭାପତି ରୋହନ ଶର୍ମା। ''ଜୀବନ ସତରେ ଅଦ୍ଭୁତ ଓ ସୁନ୍ଦର। ଦୀର୍ଘଦିନ ପରେ ମାର୍ସେଲିନୋ ଆମ ନିକଟକୁ ଫେରିଆସିବା ଖୁସିର କଥା। ଏବେ ସେ ଆଇଏସଏଲ୍‌ର ତୃତୀୟ ସର୍ବାଧିକ ଗୋଲ ସ୍କୋରର। ଆଗାମୀ ସିଜନରେ ତାଙ୍କ ନିକଟରୁ ଆଉ କିଛି



ମାର୍ସେଲିନୋ

ଚମତ୍କାରିତା ଦେଖିବାକୁ ମିଳିବା ଆଶା ରହିଛି। ଆଗାମୀ ସିଜନ ପାଇଁ ତାଙ୍କର ଅନେକ ଯୋଜନା ଅଛି। ଆମେ ଏଥର ଓଡ଼ିଶାକୁ ଟ୍ରଫି ଆଣିବାକୁ ଚାହୁଁଛୁ'' ବୋଲି ରୋହନ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦିଲ୍ଲୀ ଡାଇନାମସ ଦଳ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ହେବାପରେ ଓଡ଼ିଶା ଏଫସିରେ ପରିଣତ ହୋଇଛି। ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି ଯେ, ଭାରତୀୟ ଫୁଟବଲରେ ଖେଳିବାର ଅଭିଜ୍ଞତା ରଖିଥିବାରୁ ମାର୍ସେଲିନୋଙ୍କ ଉପସ୍ଥିତି ଆମପାଇଁ ଉପାଦେୟ ହେବ।


# ଉବର କପ୍‌ରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ,୨।୯(ପି.ଟି.):** ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ସ ରୌପ୍ୟପଦକ ବିଜୟିନୀ ପି.ଭି. ସିନ୍ଧୁ ଆସନ୍ତାମାସରେ ଆୟୋଜନ ହେବାକୁ ଥିବା ଉବର କପ୍ ଫାଇନାଲ୍ସରୁ ଓହରିଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରୁ ସେ ଓହରିଯାଇଛନ୍ତି। ସେ ମଧ ଡେନ୍‌ମାର୍କରେ ଖେଳାଯିବାକୁ ଥିବା ଆଗାମୀ ସୁପର ୭୫୦ ନ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଡେନ୍‌ମାର୍କର ଅରହୁସ୍‌ରେ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଥୋମାସ ଓ ଉବର କପ୍ ଫାଇନାଲ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ପରିବର୍ତ୍ତିତ କ୍ୟାଲେଣ୍ଡରରେ ପ୍ରଥମଥର ପାଇଁ ଡେନ୍‌ମାର୍କରେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳାଯିବ। ଥୋମାସ ଓ ଉବର କପ୍ ଫାଇନାଲ୍ସରେ ସିନ୍ଧୁ ଅଂଶଗ୍ରହଣ କରିବେ ନାହିଁ ବୋଲି ତାଙ୍କ ପିତା ପି.ଭି. ରମନ୍ନା କହିଛନ୍ତି। ତାଙ୍କର କିଛି ବ୍ୟକ୍ତିଗତ କାର୍ଯ୍ୟ ରହିଛି। ତେଣୁ ଦୁର୍ଭାଗ୍ୟଜନକ ଭାବେ ସେ ଏହି ଟୁର୍ନାମେଣ୍ଟରେ ଯୋଗ ଦେଇପାରିବେ ନାହିଁ ବୋଲି ରମନ୍ନା କହିଛନ୍ତି। ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ)କୁ ଏ ନେଇ ସୂଚନା ଦେଇଛୁ ବୋଲି ସେ କହିଛନ୍ତି। ଥୋମାସ ଓ ଉବର କପ୍ ଫାଇନାଲ୍ସ ପରେ ଡେନ୍‌ମାର୍କ ଓପନ ୧ ଅକ୍ଟୋବର ୧୩ରୁ ୧୮ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଡେନମାର୍କ ମାଷ୍ଟର୍ସ ଏହି ମାସ ୨୦ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବ।

# ସେରେନା ଜିତିଲେ, ଭେନସ ହାରିଲେ

**ନ୍ୟୁୟର୍କ, ୨।୯(ଏପି)**

ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସେରେନା ୱିଲିୟମ୍ସ ବିଜୟୀ ହୋଇଥିବାବେଳେ ତାଙ୍କ ବଡ଼ ଭଉଣୀ ଭେନସ ପରାଜିତ ହୋଇଛନ୍ତି। ଚଳିତ ମାସରେ ୩୯ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ସେରେନା ପ୍ରଥମ ରାଉଣ୍ଡରେ କ୍ରିଷ୍ଟି ଆହନ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ୟୁଏସ ଓପନରେ ଏହାଥିଲା ତାଙ୍କର ୧୦୨ତମ ବିଜୟ। ଏଥିସହ ପେସାଦାର ଯୁଗରେ ସେ ସର୍ବାଧିକ ମ୍ୟାଚ ବିଜୟରେ କ୍ରିସ୍ ଏଭର୍ଟଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଅନ୍ୟପକ୍ଷରେ ୪୦ ବର୍ଷୀୟା ଭେନସ ନିଜର ୨୨ଥର ପଦାର୍ପଣରେ ପ୍ରଥମଥର ପାଇଁ ପ୍ରଥମ ରାଉଣ୍ଡରେ କାରୋଲିନା ମୁଚୋଭାଙ୍କଠାରୁ ୩-୬, ୫-୭ ସେଟ୍‌ରେ ହାରି ଯାଇଛନ୍ତି। ଗତ ୫ଟି ଗ୍ରାଣ୍ଡସ୍ଲାମରୁ ୪ର୍ଥ ଥରପାଇଁ ଭେନସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେହିପରି ଦୀର୍ଘ ୮ ବର୍ଷ ପରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ କ୍ଲାଇଷ୍ଟର୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ଏକ୍‌ଟେରିନା ଆଲେକ୍ସାଣ୍ଡ୍ରୋଭାଙ୍କଠାରୁ ୬-୩, ୫-୭, ୧-୬ ସେଟ୍‌ରେ ପରାଜିତ ହୋଇଛନ୍ତି। ପୂର୍ବତନ ଚାମ୍ପିୟନ ଆମେରିକାର ସ୍ଲୋଆନେ ଷ୍ଟିଫେନ୍ସ କିନ୍ତୁ ନିଜର ପ୍ରଥମ ରାଉଣ୍ଡ ମ୍ୟାଚରେ ରୋମାନିଆର ମିହାଲା ବୁଜାର୍ନେସ୍କୁଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ୨୦୧୭ରେ ସ୍ଲୋଆନେ ଏଠାରେ ଟାଇଟଲ ହାସଲ କରିଥିଲେ।



ସେରେନା ୱିଲିୟମ୍ସ

### ମୁରେଙ୍କ କଷ୍ଟସାଧ ବିଜୟ

ବ୍ରିଟେନର ଆଣ୍ଡି ମୁରେ କଷ୍ଟସାଧ ବିଜୟ ସହ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପାଖାପାଖି ୨୦ ମାସପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳୁଥିବା ମୁରେ ପ୍ରଥମ ୨ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଲଢୁଆ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲେ। ଆର୍ଥର ଆଶ୍ ଷ୍ଟାଡିୟମରେ ୪ ଘଣ୍ଟା ୩୯ ମିନିଟଧରି ଚାଲିଥିବା ମ୍ୟାଚରେ ଜାପାନର ୟୋଶିହିତୋ ନିଶିଓକାଙ୍କଠାରୁ କଡ଼ା ଚ୍ୟାଲେଞ୍ଜ ପାଇବାପରେ ସେ ୪-୬, ୪-୬, ୭-୬(୫), ୭-୬(୪), ୬-୪ ସେଟ୍‌ରେ ବିଜୟ ହାସଲ କରିଥିଲେ। ମ୍ୟାଚ ପରେ ମୁରେ ଆଇସ୍ ବାଥ୍ କରିଥିଲେ। ଗତବର୍ଷ ଏହି ପ୍ରତିଯୋଗିତାରେ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ଡାନିଲ ମେଡଭେଡେଭ ଏଥର ପ୍ରଥମ ରାଉଣ୍ଡରେ ଫେଡରିକୋ ଡେଲବୋନିସଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

# ପ୍ରତ୍ୟାବର୍ତ୍ତନ ଆଶାରେ ରାଇନା

**ନୂଆଦିଲ୍ଲୀ,୨।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିବା ପରେ ଭାରତୀୟ ପୂର୍ବତନ କ୍ରିକେଟର ସୁରେଶ ରାଇନା ମୁହଁ ଖୋଲିଛନ୍ତି। ନିଜ ପରିବାର ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲି। ତେବେ ପୁଣି ଥରେ ଦୁବାଇ ଯାଇ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରେ ଯୋଗ ଦେଇ ପାରେ ବୋଲି ସେ କହିଛନ୍ତି। ଆଇପିଏଲ୍ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୧୫ ତାରିଖରେ ରାଇନା ତାଙ୍କ ପ୍ରିୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପଦାନୁସରଣ କରି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଦୀର୍ଘଦିନର ଫ୍ରଞ୍ଚାଇଜ୍ ସହିତ ତାଙ୍କର ମତପାର୍ଥକ୍ୟ ହୋଇଥିବା ନେଇ ଆଲୋଚନାକୁ ସେ ଖଣ୍ଡନ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ୧୩ଟି କୋଭିଡ୍-୧୯ କେସ୍ ଦେଖିବାକୁ ମିଳିଛି। ଏଥିରେ ଦୁଇ ଖେଳାଳି ସାମିଲ ରହିଛନ୍ତି। ଏହି କାରଣରୁ ରାଇନା ଆଇପିଏଲ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଆଲୋଚନା ହେଉଛି।

**ଆଇପିଏଲ୍ ୨୦୨୦**

ଓହରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଥିଲା। ପରିବାର ପାଇଁ ମୋତେ ଫେରିବାକୁ ପଡିଥିଲା। ସିଏସ୍‌କେ ମଧ ମୋ ପାଇଁ ଏକ ପରିବାର ଭଳି। ସେହିପରି ମାହି ଭାଇ (ମହେନ୍ଦ୍ର ସିଂ ଧୋନୀ) ମୋ ପାଇଁ ବେଶ୍ ଗୁରୁତ୍ୱ ବହନ କରନ୍ତି। ସିଏସ୍‌କେ ଓ ମୋ ମଧ୍ୟରେ କୌଣସି ମତପାର୍ଥକ୍ୟ ନାହିଁ। ବିନା କାରଣରେ ଏ ଭଳି ସ୍ଥିତିରେ ଓହରିବାକୁ ନିଷ୍ପତ୍ତି ନେଇନାହିଁ। ଆହୁରି ୪-୫ ବର୍ଷ ଆଇପିଏଲ୍ ଖେଳିପାରିବି। ଦୁବାଇରେ ସିଏସ୍‌କେ ଦଳ ସହ ଯୋଗ ଦେବି ବୋଲି ରାଇନା ସୂଚନା ଦେଇଛନ୍ତି। କ୍ୱାରାଣ୍ଟାଇନ୍‌ରେ ମଧ ଅଭ୍ୟାସ କରୁଥିଲି। ତେଣୁ ପୁଣି ଥରେ ସିଏସ୍‌କେ ଶିବିରରେ ଯୋଗ ଦେଇପାରେ ବୋଲି ରାଇନା କହିଛନ୍ତି।



ସୁରେଶ ରାଇନା

# 'ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେବ'

**ନୂଆଦିଲ୍ଲୀ, ୨।୯(ପି.ଟି.):** ସୁରେଶ ରାଇନା ମୋ ପୁଅ ଭଳି। ତେବେ ମୁଁ ତାଙ୍କ ମାଲିକ ନୁହେଁ। ଏକଥା କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମାଲିକ ଏନ୍ ଶ୍ରୀନିବାସନ । ରାଇନା ହଠାତ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିବା ପରେ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ ଚର୍ଚ୍ଚା ହେଉଛି। ଏ ନେଇ ଶ୍ରୀନିବାସନ ନିଜର ମତ ରଖିଛନ୍ତି। ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅଧକ୍ଷତାରେ ଟିମ୍ ମ୍ୟାନେଜମେଣ୍ଟ ରାଇନାଙ୍କ ପ୍ରତ୍ୟାବର୍ତ୍ତନ ନେଇ ନିଷ୍ପତ୍ତି ନେବ ବୋଲି ଶ୍ରୀନିବାସନ ସ୍ପଷ୍ଟ କରିଛନ୍ତି।

ଗତ ସପ୍ତାହରେ ଦୀପକ ଜହରଙ୍କ ସମେତ ସିଏସ୍‌କେ ଦଳରେ ୧୩ଟି କୋଭିଡ୍-୧୯ କେସ୍ ଦେଖିବାକୁ ମିଳିଥିଲା। ତେବେ ଜୈବ ସୁରକ୍ଷିତ ପରିବେଶ ବା ବାୟୋ ବବଲର ଉଲ୍ଲଂଘନ ନେଇ ବିବାଦ ସୃଷ୍ଟି ହୋଇଥିଲା। ଖେଳାଳିମାନେ ଏହାକୁ ଖଣ୍ଡନ କରିଥିଲେ। ରାଇନା ଓହରିଯିବା ପରେ ପୂର୍ବତନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ଶ୍ରୀନିବାସନ ଅସନ୍ତୋଷ ଜାହିର କରିଥିଲେ। ତେବେ ପରେ ସେ ନରମ ସ୍ୱଭାବ ପ୍ରଦର୍ଶନ କରିଥିଲେ।

ରାଇନାଙ୍କୁ ପୁଅ ଭଳି ଦେଖେ। କ୍ରିକେଟ ମାମଲାରେ ଫ୍ରାଞ୍ଚାଇଜ୍ କେବେ ମୁଣ୍ଡ ପୂରାଏନି। ୬୦ ଦଶକରୁ ଇଣ୍ଡିଆ ସିମେଣ୍ଟ କ୍ରିକେଟ ପରିଚାଳନା କରୁଛି। ଏହି ଆଭିମୁଖ୍ୟକୁ ଆମେ ଆଗକୁ ମଧ ବଜାୟ ରଖିବୁ। ତେବେ ରାଇନାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ମୋର କିଛି କରିବାର ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ନେଇ ନିଷ୍ପତ୍ତି ନେବାର ଅଧିକାର ମଧ ମୋର ନାହିଁ। ଆମେ ଟିମ୍ ତଥା ଫ୍ରାଞ୍ଚାଇଜ୍‌ର ମାଲିକ। କିନ୍ତୁ ଖେଳାଳିଙ୍କର ନୁହେଁ। ରାଇନାଙ୍କ ସମେତ କୌଣସି ଖେଳାଳିଙ୍କର ମାଲିକ ମୁଁ ନୁହେଁ। ଏ ସମ୍ପର୍କରେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେବ। ଅଧିନାୟକ ଧୋନୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ କେ.ଏସ୍. ବିଶ୍ୱନାଥଙ୍କ ଉପରେ ସବୁ କିଛି ନିର୍ଭର କରେ। ମୁଁ କ୍ରିକେଟ ଅଧିନାୟକ ନୁହେଁ। ଦଳରେ କିଏ ଖେଳିବ ଓ ନ ଖେଳିବ ସେ ନେଇ କେବେ ନିଜର ମତ ଦେଇନାହିଁ। କ୍ରିକେଟ ବ୍ୟାପାରରେ ମୁଣ୍ଡ କେବେ ଖେଳାଇନାହିଁ ବୋଲି ସେ କହିଛନ୍ତି।



ଏନ୍ ଶ୍ରୀନିବାସନ




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ